
# ଜାଣିଲେ ଜିଣିବା

(ପଞ୍ଚାୟତ ଲୋକପ୍ରତିନିଧିଙ୍କ ନିମନ୍ତେ ସହାୟକ ପୁସ୍ତିକା)



cysd 25 sowing the seeds of change...

ସି. ୱାଇ.ଏସ୍. ଡ଼ି, ଭୁବନେଶ୍ୱର-୭୫୧୦୧୩



# ଉତ୍ସର୍ଗ

ଓଡିଶା ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସମସ୍ତ ଲୋକ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ଏହି ପୁସ୍ତିକାଟି ଉତ୍ସର୍ଗ କଲୁ। ଆଶା, ଉଦ୍ଦେଶ୍ୟ ସାର୍ଥକ ହେବ ଏବଂ ଗାଁ ସହିତ ରାଜ୍ୟର ଭାଗ୍ୟ ବଦଳିବ।

# ଜାଣିଲେ ଜିଣିବା

(ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ ସହାୟକ ପୁସ୍ତିକା)

**ଦ୍ୱିତୀୟ ଭାଗ, ତୃତୀୟ ସଂସ୍କରଣ**

**ପ୍ରକାଶନ କାଳ: ମାର୍ଚ୍ଚ ୨୦୦୭**

**ପ୍ରକାଶକ:** ***cysd*****,** ଇ -୧, ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ଏରିଆ, ଭୁବନେଶ୍ୱର - ୭୫୧୦୧୩

# ଜାଣିଲେ ଜିଣିବା

ଜାଣିଲେ ହିଁ ଜିଣିବା । ଜାଣିଲେ ହିଁ ଆଗକୁ ବଢିବା । ଜାଣିବା ବା ସୂଚନା ପ୍ରାପ୍ତ କରିବା ବର୍ତ୍ତମାନର ସୂଚନା ଓ ପ୍ରଯୁକ୍ତି ଯୁଗରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ, କୃଷି କ୍ଷେତ୍ର ଠାରୁ ପ୍ରଯୁକ୍ତି ବିଦ୍ୟା ପର୍ଯ୍ୟନ୍ତ ଯାହା ପାଖରେ ସୂଚନା ଅଧିକ ସେ ସେତେ ଆଗରେ । ଭାରତ ବର୍ଷର ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତ୍ୟେକ ନାଗରିକଙ୍କର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଗଣତନ୍ତ୍ରକୁ ପରିପୃଷ୍ଟ କରିବା ପାଇଁ ସାଧାରଣ ଜନତାଙ୍କ ସୂଚନାର ସ୍ତର ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ତୃଣମୂଳ ଗଣତନ୍ତ୍ର ଅଥବା ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଭାରତବର୍ଷର ମୂଳଦୂଆ । ଏହି ବ୍ୟବସ୍ଥା ସହ ପ୍ରତ୍ୟକ୍ଷ୍ୟରୂପେ ସାମିଲ ଥିବା ସମସ୍ତ ପ୍ରତିନିଧି ଓ ଜନସାଧାରଣ ସେମାନେ ସେମାନଙ୍କର ପଞ୍ଚାୟତିରାଜ ସଂପର୍କିତ ସୂଚନାର ସ୍ତରକୁ ଯଥେଷ୍ଟ ବୃଦ୍ଧି କରିବା ଉଚିତ୍ । ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କହିଲେ କ'ଣ ବୁଝାଏ, ପଲ୍ଲୀସଭା ଓ ଗ୍ରାମସଭା କ'ଣ, ଏଥିରେ କିଏ ସଭାପତିତ୍ୱ କରନ୍ତି, କେଉଁ ୨୯ଟି ବିଷୟରେ ପଞ୍ଚାୟତର କ୍ଷମତା କ'ଣ କ'ଣ ଅଛି, ଅନାହାର ମୃତ୍ୟୁରେ ପଞ୍ଚାୟତ କ'ଣ କରିବ, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସବୁ କଣ କରିବା ପାଇଁ କ୍ଷମତା ପ୍ରାପ୍ତ ଇତ୍ୟାଦି ବିଷୟରେ ଆମ ସମସ୍ତଙ୍କର ସ୍ୱଷ୍ଟତା ରହିବା ଉଚିତ । ନହେଲେ ତୃଣମୂଳ ଗଣତନ୍ତ୍ର ଶାସନ ବ୍ୟବସ୍ଥା ତାର ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯିବ ।


ଏଇ ନିକଟରେ ପଞ୍ଚାୟତିରାଜ ନିର୍ବାଚନ ସରିଛି । ଏଥିରେ ୮୭୫୪୭ ଜଣ ୱାର୍ଡମେମ୍ବର, ୬୨୩୪ ଗ୍ରାମ ପଞ୍ଚାୟତ, ୬୨୩୩ ପଞ୍ଚାୟତ ସମିତି ମେମ୍ବର ଓ ୮୫୪ ଜଣ ଜିଲ୍ଲା ପରିଷଦ ମେମ୍ବର ନିର୍ବାଚିତ ହୋଇ ତୃଣମୂଳ ଶାସନ ବ୍ୟବସ୍ଥାରେ ସାମିଲ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ମହିଳା ପ୍ରତିନିଧି ବିଭିନ୍ନ ପଦପଦବୀରେ ନିର୍ବାଚିତ ହୋଇଛନ୍ତି । ଏଥିସହ ଅଧିକାଂଶ ପ୍ରତିନିଧି ସଂପୂର୍ଣ୍ଣରୂପେ ନୂଆକରି ଏହି ପ୍ରକ୍ରିୟାରେ ସାମିଲ ହୋଇଥିବେ । ତେଣୁ ନୂଆ କରି ନିର୍ବାଚିତ ହୋଇଥିବା ଏବଂ ପୁନଃ ନିର୍ବାଚିତ ହୋଇଥିବା ପ୍ରତିନିଧିମାନେ ପଞ୍ଚାୟତିରାଜ ବ୍ୟବସ୍ଥା ସଂପର୍କରେ ଅଧିକରୁ ଅଧିକ ଜାଣିବା ଆବଶ୍ୟକ । ଜାଣିଲେ ପ୍ରତିନିଧିମାନେ ଦକ୍ଷତାର ସହ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଚଲାଇପାରିବେ ଓ ସାମାଜିକ ବିକାଶ ପ୍ରକ୍ରିୟାର ଗତିକୁ ତ୍ୱରାନ୍ୱିତ କରିବେ ।

ଏହି ପୁସ୍ତକ ତୃତୀୟଥର ପାଇଁ ପ୍ରକାଶିତ ହେଉଛି । କିନ୍ତୁ ଏହି ପ୍ରକାଶନରେ ପଞ୍ଚାୟତ ବ୍ୟବସ୍ଥାରେ ହୋଇଥିବା କେତେକ ପରିବର୍ତ୍ତନ ଗୁଡିକୁ ମଧ୍ୟ ସାମିଲ କରାଯାଇଛି । ଆଶା, ଏହି ପୁସ୍ତକଟି ପଞ୍ଚାୟତ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକଙ୍କ ନିମନ୍ତେ ସହାୟକ ହେବ ।

*'ଗ୍ରାମ ସ୍ୱରାଜ' ପ୍ରତିଷ୍ଠା ଆମ ସମସ୍ତଙ୍କର ସଂକଳ୍ପ ହେଉ ।*

**ସି. ୱାଇ. ଏସ୍.ଡି**

**ଭୁବନେଶ୍ୱର - ୧୩**




ଯୋଜନା :


- ଉପରୁ ଲଦି ଦିଆଯାଏ
- ପ୍ରସ୍ତୁତିରେ ଗାଁଲୋକଙ୍କ ସହଭାଗିତା ନଥାଏ
- ସ୍ଥାନୀୟ ଆବଶ୍ୟକତାନୁସାରେ ହୁଏ ନାହିଁ

ଯୋଜନା :

- ଗାଁ ସ୍ତରରୁ ପ୍ରସ୍ତୁତ ହୋଇ ରାଜ୍ୟ ସ୍ତର ଆଡକୁ ଯାଏ
- ଗାଁ ଲୋକେ ନିଜେ ଯୋଜନା ପ୍ରସ୍ତୁତ କରନ୍ତି
- ଲବ୍ଧ ସମ୍ବଳ ଓ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ହୁଏ

# ସୂଚୀପତ୍ର


| କ୍ର. ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ପଞ୍ଚାୟତିରାଜ ବ୍ୟବସ୍ଥା | ୦୧ |
| ୨. | ଗ୍ରାମ ପଞ୍ଚାୟତର କ୍ଷମତା ଓ କାର୍ଯ୍ୟ | ୦୫ |
| ୩. | ପଲ୍ଲୀସଭା ଓ ଗ୍ରାମସଭା | ୧୭ |
| ୪. | ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତିରାଜ | ୨୫ |
| ୫. | ଗ୍ରାମ ପଞ୍ଚାୟତ ସ୍ଥାୟୀ କମିଟି ଓ ଅର୍ଥ ବ୍ୟବସ୍ଥା | ୩୩ |
| ୬. | ପଞ୍ଚାୟତିରାଜ ବ୍ୟବସ୍ଥା ଓ ମହିଳା | ୩୬ |
| ୭. | ପ୍ରାକୃତିକ ବିପର୍ଯ୍ୟୟ ଓ ପଞ୍ଚାୟତ | ୩୮ |
| ୮. | ଓଡ଼ିଶା ପଞ୍ଚାୟତ ସମିତି ଆଇନ୍ | ୪୦ |
| ୯. | ଓଡ଼ିଶା ଜିଲ୍ଲା ପରିଷଦ ଆଇନ୍ | ୪୩ |
| ୧୦. | ରାଜ୍ୟ ଅର୍ଥ କମିଶନ | ୪୫ |
| ୧୧. | ରାଜ୍ୟ ନିର୍ବାଚନ କମିଶନ | ୪୭ |
| ୧୨. | ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ କ୍ଷମତା ହସ୍ତାନ୍ତର | ୪୮ |


ଭାରତୀୟ
ସମ୍ବିଧାନ
ନୂଆ
ପଞ୍ଚାୟତିରାଜ
ଆଇନ

# ପଞ୍ଚାୟତିରାଜ ବ୍ୟବସ୍ଥା

ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ଶାସନ। କ୍ଷମତାର ବିକେନ୍ଦ୍ରୀକରଣ କରି ଲୋକଙ୍କ ହାତରେ ଅଧିକ କ୍ଷମତା ଦେବା ପାଇଁ 'ପଞ୍ଚାୟତିରାଜ ବ୍ୟବସ୍ଥା' ପ୍ରଚଳିତ ହୋଇଛି। ଗାନ୍ଧିଜୀଙ୍କ ଭାଷାରେ 'କୋଡ଼ିଏ ଜଣ ଲୋକ ଦିଲ୍ଲୀରେ ବସି ଶାସନ କରିବାକୁ ଗଣତନ୍ତ୍ର କୁହାଯାଇନପାରେ।' ଭାରତପରି ଏକ ଗ୍ରାମବହୁଳ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ କେନ୍ଦ୍ର ଓ ରାଜ୍ୟସରକାର ଉଭୟ ବିଭିନ୍ନ ସାମ୍ବହିକ ତଥା ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟସ୍ତ ରହୁଥିବାରୁ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ କରିପାରନ୍ତି ନାହିଁ। ତେଣୁ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ସ୍ଥାନୀୟ ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ଭାରତର ଉଭୟ ଗ୍ରାମ ଓ ସହର ସ୍ତରରେ ରହିଛି। ସହରାଞ୍ଚଳ ସ୍ୱାୟତ୍ତ ଶାସନ ପାଇଁ ନିଗମ, ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଥିଲାବେଳେ ଗ୍ରାମାଞ୍ଚଳ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ରହିଛି। ସ୍ଥାନୀୟ ଶାସନକୁ ପ୍ରାଥମିକ ସ୍ତରର ଗଣତନ୍ତ୍ର ବା ସ୍ୱ-ଶାସନ ବ୍ୟବସ୍ଥା କୁହାଯାଏ।

ଭାରତବର୍ଷର ସର୍ବଶେଷ ଗରିବ ପାଖରେ ବିକାଶର ଯୋଜନା ନେଇ ପହଞ୍ଚିବାର ଉନ୍ନତ ଓ ବ୍ୟବସ୍ଥିତ ମାଧ୍ୟମ ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ଭୌଗଳିକ ଦୃଷ୍ଟି କୋଣରୁ ବିଭିନ୍ନ ଅଞ୍ଚଳକୁ ଚିହ୍ନଟ କରିବା, ଲୋକମାନଙ୍କ ଦ୍ୱାରା ଗ୍ରାମୀଣ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଓ ଲୋକ ନେତୃତ୍ୱର ପ୍ରସାର ଘଟାଇ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଓ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଗତିଶୀଳ ଓ ଲୋକାଭିମୁଖୀ କରାଇବା ପାଇଁ ବଳବନ୍ତରାୟ ମେହେଟ୍ଟା କମିଟିଠାରୁ ଆରମ୍ଭକରି ୭୩ତମ ସମ୍ବିଧାନ ସଂଶୋଧନ ପର୍ଯ୍ୟନ୍ତ ଏକ ଦୀର୍ଘ ସମୟର ପ୍ରୟାସ ଆଜି ଆମକୁ ବିଶ୍ୱର ଶ୍ରେଷ୍ଠ ଗଣତନ୍ତ୍ର ରାଷ୍ଟ୍ରଭାବେ ମାନ୍ୟତା ଦେଇଛି। ୧୯୯୨ ମସିହା ଏପ୍ରିଲ ମାସ ୨୪ ତାରିଖ ଠାରୁ ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ କାର୍ଯ୍ୟକାରୀ ହୋଇଛି। ମହିଳାମାନଙ୍କ ପାଇଁ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ଭାଗ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାଠାରୁ ଆରମ୍ଭକରି ଅନ୍ୟାନ୍ୟ ବହୁ ଲୋକାଭିମୁଖୀ ବିଷୟ ଏହି ସଂଶୋଧନ ଆଇନ୍‌ରେ ମଧ୍ୟ ସ୍ଥାନ ପାଇଛି। ତିନୋଟି ସ୍ତର ଅର୍ଥାତ୍ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦକୁ ନେଇ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ବର୍ତ୍ତମାନ ସାରା ଦେଶରେ କାର୍ଯ୍ୟକାରୀ ହେଉଛି।

## ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍, ୧୯୬୪

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍, ୧୯୬୪ ଓଡ଼ିଶା ରାଜ୍ୟରେ ଥିବା ଗ୍ରାମପଞ୍ଚାୟତ ସଂବନ୍ଧୀୟ ଆଇନ୍‌କୁ ସଂଶୋଧନ କରିବା ଏବଂ ସଶକ୍ତିକରଣ କରିବା ପାଇଁ ଏକ ଆଇନ୍ ଅଟେ। ଭାରତୀୟ ଗଣତନ୍ତ୍ରରେ ପଞ୍ଚଦଶ ସମ୍ବତ୍ସରରେ ଓଡ଼ିଶା ରାଜ୍ୟ ବିଧାନ ପରିଷଦ ଦ୍ୱାରା ଉପରୋକ୍ତ ଆଇନ୍ ପ୍ରଣୟନ କରାଯାଇଛି।

## ଆଇନ୍‌ର ଲକ୍ଷ୍ୟ ଓ କାରଣ

୧୯୪୮ ମସିହାରେ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ପ୍ରଣୟନ କରାଗଲା। ଏହି ଆଇନ୍ ବ୍ୟବସ୍ଥା ଗୁଡ଼ିକୁ କାର୍ଯ୍ୟକାରୀ କରିବା ସମୟରେ, ସମୟାନୁକ୍ରମେ ଏଥିରେ ପରିବର୍ତ୍ତନର ଆବଶ୍ୟକତା ଅନୁଭବ କରାଯାଇଥିଲା ଏବଂ ତଦନୁସାରେ ଇତି ମଧ୍ୟରେ ଏହି

ଆଇନ୍‌ରେ ବହୁ ସଂଶୋଧନ କରାଯାଇଛି । ୧୯୫୭ମସିହାରେ ସାରାରାଜ୍ୟରେ ଥିବା ଗ୍ରାମପଞ୍ଚାୟତଗୁଡ଼ିକର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ନିମନ୍ତେ ସରକାର ଏକ ସମିତି ନିଯୁକ୍ତ କରିଥିଲେ । ଯେ, କି ଅନ୍ୟାନ୍ୟ ବିଷୟ ମଧ୍ୟରୁ ଏହି ଆଇନ୍‌ରେ କୌଣସି ପରିବର୍ତ୍ତନ ଏବଂ ସୁରକ୍ଷାର ଆବଶ୍ୟକତା ଅଛି କି ନାହିଁ ଏବଂ ଏହି ଅନୁଷ୍ଠାନଗୁଡ଼ିକର ଉତ୍ତମ କାର୍ଯ୍ୟକାରୀତା ନିମନ୍ତେ ନିୟନ୍ତ୍ରଣକୁ ସୁଦୃଢ଼ କରିବା ଉପରେ ସରକାରଙ୍କୁ ପରାମର୍ଶ ଦେବେ । ଉତ୍ତମ ଫଳ ପ୍ରଦାନ ପାଇଁ ଏହି ଆଇନ୍ ଏବଂ ତତ୍ ସଂକ୍ରାନ୍ତୀୟ ନିୟମାବଳୀକୁ କିପରି ଉନ୍ନତ କରାଯିବ ଏବଂ ପ୍ରଶାସନିକ ନିୟନ୍ତ୍ରଣକୁ କିପରି ସୁଦୃଢ଼ କରାଯିବ, ସେ ବିଷୟରେ ପଦ୍ଧତି ନିର୍ଣ୍ଣୟ କରିବା ଲାଗି ଏହି ସମିତିକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସମିତି ତାଙ୍କର ବିବରଣୀ ପ୍ରଦାନ କରିଥିଲେ ।

୧୯୬୧ ମସିହା ଜାନୁୟାରୀ ମାସରେ ସାରା ଓଡ଼ିଶାରେ 'ପଞ୍ଚାୟତିରାଜ' ର ପ୍ରଚଳନ ହୋଇଥିଲା ଏବଂ ଏହି ପଦ୍ଧତି ଅନୁଯାୟୀ, ତ୍ରିସ୍ତରୀୟ ବ୍ୟବସ୍ଥା, ଯଥା: ପରିଷଦ, ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକ ପରସ୍ପର ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବେ । ଗ୍ରାମପଞ୍ଚାୟତ ତଦନ୍ତ ସମିତିର ସୁପାରିଶକୁ ପଞ୍ଚାୟତିରାଜରେ ପ୍ରଚଳନ ଫଳରେ ଘଟିଥିବା ପରିବର୍ତ୍ତନ ଏବଂ ରାଜ୍ୟରେ ଥିବା ଗ୍ରାମପଞ୍ଚାୟତଗୁଡ଼ିକର କାର୍ଯ୍ୟକାରିତାରେ ପ୍ରଶାସନିକ ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ଗ୍ରାମପଞ୍ଚାୟତ ସଂବନ୍ଧୀୟ ଆଇନ୍‌କୁ ଦୃଢ଼ କରିବା ସହ ପୁନଃ ପ୍ରଣୟନ କରିବା ଅନିବାର୍ଯ୍ୟ ବୋଲି ଅନୁଭବ କରାଗଲା । ଏହି ଲକ୍ଷ୍ୟ ହାସଲ କରିବା ହେଉଛି ଏହି ବିଲ୍‌ର ଉଦ୍ଦେଶ୍ୟ ।

ମୋଟାମୋଟି ଭାବେ ଓଡ଼ିଶା ଗ୍ରାମପଞ୍ଚାୟତ ଅଧିନିୟମ ୧୯୬୫ ର ବିଭାଗ (୨) (ୟୁ) ଅନୁଯାୟୀ ଏକ ରାଜସ୍ୱ ଗ୍ରାମକୁ ପ୍ରାଥମିକ ସ୍ତରରେ ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ମାନ୍ୟତା ଓ ସ୍ୱୀକୃତି ମିଳିଥିଲା । ନିର୍ବାଚନ ଆଇନ୍ ମୁତାବକ ଗ୍ରାମର ସମସ୍ତ ସଦସ୍ୟଙ୍କୁ ମିଶାଇ 'ଗ୍ରାମଶାସନ' ଗଠନକରାଗଲା ଏବଂ ଗ୍ରାମର ସଦସ୍ୟମାନଙ୍କର ଏକ ସମଷ୍ଟି 'ଗ୍ରାମସଭା' ନାମରେ ନାମିତହେଲା । 'ଗ୍ରାମସଭା' ଓ 'ଗ୍ରାମଶାସନ' ପଞ୍ଚାୟତ ଅଧିନିୟମରେ ପରସ୍ପର ନିର୍ଭରଶୀଳ ହୋଇ ରହିଲେ ଏବଂ 'ଗ୍ରାମପଞ୍ଚାୟତ' ଗ୍ରାମଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ରହି କାର୍ଯ୍ୟକଲେ ।

ସଂବିଧାନର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ 'ଗ୍ରାମସଭା' ଏବଂ 'ଗ୍ରାମପଞ୍ଚାୟତ' ଦୁଇଟି ବିଷୟ ଉଲ୍ଲେଖ ରହିଥିଲେ ମଧ୍ୟ ଓଡ଼ିଶା ଶାସନ ବ୍ୟବସ୍ଥାରେ ସେ ସମୟରେ ଗ୍ରାମସ୍ତରରେ ଏକ ଉପସ୍ତର ସୃଷ୍ଟିକରାଗଲା । ଏହି ଉପସ୍ତରଟିର ନାମ ହେଉଛି 'ପଲ୍ଲୀସଭା', ଯାହାକି ଗ୍ରାମ ଅଧିନରେ ଥିବା ପ୍ରତ୍ୟେକ ଗାଁ ସ୍ତରରେ ଗଠନ କରାଗଲା ।

ଦେଶର ଅନ୍ୟାନ୍ୟ ପଡୋଶୀରାଜ୍ୟ ଭଳି ୬୦ ଦଶକର ଆରମ୍ଭରେ ଓଡ଼ିଶାର ପଞ୍ଚାୟତଗୁଡ଼ିକର ମୌଳିକ ଗଠନ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଥିଲା । ଏହି ଗଠନ ପ୍ରକ୍ରିୟା ତତ୍କାଳୀନ ବଳବନ୍ତରାୟ ମେହେଟ୍ଟା କମିଟିଙ୍କ ସୁପାରିଶ ଅନୁସାରେ ହୋଇଥିଲା । ୧୯୪୮ ମସିହାରେ ଓଡ଼ିଶାର ପ୍ରଥମ ଗ୍ରାମପଞ୍ଚାୟତ ଅଧିନିୟମ ପ୍ରଣୟନ କରାଯାଇ ସେଥିରେ ୧୯୫୪ ମସିହାର ଆଇନ୍ ଅନୁସାରେ ଗଠିତ ଜିଲ୍ଲା ବୋର୍ଡ ଏବଂ ସ୍ଥାୟୀ ବୋର୍ଡ ଦୁଇଟିକୁ ବାଦ୍ ଦିଆଗଲା । ଏହି ସ୍ଥାନରେ ଜିଲ୍ଲାପରିଷଦ ଓ ପଞ୍ଚାୟତ ସମିତି ଗଠନ / ସ୍ଥାପନ କରାଗଲା । ତେବେ ୭୩ତମ ସଂବିଧାନ ସଂଶୋଧନ ପରେ ପଞ୍ଚାୟତ ଅଧିନିୟମରେ ଯାହାକିଛି ପରିବର୍ତ୍ତନ କରାଯାଇଛି । ସଂଶୋଧିତ ସମ୍ବିଧାନ ଅନୁସାରେ ପଞ୍ଚାୟତ ପାଣ୍ଠି, ବାଧ୍ୟତାମୂଳକ ଓ ନିୟମିତ ନିର୍ବାଚନ, ଅନୁସୂଚିତ ଜାତି/ ଉପଜାତି, ଜନଜାତି ପାଇଁ ବିଭିନ୍ନ ସ୍ତରରେ ସ୍ଥାନ ସଂରକ୍ଷଣ ନିମନ୍ତେ ବ୍ୟବସ୍ଥା କରାଗଲା ।

## ୭୩ତମ ସଂବିଧାନ ସଂଶୋଧନ ଆଇନ୍‌ର ନୂତନ ଦିଗ

୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖଠାରୁ ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ ସାରା ଦେଶରେ ଲାଗୁ ହୋଇଛି । ଏହି ଆଇନ୍‌ର ନୂତନ ଦିଗଗୁଡ଼ିକ ନିମ୍ନରେ ଉପସ୍ଥାପନ କରାଗଲା ।

୧. ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ କାର୍ଯ୍ୟ ସମୟ ୫ବର୍ଷ ପର୍ଯ୍ୟନ୍ତ ରହିବ ଏବଂ ସେହି ସମୟକାଳ ପୂର୍ବରୁ ଭାଙ୍ଗିଗଲେ ସେଥିପାଇଁ ବାଧ୍ୟତାମୂଳକ ଭାବେ ୬ମାସ ମଧ୍ୟରେ ନିର୍ବାଚନ ହେବ ।

୨. ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସ୍ତରରେ ଗ୍ରାମ ପଞ୍ଚାୟତ, ବ୍ଲକ୍ ସ୍ତରରେ ପଞ୍ଚାୟତ ସମିତି ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ରହିବ ।

୩. ସମ୍ବିଧାନର ୧୧ତମ ଅନୁସୂଚୀ ଅନୁଯାୟୀ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକୁ ୨୯ଟି ବିଷୟ କାର୍ଯ୍ୟକାରୀ କରିବା ପାଇଁ କ୍ଷମତା ଦିଆଯାଇଛି ।

୪. ପ୍ରତି ଗ୍ରାମ ଶାସନସ୍ତରରେ ସମସ୍ତ ଭୋଟରଙ୍କୁ ନେଇ ଏକ ଗ୍ରାମସଭା ଗଢାଯିବ । ସେମାନେ ଆର୍ଥିକ ବିକାଶ, ସାମାଜିକ ନ୍ୟାୟ ଓ ଯୋଜନା ଗୁଡ଼ିକ ସମ୍ବନ୍ଧରେ ନିଷ୍ପତ୍ତି ନେବେ । (ଗ୍ରାମସଭାର ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ) ।

୫. ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତିନିଧିମାନେ ସିଧାସଳଖ ଭାବରେ ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ହେବେ । କିନ୍ତୁ ପଞ୍ଚାୟତ ସମିତିର ଅଧକ୍ଷ, ଉପାଧକ୍ଷ, ଜିଲ୍ଲା ପରିଷଦ ଅଧକ୍ଷ, ଉପାଧକ୍ଷ ଓ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ତାଙ୍କ ସ୍ତରରେ ନିର୍ବାଚିତ ହୋଇଥିବା ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି । (ଆମ ରାଜ୍ୟରେ ସରପଞ୍ଚମାନେ ସିଧାସଳଖ ଭୋଟରମାନଙ୍କ ଦ୍ୱାରା ନିର୍ବାଚିତ ହେଉଛନ୍ତି) ।

୬. ତିନିଟିଯାକସ୍ତରରେ ମହିଳା ପ୍ରତିନିଧିମାନଙ୍କ ପାଇଁ ଅତିକମ୍‌ରେ ଶତକଡା ୩୩ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି ।

୭. ତଫସିଲଭୁକ୍ତ ଜାତି, ଉପଜାତି ପାଇଁ ଜନସଂଖ୍ୟା ଅନୁପାତରେ ଆସନ ସଂରକ୍ଷିତ ହୋଇରହିବ ।

୮. ପ୍ରତ୍ୟେକ ରାଜ୍ୟରେ ପଞ୍ଚାୟତିରାଜ ପାଇଁ ଏକ ସ୍ୱତନ୍ତ୍ର ଅର୍ଥ କମିଶନ ଗଠନ କରାଯିବ । ରାଜ୍ୟର ମୋଟ ଆୟରୁ କେତେ ଭାଗ ଅନୁଦାନ ପଞ୍ଚାୟତ ଅନୁଷ୍ଠାନମାନେ ପାଇବେ, ତାହା ଅର୍ଥ କମିଶନ ନିଷ୍ପତ୍ତି କରିବ ।

୯. ତ୍ରି-ସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ନିର୍ବାଚନ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନ ଗଠନ କରାଯିବ । ରାଜ୍ୟ ନିର୍ବାଚନ କମିଶନ ଏହି ତ୍ରି-ସ୍ତରୀୟ ଅନୁଷ୍ଠାନଗୁଡ଼ିକର ନିର୍ବାଚନ ପରିଚାଳନା, ତଦାରଖ ଏବଂ ନିୟନ୍ତ୍ରଣ ଦାୟିତ୍ୱରେ ରହିବେ ।

## ଏକାଦଶ ଅନୁସୂଚୀ

ଅନୁଚ୍ଛେଦ ୨୪୩(ଜି)ର ଅନୁଦେଶ ଅନୁସାରେ ନିମ୍ନୋକ୍ତ ବିଷୟଗୁଡ଼ିକରେ ହିଁ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକ ନିଜର କାର୍ଯ୍ୟ ଓ ଦାୟିତ୍ୱ ନିର୍ଦ୍ଧାରିତ କରିବେ ।

୧. କୃଷି ଓ କୃଷିର ସଂପ୍ରସାରଣ:

୨. ଭୂ-ଉନ୍ନୟନ, ଭୂ-ସଂସ୍କାର, ଚକବନ୍ଦୀ ଓ ମୃତ୍ତିକା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା:

୩. କ୍ଷୁଦ୍ର-ଜଳସେଚନ, ଜଳ ଯୋଗାଣ ଓ ଅବବାହିକାର ଉନ୍ନୟନ:

୪. ପଶୁପାଳନ;

୫. ମାଛ ଚାଷ;

୬. ସାମାଜିକ ବନୀକରଣ ଓ କୃଷିକ୍ଷେତ୍ର ବନୀକରଣ;

୭. ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ;

୮. ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପ ଓ କ୍ଷୁଦ୍ରଶିଳ୍ପ;

୯. ଖଦୀ, ଗ୍ରାମ୍ୟ ଓ କୁଟୀରଶିଳ୍ପ;

୧୦. ଗ୍ରାମ୍ୟ-ବାସଗୃହ;

୧୧. ପାନୀୟ ଜଳ;

୧୨. ଜାଳେଣୀ, ଘାସ ପତ୍ର ଆଦି ପଶୁଖାଦ୍ୟ ଚାଷ

୧୩. ରାସ୍ତା, ନାଳ, ପୋଲ, ଘାଟ, ଜଳପଥ ଓ ଗମନାଗମନର ଅନ୍ୟାନ୍ୟ ଉପାୟ;

୧୪. ବିଦ୍ୟୁତ୍ ବଣ୍ଟନ ସମେତ ଗ୍ରାମ୍ୟ ବିଦ୍ୟୁତ୍‌କରଣ;

୧୫. ଅଣ ପାରମ୍ପରିକ ଶକ୍ତି ଉତ୍ସ;

୧୬. ଦାରିଦ୍ର୍ୟ ଦୂରୀକରଣ ଯୋଜନା;

୧୭. ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା;

୧୮. ବୈଷୟିକ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ଶିକ୍ଷା;

୧୯. ଜନଶିକ୍ଷା ଏବଂ ଅଣଆନୁଷ୍ଠାନିକ ଶିକ୍ଷା;

୨୦. ପାଠାଗାର;

୨୧. ସାଂସ୍କୃତିକ କାର୍ଯ୍ୟକ୍ରମ;

୨୨. ବଜାର ଏବଂ ମେଳା;

୨୩. ହସ୍ପିଟାଲ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡିସ୍‌ପେନ୍‌ସାରୀ ସମେତ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମ;

୨୪. ପରିବାର କଲ୍ୟାଣ;

୨୫. ମହିଳା ଏବଂ ଶିଶୁ ବିକାଶ;

୨୬. ଶାରୀରିକ ଅକ୍ଷମ ଏବଂ ମାନସିକ ଦୁର୍ବଳ ବ୍ୟକ୍ତିଙ୍କର କଲ୍ୟାଣ ସମେତ ସମାଜ ମଙ୍ଗଳ;

୨୭. ଦୁର୍ବଳ ଶ୍ରେଣୀ ବିଶେଷତଃ ଅନୁସୂଚିତ ଜାତି ଓ ଉପଜାତିର କଲ୍ୟାଣ;

୨୮. ସାଧାରଣ ବଣ୍ଟନ ବ୍ୟବସ୍ଥା;

୨୯. ସାମୂହିକ ସମ୍ପତ୍ତିର ରକ୍ଷଣାବେକ୍ଷଣ।

# ଗ୍ରାମ ପଞ୍ଚାୟତର କ୍ଷମତା ଓ କାର୍ଯ୍ୟ

ସ୍ୱ-ଶାସନ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ହୋଇଛି । ସରପଞ୍ଚ ହେଉଛନ୍ତି ଗ୍ରାମ ଶାସନ ବା ଗ୍ରାମ ପଞ୍ଚାୟତର ମୁଖ୍ୟ ଓ କ୍ଷମତାଧାରୀ । ସେଥିପାଇଁ ସମ୍ବିଧାନରେ ସରପଞ୍ଚଙ୍କର କ୍ଷମତା, ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ତାହା ସ୍ପଷ୍ଟ କରାଯାଇଛି । ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ତୃଣମୂଳ ସ୍ତରଟି ଅର୍ଥାତ୍ ପ୍ରଥମ ସ୍ତରଟି ହେଉଛି ଗ୍ରାମ ପଞ୍ଚାୟତ । ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ-୧୯୬୪ ଅନୁଯାୟୀ ଏକ ବା ଏକରୁ ଅଧିକ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାଯାଇଥାଏ । ପଞ୍ଚାୟତ ବ୍ୟବସ୍ଥାର ମୁଖ୍ୟ ହେଉଛନ୍ତି ସରପଞ୍ଚ । ସରପଞ୍ଚ ଏବଂ ୱାର୍ଡମେମ୍ବର ପ୍ରତ୍ୟକ୍ଷ୍ୟ ନିର୍ବାଚନରେ ନିର୍ବାଚିତ ହେଲାବେଳେ, ନାଏବ ସରପଞ୍ଚମାନେ ପରୋକ୍ଷ ନିର୍ବାଚନରେ ଅର୍ଥାତ୍ ୱାର୍ଡମେମ୍ବରମାନଙ୍କ ମଧ୍ୟରୁ ଜଣଙ୍କୁ ମନୋନୀତ କରାଯାଇଥାଏ । ଗ୍ରାମ ପଞ୍ଚାୟତ ଗଠନର କେତେକ ମୌଳିକ ନିୟମ ହେଲା:

୧. ଗୋଟିଏ ଗ୍ରାମ ପଞ୍ଚାୟତର ଲୋକସଂଖ୍ୟା ଯଥାସମ୍ଭବ ୨ ହଜାରରୁ କମ୍ ଓ ୧୦ ହଜାରରୁ ଅଧିକ ହେବ ନାହିଁ । ଅନୁସୂଚୀତ ଅଞ୍ଚଳ (ଆଦିବାସୀ ବହୁଳ) ରେ ୨ ରୁ ୫ହଜାର ଲୋକସଂଖ୍ୟାରେ ପଞ୍ଚାୟତ ଗଠନ ହୋଇ ପାରିବ ।

୨. ଗ୍ରାମ ପଞ୍ଚାୟତରେ ୱାର୍ଡ ସଂଖ୍ୟା ୧୧ରୁ କମ୍ ଓ ୨୫ ରୁ ଅଧିକ ହେବ ନାହିଁ ।

୩. ପ୍ରତି ୱାର୍ଡରୁ ଜଣେ ଲେଖାଏଁ ୱାର୍ଡ ସଭ୍ୟ ବା ମେମ୍ବର ଲୋକଙ୍କ ଦ୍ୱାରା ସିଧାସଳଖ ଭାବେ ନିର୍ବାଚିତ ହେବେ ।

୪. ପ୍ରତି ପଞ୍ଚାୟତରେ ଜଣେ ସରପଞ୍ଚ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହେବେ ।

୫. ପଞ୍ଚାୟତର 'ନାଏବ ସରପଞ୍ଚ' ୱାର୍ଡମେମ୍ବରମାନଙ୍କ ଦ୍ୱାରା ନିର୍ବାଚିତ ହେବେ ।

୬. ନିର୍ବାଚିତ ସମସ୍ତ ୱାର୍ଡ ସଭ୍ୟ, ନାଏବ ସରପଞ୍ଚ, ସରପଞ୍ଚଙ୍କୁ ନେଇ ପଞ୍ଚାୟତ ଗଠିତ ହୁଏ । ଏହା ଛଡା ପ୍ରତି ପଞ୍ଚାୟତରେ ଜଣେ ପଞ୍ଚାୟତ ସେକ୍ରେଟାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ (ଭି.ଏଲ୍.ଡବ୍ଲୁ. ବା ଭି.ଏ.ଡବ୍ଲୁ) ନିଯୁକ୍ତି ପାଇଥାନ୍ତି ।

୭. ସରପଞ୍ଚଙ୍କ ସଂପୂର୍ଣ୍ଣ ଦାୟିତ୍ୱରେ ପଞ୍ଚାୟତର କାର୍ଯ୍ୟ ପରିଚାଳିତ ହୋଇଥାଏ । ସେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ମୁଖ୍ୟଭାବେ ଦାୟିତ୍ୱ ତୁଲାଇଥାନ୍ତି ।

୮. ଆବଶ୍ୟକ ମନେ କଲେ ସରକାର ନୂତନ ଗ୍ରାମ ପଞ୍ଚାୟତ ଗଠନ ବା ଅବସ୍ଥିତ ଗ୍ରାମ ପଞ୍ଚାୟତ ପୁନର୍ଗଠନ କରି ପାରିବେ ।

### ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍‌ର ଧାରା ୧୯ ଅନୁଯାୟୀ ଗ୍ରାମପଞ୍ଚାୟତର ପ୍ରଶାସନିକ କ୍ଷମତା ସରପଞ୍ଚଙ୍କୁ ଦିଆଯାଇଛି ।

(କ) ସରପଞ୍ଚ ଗ୍ରାମପଞ୍ଚାୟତର ବୈଠକ ଡକାଇବେ, ସେଥିରେ ସଭାପତିତ୍ୱ କରିବେ, ବୈଠକକୁ ପରିଚାଳନା କରିବେ ଏବଂ କାର୍ଯ୍ୟବିବରଣୀକୁ ଉପଯୁକ୍ତ ଭାବରେ ଲେଖି ରଖିବାର ଦାୟିତ୍ୱ ନେବେ ।

(ଖ) ଗ୍ରାମପଞ୍ଚାୟତ ତରଫରୁ ଚୁକ୍ତିପତ୍ର ସମ୍ପାଦନ କରିବେ ।

(ଗ) ଗ୍ରାମପଞ୍ଚାୟତ ପ୍ରତ୍ୟେକ ରେକର୍ଡ, କାଗଜପତ୍ର, ମୂଲ୍ୟବାନ ସିକ୍ୟୁରିଟି ଓ ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଥିବା ଏବଂ ଗ୍ରାମପଞ୍ଚାୟତ ନିୟନ୍ତ୍ରଣରେ ଥିବା ସମସ୍ତ ସମ୍ପତ୍ତି, ଆସବାବପତ୍ରର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଦାୟୀ ରହିବେ।

(ଘ) ଗ୍ରାମପଞ୍ଚାୟତକୁ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ କରିବା ନିମନ୍ତେ ଦାୟୀ ରହିବେ।

(ଙ) ଗ୍ରାମପଞ୍ଚାୟତର ଆୟବ୍ୟୟର ହିସାବ ଏବଂ ବିବରଣୀ ପ୍ରସ୍ତୁତ କରିବେ।

(ଚ) ଗ୍ରାମପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅଫିସର ଏବଂ କର୍ମଚାରୀଙ୍କର କାର୍ଯ୍ୟକୁ ତଦାରଖ ଏବଂ ନିୟନ୍ତ୍ରଣ କରିବେ।

(ଛ) ଗ୍ରାମପଞ୍ଚାୟତ ତରଫରୁ ବିଧିବଦ୍ଧଭାବେ ଆବଶ୍ୟକୀୟ ଚିଠିପତ୍ର ଆଦାନପ୍ରଦାନ କରିବେ।

(ଜ) ତାଙ୍କୁ ଦିଆଯାଇଥିବା କ୍ଷମତା ପ୍ରୟୋଗ କରିବେ ଏବଂ ଅନ୍ୟାନ୍ୟ କର୍ତ୍ତବ୍ୟ ପାଳନ କରିବା ସହିତ ଦିଆଯାଇଥିବା ଦାୟିତ୍ୱଗୁଡିକ ତୁଲାଇବେ।

ଦଫା ୨୦ ଅନୁସାରେ ଗ୍ରାମପଞ୍ଚାୟତର କୌଣସି ନିଷ୍ପତ୍ତିରେ ସରପଞ୍ଚ ଯଦି ଉପଲବ୍ଧି କରନ୍ତି ଯେ, ଏଭଳି ନିଷ୍ପତ୍ତି ନେବା ଫଳରେ ଅଞ୍ଚଳରେ ଶାନ୍ତି, ଶୃଙ୍ଖଳା ଭଙ୍ଗ/ବିପର୍ଯ୍ୟସ୍ତ/ବାଧାପ୍ରାପ୍ତ ହେବାର ଆଶଙ୍କା ରହେ, ଯଦି କୌଣସି ବ୍ୟକ୍ତି ବିଶେଷ ବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରତି ଅନ୍ୟାୟ ଅବିଚାର ହେବାର ସମ୍ଭାବନା ରହେ, ମନୁଷ୍ୟର ସ୍ୱାସ୍ଥ୍ୟ, ଜୀବନ ଓ ନିରାପତ୍ତା ପ୍ରତି ଆଞ୍ଚ ଆସିବାର ସମ୍ଭାବନା ରହେ, ଦଙ୍ଗା ହଙ୍ଗାମା ବା ଅରାଜକତାର ଆଶଙ୍କା କରାଯାଏ, ପଞ୍ଚାୟତ ଆଇନ ଓ ନିୟମାବଳୀର ବିରୁଦ୍ଧାଚରଣ କରାଯାଏ, ତେବେ ସରପଞ୍ଚ ଉପ-ଜିଲ୍ଲାପାଳଙ୍କୁ ତୁରନ୍ତ ଲିଖିତ ଭାବେ ଜଣାଇବେ। ଉପ-ଜିଲ୍ଲାପାଳ ଆଇନ ଓ ନିୟମାବଳୀ ଅନୁସାରେ ଯେଉଁ ନିର୍ଦ୍ଦେଶ ଦେବେ, ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ।

## ନାଏବ ସରପଞ୍ଚଙ୍କ କ୍ଷମତା ଏବଂ କର୍ତ୍ତବ୍ୟ

ଓଡିଶା ଗ୍ରାମପଞ୍ଚାୟତ ଆଇନ୍‌ର ଧାରା ୨୧ ଅନୁସାରେ ନାଏବ ସରପଞ୍ଚଙ୍କ ପାଇଁ ପ୍ରଶାସନିକ କ୍ଷମତା ଓ କର୍ତ୍ତବ୍ୟ ଅର୍ପଣ କରାଯାଇଛି। ସେସବୁ ହେଲା;

(୧) ନାଏବ ସରପଞ୍ଚ ସରପଞ୍ଚଙ୍କଠାରୁ ଯେଉଁ କ୍ଷମତା, ଦାୟିତ୍ୱ ଏବଂ କର୍ତ୍ତବ୍ୟ ତୁଲାଇବା ପାଇଁ ଲିଖିତ ଭାବରେ ନିର୍ଦ୍ଦେଶ ପାଇଥିବେ, ସେଗୁଡିକ ତୁଲାଇବେ। ଲିଖିତ ଆକାରରେ ଦେଇଥିବା କ୍ଷମତା, ଦାୟିତ୍ୱ ଏବଂ କର୍ତ୍ତବ୍ୟଗୁଡିକୁ ସରପଞ୍ଚ ଏହି ଉପାୟରେ ପ୍ରତ୍ୟାହାର କରିନେଇ ପାରିବେ।

(୨) ସରପଞ୍ଚ ପଦ ଖାଲିପଡିଲେ, ଶୂନ୍ୟସ୍ଥାନ ପୂରଣ ହେବା ପର୍ଯ୍ୟନ୍ତ ବା ଆଉଜଣେ ନୂଆ ସରପଞ୍ଚ ନିର୍ବାଚିତ ହେବା ପର୍ଯ୍ୟନ୍ତ ନାଏବ-ସରପଞ୍ଚ, ସରପଞ୍ଚଙ୍କର ସମସ୍ତ କ୍ଷମତା ପ୍ରୟୋଗ କରିବେ ଏବଂ କର୍ତ୍ତବ୍ୟ ପାଳନ କରିବେ।

(୩) ସରପଞ୍ଚ ଅନୁପସ୍ଥିତ ଥିଲେ ଗ୍ରାମପଞ୍ଚାୟତ ବୈଠକରେ ନାଏବ-ସରପଞ୍ଚ ସଭାପତିତ୍ୱ କରିବେ।

ଯଦି ଉଭୟ ଅନୁପସ୍ଥିତ ଥିବେ, ତେବେ ବୈଠକରେ ଉପସ୍ଥିତ ଥିବା ଯେକୌଣସି ସଭ୍ୟଙ୍କୁ ସଭାପତିତ୍ୱ କରିବା ପାଇଁ ନିର୍ବାଚିତ କରାଯାଇପାରିବ।

(୪) ଯେତେବେଳେ ସରପଞ୍ଚଙ୍କ ପଦବୀ ଖାଲି ପଡେ କିମ୍ବା ସରପଞ୍ଚ ପନ୍ଦରଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଲଗାତର ଭାବରେ ଅନୁପସ୍ଥିତ ରହନ୍ତି କିମ୍ବା ପନ୍ଦର ଦିନରୁ ଅଧିକ ଅକ୍ଷମତା ଯୋଗୁଁ ଅନୁପସ୍ଥିତ ରୁହନ୍ତି କିମ୍ବା ନାଏବ-ସରପଞ୍ଚ ଭାବରେ ୧୫ଦିନରୁ

ଅଧିକ ସମୟ ଗ୍ରାମରୁ ଅନୁପସ୍ଥିତ ରହନ୍ତି କିମ୍ବା ଅସାମର୍ଥ୍ୟ କାରଣରୁ ଅନୁପସ୍ଥିତ ରୁହନ୍ତି, ସେତେବେଳେ ଏଥି ନିମନ୍ତେ ଗ୍ରାମ ପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ ତିନିଜଣିଆ ସଭ୍ୟଙ୍କ ତାଲିକାରୁ ଅଗ୍ରାଧିକାର ଭିତ୍ତିରେ ନିର୍ବାଚିତ ଜଣେ ସଭ୍ୟଙ୍କୁ ସରପଞ୍ଚଙ୍କ କ୍ଷମତା ଓ କର୍ତ୍ତବ୍ୟ ଅର୍ପଣ କରାଯିବ ଏବଂ ସେ କାର୍ଯ୍ୟକାରୀ ସରପଞ୍ଚ ହେବେ। ସରପଞ୍ଚ, ନାଏବ ସରପଞ୍ଚ ଯଥାବିଧି ନିର୍ବାଚିତ ହୋଇ ପଦ ଗ୍ରହଣ କରିବା ପର୍ଯ୍ୟନ୍ତ ସେ ନିର୍ଦ୍ଧାରିତ ପ୍ରକାରେ କ୍ଷମତା ପ୍ରୟୋଗ ଏବଂ କର୍ତ୍ତବ୍ୟ ସମ୍ପାଦନ କରିବେ।

ଉଲ୍ଲେଖ ଥାଉକି ସବ୍-କଲେକ୍ଟର ଗ୍ରାମପଞ୍ଚାୟତର ସଭ୍ୟମାନଙ୍କ ଭିତରୁ ଜଣକୁ କାର୍ଯ୍ୟକାରୀ ସରପଞ୍ଚରୂପେ ମନୋନୀତ କରିପାରନ୍ତି ଏବଂ ଏହି ଉପଧାରାର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ସରପଞ୍ଚ, ସରପଞ୍ଚଙ୍କର କ୍ଷମତା ପ୍ରୟୋଗ ଏବଂ କର୍ତ୍ତବ୍ୟ ପାଳନ କରିବେ।

## ୱାର୍ଡମେମ୍ବରଙ୍କ କ୍ଷମତା ଓ କର୍ତ୍ତବ୍ୟ

ଗ୍ରାମପଞ୍ଚାୟତର ପ୍ରତ୍ୟେକ ସଭ୍ୟଙ୍କର ନିମ୍ନଲିଖିତ ଅଧିକାର ରହିବ ଯଥା:

(କ) ସରପଞ୍ଚଙ୍କୁ ଆଗରୁ ନୋଟିସ୍ ଦେଇ ଅଫିସ୍ ସମୟ ମଧ୍ୟରେ ଗ୍ରାମପଞ୍ଚାୟତର ରେକର୍ଡ ସବୁ ଯାଞ୍ଚ କରିପାରିବେ।

(ଖ) ଗ୍ରାମପଞ୍ଚାୟତର ପ୍ରଶାସନ ସହିତ ସଂପୃକ୍ତ ବିଷୟବସ୍ତୁ ଉପରେ ପ୍ରଶ୍ନ ପଚାରିପାରିବେ ଏବଂ ପ୍ରସ୍ତାବ ଦେଇପାରିବେ।

(ଗ) ଗ୍ରାମପଞ୍ଚାୟତ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ କାର୍ଯ୍ୟ ତଦାରଖ କରିପାରିବେ ଏବଂ ଏହି କାର୍ଯ୍ୟରେ କୌଣସି ଅନିୟମିତତା ଦେଖିଲେ ସରପଞ୍ଚଙ୍କୁ ଜଣାଇବେ।

(ଘ) ପଲ୍ଲୀସଭା ବୈଠକରେ ସଭାପତିତ୍ୱ କରିବେ।

(ଙ) ଗ୍ରାମପଞ୍ଚାୟତରେ ସରପଞ୍ଚ ଏବଂ ନାଏବ ସରପଞ୍ଚ ଉଭୟଙ୍କ ସ୍ଥାନ ଖାଲିପଡିଲେ, କିମ୍ବା ଉଭୟ ୧୫ ଦିନ ପାଇଁ ଅନୁପସ୍ଥିତ ରହିଲେ, କୌଣସି ଜଣେ ୱାର୍ଡମେମ୍ବର ସରପଞ୍ଚଙ୍କ ଦାୟିତ୍ୱ ନେଇ କାର୍ଯ୍ୟ କରିପାରିବେ।

ଏହାଛଡା ଏକାଦଶ ଅର୍ଥ କମିଶନଙ୍କ ତା ୭.୮.୨୦୦୧ ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରାମ୍ୟସ୍ତରୀୟ ସ୍ୱାସ୍ଥ୍ୟ କମିଟିରେ ୱାର୍ଡମେମ୍ବର ଅଧ୍ୟକ୍ଷ ରହିବେ ଏବଂ ସ୍ୱାସ୍ଥ୍ୟଗତ କାର୍ଯ୍ୟକ୍ରମ ସଂପର୍କୀତ ନିଷ୍ପତ୍ତି ଓ କାର୍ଯ୍ୟକାରୀତା ଉପରେ ସମୀକ୍ଷା କରିବେ।

ନିଶ୍ଚିତ ଶିକ୍ଷାଯୋଜନା ଅନ୍ତର୍ଗତ ଗ୍ରାମ୍ୟଶିକ୍ଷା କମିଟିରେ ୱାର୍ଡଭାବରେ ନିଶ୍ଚିତଭାବେ ଜଣେ ସଭ୍ୟ ରହି ଶିକ୍ଷାଦିଗରେ ତାଙ୍କର କର୍ତ୍ତବ୍ୟ ପାଳନ କରିବେ।

## ଗ୍ରାମପଞ୍ଚାୟତ ସମ୍ପାଦକ (ସେକ୍ରେଟାରୀ) ଙ୍କ କ୍ଷମତା ଓ କର୍ତ୍ତବ୍ୟ

ଧାରା ୧୨୩ରେ ଗ୍ରାମପଞ୍ଚାୟତ ସଂପାଦକଙ୍କ କ୍ଷମତା, କର୍ତ୍ତବ୍ୟ ଓ କାର୍ଯ୍ୟ ବର୍ଣ୍ଣିତ ହୋଇଛି।

ରାଜ୍ୟସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା କୌଣସି ଆଦେଶକୁ ଭିତ୍ତିକରି ଗ୍ରାମପଞ୍ଚାୟତର (ଗ୍ରାମଶାସନ) ସମ୍ପାଦକ ନିମ୍ନଲିଖିତ କ୍ଷମତା, କର୍ତ୍ତବ୍ୟ ଓ କାର୍ଯ୍ୟ ତୁଲାଇବେ।

(କ) ଗ୍ରାମପଞ୍ଚାୟତ ବୈଠକ କାର୍ଯ୍ୟଧାରାର ବିବରଣୀ ଲେଖିବେ।

(ଖ) ଗ୍ରାମପଞ୍ଚାୟତର ପରିଚାଳନାରେ ଥିବା ସମସ୍ତ କାର୍ଯ୍ୟର ରେକର୍ଡପତ୍ର, ଦଲିଲ୍ ଦସ୍ତାବିଜ୍ ଟଙ୍କା ଏବଂ ମୂଲ୍ୟବାନ ସିକ୍ୟୁରିଟି ଗୁଡିକ ତାଙ୍କ ହେପାଜତରେ ରହିବ।

(ଗ) ଏହି ଆଇନ୍ ଦ୍ୱାରା ତାଙ୍କୁ ଦିଆଯାଇଥିବା କ୍ଷମତା, କର୍ତ୍ତବ୍ୟ ଏବଂ କାର୍ଯ୍ୟ ସମ୍ପାଦନ କରିବେ।

★ ସମ୍ପାଦକଙ୍କର ଗୁପ୍ତ ଚରିତ୍ର ପଞ୍ଜିକାରେ ସରପଞ୍ଚ, ସମ୍ପାଦକଙ୍କର କାର୍ଯ୍ୟ ଏବଂ ଚରିତ୍ର ସମ୍ବନ୍ଧରେ ତାଙ୍କର ବାର୍ଷିକ ମନ୍ତବ୍ୟ ଲିପିବଦ୍ଧ କରି ତାହା ପ୍ରତିବର୍ଷ ଅପ୍ରେଲ୍ ମାସ ୩୦ ତାରିଖ ସୁଦ୍ଧା ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ)ଙ୍କ ନିକଟକୁ ପ୍ରେରଣ କରିବେ।

★ ମଣ୍ଡଳନଉନ୍ନୟନ ଅଧିକାରୀ (ବି.ଡି.ଓ) ଏହି ଗୁପ୍ତ ଚରିତ୍ର ପଞ୍ଜିକାରେ ନିଜର ମନ୍ତବ୍ୟ ଲିପିବଦ୍ଧ କଲାପରେ ତାହା ପ୍ରତିବର୍ଷ ମେ ୧୦ ତାରିଖ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ।

★ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଗ୍ରହୀତା ଅଧିକାରୀଭାବେ ତାଙ୍କର ମତାମତ ଉଲ୍ଲେଖକରି, ଯଦି ସେଥିରେ କୌଣସି ପ୍ରତିକୂଳ ମନ୍ତବ୍ୟ ଥାଏ, ତାହା ସମ୍ପାଦକଙ୍କୁ ଜଣାଇ, ସୁଧାରିବା ପାଇଁ ଉପଦେଶ ଦେବେ।

★ ଓଡିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ ଅଧୀନରେ ହୋଇଥିବା ନିୟମାବଳୀ ଅନୁସାରେ ସଂପାଦକ ଉପରେ ନ୍ୟସ୍ତ କରାଯାଇଥିବା କର୍ତ୍ତବ୍ୟ ଓ କାର୍ଯ୍ୟାବଳୀକୁ ସେ ଜାଣିଶୁଣି କାର୍ଯ୍ୟକାରୀ ନ କଲେ କିମ୍ବା କାର୍ଯ୍ୟକାରୀ କରିବାକୁ ମନା କଲେ କିମ୍ବା ତାଙ୍କ ଉପରେ ନ୍ୟସ୍ତ କ୍ଷମତା, ଅଧିକାରର ଅପବ୍ୟବହାର କଲେ କିମ୍ବା ଗ୍ରାମପଞ୍ଚାୟତର ସ୍ୱାର୍ଥର ପ୍ରତିକୂଳରେ କାର୍ଯ୍ୟକଲେ, କିମ୍ବା ତାଙ୍କ କାର୍ଯ୍ୟଦ୍ୱାରା ଗ୍ରାମ ଶାସନର କ୍ଷତି ଘଟିଲେ କିମ୍ବା କୌଣସି ଅପରାଧ ଯୋଗୁଁ ନ୍ୟାୟାଳୟଦ୍ୱାରା ଦଣ୍ଡିତ ହେଲେ ଗ୍ରାମପଞ୍ଚାୟତ ତାଙ୍କୁ ଚାକିରିରୁ ଅନ୍ତର କରିପାରିବେ। (ନିୟମ-୨୧୬)

★ ଏଠାରେ ସୂଚନାଯୋଗ୍ୟଯେ, କାରଣ ଦର୍ଶାଇବାର ଉପଯୁକ୍ତ ସୁଯୋଗ ନଦେଇ ଗ୍ରାମପଞ୍ଚାୟତ ସଂପାଦକ ଚାକିରିରୁ ଅନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ ନାହିଁ। ଯେଉଁ କାରଣ ଯୋଗୁଁ ତାଙ୍କୁ ଅନ୍ତର କରିବାକୁ ପ୍ରସ୍ତାବ ଦିଆଯାଇଥିବ, ସେଗୁଡିକ ନିର୍ଦ୍ଦିଷ୍ଟ ଅଭିଯୋଗ ଆକାରରେ ପ୍ରସ୍ତୁତ କରି ଲିଖିତ ଆକାରରେ ତାଙ୍କୁ ଜଣାଇ ଦିଆଯିବ। ସେ ତାଙ୍କର କୈଫିୟତ ଉପଯୁକ୍ତ ସମୟ ମଧ୍ୟରେ ଦାଖଲ କରିବେ। ଏହି କୈଫିୟତକୁ ପଞ୍ଚାୟତ ବିଚାର କରିବା ପରେ ଏବଂ ତାଙ୍କ ଠାରୁ ଶୁଣିସାରିବା ପରେ କୌଣସି ନିଷ୍ପତ୍ତି ନେଇପାରନ୍ତି।

★ ଉକ୍ତ ନିୟମ ଅନୁସାରେ ସମ୍ପାଦକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିବା ସମୟରେ ତାଙ୍କୁ ଗ୍ରାମ ଶାସନରେ ସମ୍ପାଦକ ସେବାରୁ ସସ୍‌ପେଣ୍ଡ କାଳରେ ମାସିକ ବେତନ ପାଉଥିବା ବେତନର ଅଧାରୁ ଅଧିକ ଦିଆହେବ ନାହିଁ।

★ ଏହି ନିୟମାବଳୀର ଯେକୌଣସି ବ୍ୟବସ୍ଥା ସତ୍ତ୍ୱେ ରାଜ୍ୟସରକାର ଏକ ସ୍ୱତନ୍ତ୍ର କିମ୍ବା ସାଧାରଣ ନିର୍ଦ୍ଦେଶନାମା ଦ୍ୱାରା ଯେକୌଣସି ସରକାରୀ କର୍ମଚାରୀଙ୍କୁ ଯେକୌଣସି ଗ୍ରାମପଞ୍ଚାୟତର ସମ୍ପାଦକରୂପେ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। (ନିୟମ-୨୧୭)

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ଷମତା ଓ କର୍ତ୍ତବ୍ୟ

★ ଗ୍ରାମ ପଞ୍ଚାୟତ ବୈଠକ ବିବରଣୀ ପୁସ୍ତିକାର ପରିଚାଳନା ଦାୟିତ୍ୱରେ ରହିବେ।

★ ଗ୍ରାମ ଶାସନ ଅଧୀନରେ ଥିବା ସମସ୍ତ ନଥିପତ୍ର ଓ ମୂଲ୍ୟବାନ ଦସ୍ତାବିଜ, ଅର୍ଥ (କ୍ୟାସ୍) ଏବଂ ସମସ୍ତ ଖାତାପତ୍ର ତାଙ୍କ ତତ୍ତ୍ୱାବଧାନରେ ରହିବ।

★ ଏତଦ୍ ବ୍ୟତୀତ ସରକାର ତାଙ୍କୁ ଯେଉଁ ସମୟରେ ଯେଉଁ କାର୍ଯ୍ୟ ଅର୍ପଣ କରିବେ, ତାହା ମଧ୍ୟ ସେ କାର୍ଯ୍ୟକାରୀ କରିବେ।

★ ଗ୍ରାମ ପଞ୍ଚାୟତ ବସାଇଥିବା ଟିକସ ସଂଗ୍ରହ କରିବେ।

★ ସେ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ସମସ୍ତ ସଭାର ବିବରଣୀ ରଖିବା ସହ କ୍ୟାସ ବୁକ୍ (ଅର୍ଥ ହିସାବ ଖାତା) ପ୍ରଭୃତିର ଦାୟିତ୍ୱରେ ରଖିବେ।

★ ପଞ୍ଚାୟତ ପାଣ୍ଠିର ସଦବିନିଯୋଗ, ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ଏବଂ ପ୍ରତ୍ୟେକ ଦିନ ପଞ୍ଚାୟତ ପ୍ରଶାସନିକ କାର୍ଯ୍ୟର ସୁପରିଚାଳନା ଦାୟିତ୍ୱରେ ରହିବେ।

## ଗ୍ରାମପଞ୍ଚାୟତର କ୍ଷମତା ଓ କାର୍ଯ୍ୟ

ଦଫା ୪୪ ଅନୁଯାୟୀ ଗ୍ରାମପଞ୍ଚାୟତର କାର୍ଯ୍ୟକୁ ମୁଖ୍ୟତଃ ଦୁଇପ୍ରକାରେ ବିଭକ୍ତ କରାଯାଇଛି। ପ୍ରଥମଟି ହେଉଛି ବାଧ୍ୟତାମୂଳକ କାର୍ଯ୍ୟ ଏବଂ ଦ୍ୱିତୀୟଟି ସ୍ୱେଚ୍ଛାକୃତ କାର୍ଯ୍ୟ।

## ବାଧ୍ୟତାମୂଳକ କାର୍ଯ୍ୟ

ଏହି ଆଇନ୍ ଅନୁଯାୟୀ, ଗ୍ରାମପଞ୍ଚାୟତ ନିମ୍ନଲିଖିତ ବିଷୟଗୁଡିକ ନିମନ୍ତେ ଗ୍ରାମପଞ୍ଚାୟତର ପାଣ୍ଠି ଅନୁଯାୟୀ କାର୍ଯ୍ୟଭାର ବହନ କରିବେ, କାର୍ଯ୍ୟ ପରିଚାଳନା କରିବେ ଏବଂ ଏହାକୁ ନିୟନ୍ତ୍ରଣ କରିବେ।

(କ) ସର୍ବସାଧାରଣ ରାସ୍ତା ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ, ପରିବର୍ତ୍ତନ, ଏବଂ ଉନ୍ନତିକରଣ।

(ଖ) ସର୍ବସାଧାରଣ ରାସ୍ତା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନକୁ ଆଲୋକ, ଜଳ ଯୋଗାଇବା ଏବଂ ସଫାସୁତୁରା ରଖିବା।

(ଗ) ସର୍ବସାଧାରଣ ରାସ୍ତା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନ ଉପରେ ବେଆଇନ୍ ଦଖଲକୁ ରୋକିବା।

(ଘ) ମଇଳା ଆବର୍ଜନା ସଫାସୁତୁରା କରିବାକୁ ବ୍ୟବସ୍ଥା କରିବା, ସର୍ବସାଧାରଣ ପାଇଖାନା, ପରିସ୍ରାଗାର ନିର୍ମାଣ, ରକ୍ଷଣାବେକ୍ଷଣ କରିବା ଏବଂ ନାଳନର୍ଦ୍ଦମା ଓ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା।

(ଙ) ସର୍ବସାଧାରଣ ଉଦ୍ଦେଶ୍ୟରେ କରାଯାଇଥିବା ଜଳଯୋଗାଣ କାର୍ଯ୍ୟର ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା କରିବା।

(ଚ) ଅନ୍ୟାନ୍ୟ ଦୂଷିତ ପଦାର୍ଥର ସଫାସୁତରା କରିବା।

(ଛ) ଅସ୍ୱାସ୍ଥ୍ୟକର ଅଞ୍ଚଳର ସଂସ୍କାର ତଥା ଅସ୍ୱାସ୍ଥ୍ୟକର ପରିବେଶର ଉନ୍ନତିକରଣ କରିବା, ଅନିଷ୍ଟକାରୀ ଓ ମାରାତ୍ମକ ଗୁଳ୍ମଲତା ଗୁଡିକୁ ସମୂଳେ ବିଲୋପ କରିବା।

(ଜ) ମହାମାରୀ, ସଂକ୍ରାମକ ଏବଂ ଅନ୍ୟାନ୍ୟ ମାରାତ୍ମକ ରୋଗ ପାଇଁ ପ୍ରତିରୋଧକ ବ୍ୟବସ୍ଥା କରିବା ଏବଂ ଦୂରୀକରଣ କରିବା।

(ଝ) ଅପରାଧମୂଳକ, ଅନିଷ୍ଟକର ଏବଂ ମାରାତ୍ମକ ବେପାର ବଣିଜର ନିୟନ୍ତ୍ରଣ କରିବା ଏବଂ ଦୂରୀକରଣ କରିବା।

(ଞ) ଜନ୍ମ, ମୃତ୍ୟୁ ଏବଂ ବିବାହ ଇତ୍ୟାଦିକୁ ପଞ୍ଜିକରଣ କରିବା ଏବଂ ଏହି ସଂକ୍ରାନ୍ତୀୟ ନଥିପତ୍ରର ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା।

(ଟ) ଗ୍ରାମପଞ୍ଚାୟତ ପରିଚାଳନାରେ ଥିବା ସମସ୍ତ ସମ୍ପତ୍ତିର ରକ୍ଷଣାବେକ୍ଷଣ ସୁପରିଚାଳନା ଓ ଉନ୍ନତିକରଣ।

(ଠ) ଗ୍ରାମର ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ସର୍ବସାଧାରଣ ଜମି, ଗୋଚର ଜମିର ପ୍ରତିଷ୍ଠା, ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା।

(ଡ) ପଶୁ ଗଣନା, ଜନଗଣନା ଏବଂ ଅନ୍ୟାନ୍ୟ ତଥ୍ୟ ସଂକ୍ରାନ୍ତୀୟ ନିର୍ଦ୍ଧାରିତ ରେକର୍ଡ ପତ୍ରର ରକ୍ଷଣାବେକ୍ଷଣ।

(ଢ) ଗୋରୁ ବିକ୍ରୟର ପଞ୍ଜିକରଣ।

(ଣ) ଫସଲ ସୁରକ୍ଷା ନିମନ୍ତେ ଗୋରୁ ଗାଈ ଆଦି ପଶୁଙ୍କ ଚଳ ପ୍ରଚଳକୁ ନିୟନ୍ତ୍ରଣ କରିବା।

(ତ) ମାଲିକ ହୀନ ବୁଲା ଓ ପାଗଳ କୁକୁରମାନଙ୍କୁ ମାରିଦେବାର ବ୍ୟବସ୍ଥା କରିବା।

(ଥ) ପ୍ରାଥମିକ ବିଦ୍ୟାଳୟ ସ୍ଥାପନ, ରକ୍ଷଣାବେକ୍ଷଣରେ ସମିତିକୁ ସହାୟତା ଦେବା।

(ଦ) ଗ୍ରାମ ଏବଂ ପଡିଆର ସୀମା ସରହଦ ଚିହ୍ନଟ କରିବା, ତଦାରଖ ଓ ରକ୍ଷଣାବେକ୍ଷଣ ଏବଂ ଗ୍ରାମ ନକସା ରେକର୍ଡ ପ୍ରଭୃତିରେ ରକ୍ଷଣାବେକ୍ଷଣ।

(ଧ) ମୃତ୍ତିକା ସଂରକ୍ଷଣ କାର୍ଯ୍ୟର ତଦାରଖ, ରକ୍ଷଣାବେକ୍ଷଣ।

(ନ) ଗ୍ରାମ ମଧ୍ୟରେ ଥିବା ହାଟ, ମେଳା, ଯାନିଯାତ୍ରା ଉତ୍ସବର ନିୟନ୍ତ୍ରଣ, ମଟରଗାଡି, ବଳଦଗାଡି ଇତ୍ୟାଦି ରଖିବାର ସ୍ଥାନ, ହାଟ, ବଜାର ଇତ୍ୟାଦି ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ନିୟନ୍ତ୍ରଣ, ଗ୍ରାମ ମଧ୍ୟସ୍ଥ ହାଟବଜାର ଓ ମେଳାରେ ପଶୁବିକ୍ରି ପଞ୍ଜିକରଣ ବ୍ୟବସ୍ଥା।

(ପ) ଉନ୍ନତ କୃଷି ପ୍ରଣାଳୀର ବ୍ୟବସ୍ଥା କରିବା ଏବଂ କ୍ଷତି କରୁଥିବା କୀଟପତଙ୍ଗର ନିୟନ୍ତ୍ରଣ କରିବା। ଅର୍ଥନୈତିକ ଉନ୍ନତି ପାଇଁ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା।

(ଫ) ଏହି ଆଇନ୍ ଦ୍ୱାରା ପରିଚାଳିତ ଯେକୌଣସି ଆଇନ୍ ଅନୁଯାୟୀ ନ୍ୟସ୍ତ କରାଯାଇଥିବା ଅନ୍ୟାନ୍ୟ ସବୁ ଦାୟିତ୍ୱ ସମ୍ପାଦନ କରିବା।

(ବ) ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ଲାଇସେନ୍ସର ପ୍ରଦାନ କରିବା।

(ଭ) ଖାଦ୍ୟ ପ୍ରକ୍ରିୟାକରଣ ଏବଂ କ୍ଷୁଦ୍ର ଶିଳ୍ପ।

(ମ) ବାସଗୃହ।

(ଯ) ଦାରିଦ୍ର୍ୟ ଦୂରୀକରଣ ଯୋଜନା।

୧. ମହିଳା ଏବଂ ଶିଶୁ କଲ୍ୟାଣ।

୨. ମାନସିକ ଅନଗ୍ରସର ଏବଂ ଶାରୀରିକ ଅକ୍ଷମଙ୍କ କଲ୍ୟାଣ ସହିତ ସାମାଜିକ କଲ୍ୟାଣ

୩. ସାଧାରଣ ବଣ୍ଟନ ବ୍ୟବସ୍ଥା।

୪. ଗୋଷ୍ଠୀ ସମ୍ପଦର ରକ୍ଷଣାବେକ୍ଷଣ।

## ସ୍ୱେଚ୍ଛାକୃତ କାର୍ଯ୍ୟ

ପଞ୍ଚାୟତର ଅଧିକାଂଶ ସଦସ୍ୟ ଯଦି ନିଷ୍ପତ୍ତି କରନ୍ତି ଏବଂ ରାଜ୍ୟ ସରକାର ଯଦି ନିର୍ଦ୍ଦେଶ ଦିଅନ୍ତି, ତେବେ ନିମ୍ନଲିଖିତ ସ୍ୱେଚ୍ଛାକୃତ ବିଷୟବସ୍ତୁଗୁଡିକର କାର୍ଯ୍ୟ, ନିୟନ୍ତ୍ରଣ ଓ ପ୍ରଶାସନ ଦାୟିତ୍ୱ ପଞ୍ଚାୟତ ବହନ କରିବ।

(କ) ଗ୍ରାମପଞ୍ଚାୟତକୁ ଦିଆଯାଇଥିବା ସର୍ବସାଧାରଣ ରାସ୍ତା ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବୃକ୍ଷ ରୋପଣ କରିବା ଓ ତା'ର ରକ୍ଷଣାବେକ୍ଷଣ କରିବା।

(ଖ) ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ଗ୍ରାମ୍ୟ ଜଙ୍ଗଲର ରକ୍ଷଣାବେକ୍ଷଣ କରିବା।

(ଗ) ପଶୁ ଚିକିତ୍ସା ଏବଂ ପଶୁରୋଗର ନିରାକରଣ, ପ୍ରଜନନର ଉନ୍ନତି ସାଧନ।

(ଘ) କଂସେଇଖାନା ସ୍ଥାପନ ଓ ତା'ର ରକ୍ଷଣାବେକ୍ଷଣ ଓ ନିୟନ୍ତ୍ରଣ କରିବା।

(ଙ) ଅନାବାଦୀ ଏବଂ ପତିତ ଜମିକୁ ଚାଷ ଉପଯୋଗୀ କରିବାକୁ ଚାଷୀମାନଙ୍କୁ ସହାୟତା ଏବଂ ପରାମର୍ଶ ଦେବା।

(ଚ) ଉନ୍ନତ ବିହନ, ଯନ୍ତ୍ରପାତି ଏବଂ କୃଷି ଉପକରଣ ନିମନ୍ତେ ସମବାୟ ଭଣ୍ଡାର ସ୍ଥାପନ ଓ ପରିଚାଳନା।

ଗ୍ରାମରେ ଥିବା ଜମି ଏବଂ ଗୋଷ୍ଠୀ ସମ୍ପତ୍ତିର ସମବାୟ ନୀତିରେ ପରିଚାଳନା, ସମବାୟ ନୀତିରେ ଦୁଧିଆଳି ଗାଈ ପାଳନ ଓ ତା'ର ପରିଚାଳନା।

(ଛ) ଦୁର୍ଭିକ୍ଷ ଏବଂ ଅନ୍ୟାନ୍ୟ ଦୈବିଦୁର୍ବିପାକର ବ୍ୟବସ୍ଥା।

(ଜ) ପୁସ୍ତକାଗାର ଏବଂ ପାଠାଗାର ସ୍ଥାପନ, ରକ୍ଷଣାବେକ୍ଷଣ, ସର୍ବସାଧାରଣ, ସ୍ଥାନରେ ସଙ୍ଗୀତ ତଥା ଅନ୍ୟାନ୍ୟ ଆମୋଦ ପ୍ରମୋଦର ବ୍ୟବସ୍ଥା।

(ଝ) ଅଗ୍ନି ନିରୋଧ ବ୍ୟବସ୍ଥା ଏବଂ ଅଗ୍ନିଦାଉରୁ ଧନଜୀବନ ସୁରକ୍ଷା ନିମନ୍ତେ ବ୍ୟବସ୍ଥା କରିବା।

(ଞ) ମହିଳା ଏବଂ ଶିଶୁମଙ୍ଗଳ କେନ୍ଦ୍ର ସ୍ଥାପନ କରିବା।

(ଟ) କ୍ଲବ୍, ଆଖଡା ଘର ପ୍ରତିଷ୍ଠା ଏବଂ ଖେଳ ଓ ଅନ୍ୟାନ୍ୟ ଆମୋଦ ପ୍ରମୋଦ ନିମନ୍ତେ ସ୍ଥାନ ନିରୂପଣ କରିବା ଏବଂ ଏହାର ରକ୍ଷଣାବେକ୍ଷଣ କରିବା।

(ଠ) ଖରାଦିନିଆ ରାସ୍ତା, ନୌକା ଏବଂ କାଞ୍ଜିଆହୁଦା ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ଫିସ୍ ଆଦାୟ କରିବା।

(ଡ) ଅଭାବ ଅନାଟନ ସମୟରେ ଶ୍ରମନିଯୁକ୍ତିର ବ୍ୟବସ୍ଥା କରିବା ଏବଂ ଏହାର ମୁକାବିଲା କରିବା ପାଇଁ ଶସ୍ୟଭଣ୍ଡାର (ଖମାର) ସ୍ଥାପନ କରିବା।

(ଢ) କୁଟୀରଶିଳ୍ପ ସ୍ଥାପନ, ପରିଚାଳନା ଓ ଅଭିବୃଦ୍ଧି। ବ୍ୟବସାୟିକ ଏବଂ ଅନ୍ୟାନ୍ୟ ଲାଭପ୍ରଦ ଯୋଜନାଗୁଡିକର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ।

(ଣ) ଧର୍ମଶାଳା ଓ ବିଶ୍ରାମଗୃହ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ।

(ତ) କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇନଥିବା କୃଷି ଏବଂ ଶିଳ୍ପପ୍ରଦର୍ଶନୀର ଆୟୋଜନ ଓ ତା'ର ରକ୍ଷଣାବେକ୍ଷଣ।

(ଥ) ବେକାର ବ୍ୟକ୍ତିଙ୍କ ସଂଖ୍ୟା ନିର୍ଣ୍ଣୟ କରିବା। (ଗଣନା)

(ଦ) ସାର୍ବଜନୀନ ଟୀକାଦାନ (ମନୁଷ୍ୟ ଓ ଜୀବଜନ୍ତୁ)

(ଧ) ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟପଦାର୍ଥର ବିକ୍ରି ଉପରେ ନିୟନ୍ତ୍ରଣ ଏବଂ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇବା।

(ନ) ପଞ୍ଚାୟତ ସମିତି ଠାରୁ ଅନୁମତି ନେଇ ପ୍ରାଥମିକ ବିଦ୍ୟାଳୟ ଏବଂ ଜନଶିକ୍ଷା କେନ୍ଦ୍ର ସ୍ଥାପନ।

(ପ) ପ୍ରାକୃତିକ ବିପର୍ଯ୍ୟୟ ଯଥା ଘରପୋଡି ଏବଂ ବନ୍ୟା ସମୟରେ ଧନଜୀବନର ସୁରକ୍ଷା କରିବା, ଗ୍ରାମପଞ୍ଚାୟତକୁ ସାହାଯ୍ୟ କରିବା ନିମନ୍ତେ ପ୍ରତି ଗ୍ରାମରେ ସ୍ୱେଚ୍ଛାସେବକ ବାହିନୀ ଗଠନ କରିବା ଏବଂ ଜନକଲ୍ୟାଣକାରୀ କାର୍ଯ୍ୟମାନ ପରିଚାଳନା କରିବା।

(ଫ) ଜୁଆଖେଳ ଓ ମଦ୍ୟପାନ ବନ୍ଦକରିବା ଏବଂ ଏହାକୁ ନିଷେଧ କରିବା ପାଇଁ ବ୍ୟବସ୍ଥା କରିବା।

(ବ) ରାଜ୍ୟ ସରକାରଙ୍କର ଜମି ଉପରେ ଗ୍ରାମ୍ୟ କୃଷି ବନ୍ଦର ନିର୍ମାଣ ଏବଂ ଏହାର ରକ୍ଷଣାବେକ୍ଷଣ।

(ଭ) ରାଜ୍ୟସରକାର ଯେ କୌଣସି କାର୍ଯ୍ୟପାଇଁ ଖର୍ଚ୍ଚ କରିବାକୁ ଘୋଷଣା କଲେ ତାହା ଗ୍ରାମ ପାଣ୍ଠିରୁ ଖର୍ଚ୍ଚ କରାଯିବ।

(ମ) ଏହା ପୂର୍ବରୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇନଥିବା କାର୍ଯ୍ୟ, ଯାହାକି ସର୍ବସାଧାରଣଙ୍କ ନିରାପତ୍ତା, ସ୍ୱାସ୍ଥ୍ୟ କିମ୍ବା ସମାଜ କଲ୍ୟାଣର ଉନ୍ନତି କରିବା।

## ପଞ୍ଚାୟତ ବୈଠକ, ବୈଠକ ପାଇଁ ନୋଟିସ୍ ଓ କୋରମ୍

⇨ ଗ୍ରାମପଞ୍ଚାୟତର ବୈଠକ ପଞ୍ଚାୟତ ଅଫିସରେ କିମ୍ବା ସରପଞ୍ଚଙ୍କ ଦ୍ୱାରା ସମୟକୁ ସମୟ ନିରୂପିତ ସ୍ଥାନୀୟ ଅଞ୍ଚଳ ମଧ୍ୟରେ ଥିବା କୌଣସି ସର୍ବସାଧାରଣ ସ୍ଥାନରେ ବସିବ। (ନିୟମ-୨୨୪)

⇨ ପ୍ରତ୍ୟେକ ଗ୍ରାମପଞ୍ଚାୟତର ବୈଠକ ପ୍ରତିମାସରେ ଥରେ ବସିବ ଏବଂ ପରବର୍ତ୍ତୀ ବୈଠକର ତାରିଖ ଏହିପରି ଏକ ବୈଠକରେ ସ୍ଥିର କରାଯିବ। ସୂଚନା ଯୋଗ୍ୟ ଯେ, ନିର୍ଦ୍ଧାରିତ ତାରିଖରେ କୌଣସି କାରଣରୁ ବୈଠକ ବସିବା ସମ୍ଭବପର ନ ହେଲେ ନିର୍ଦ୍ଧାରିତ ସମୟଠାରୁ ୧୫ଦିନ ମଧ୍ୟରେ ସରପଞ୍ଚଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ଏକ ଦିନରେ ବୈଠକ ବସିବ।

(କ) ନିୟମ ୨୨୬ ଅନୁସାରେ ଗ୍ରାମପଞ୍ଚାୟତ ମୋଟ ସଭ୍ୟସଂଖ୍ୟାର ଅନ୍ତତଃ ଏକ ତୃତୀୟାଂଶ ସଭ୍ୟସଭ୍ୟାଙ୍କ ରିକ୍ୟୁଜିସନ ଉପରେ ସରପଞ୍ଚ ଗ୍ରାମପଞ୍ଚାୟତର ଏକ ସ୍ୱତନ୍ତ୍ର ବୈଠକ ଡକାଇ ପାରିବେ। ଏପରି ରିକ୍ୟୁଜିସନ ପାଇବାପରେ ଯଦି ସରପଞ୍ଚ ୩୦ ଦିନ ମଧ୍ୟରେ ବୈଠକ ନଡକାନ୍ତି, ତେବେ ରିକ୍ୟୁଜିସନରେ ସ୍ୱାକ୍ଷର କରିଥିବା ସଭ୍ୟସଭ୍ୟାମାନେ ଉପଜିଲ୍ଲାପାଳଙ୍କୁ ଏହି ବିଷୟ ଜଣାଇପାରିବେ। ଉପଜିଲ୍ଲାପାଳ ଏପରି ରିପୋର୍ଟ ପାଇବା ତାରିଖ ଠାରୁ ସାତଦିନ ମଧ୍ୟରେ ବୈଠକ ଡକାଇବେ।

(ଖ) ଜିଲ୍ଲାପାଳ କିମ୍ବା ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ ଯେ କୌଣସି ଅଧିକାରୀ ରିକ୍ୟୁଜିସନ କରିପାରନ୍ତି। ଏପରି ରିକ୍ୟୁଜିସନ ପାଇବାପରେ ସମ୍ପାଦକ, ଗ୍ରାମପଞ୍ଚାୟତର ଏକ ବୈଠକ ପାଇଁ ନୋଟିସ୍ ଦେବେ।

## ବୈଠକର ନୋଟିସ

⇨ ଗ୍ରାମ ପଞ୍ଚାୟତର ସାଧାରଣ ବୈଠକ ପାଇଁ ଅନ୍ତତଃ ସାତଦିନ ପୂର୍ବରୁ ନୋଟିସ୍ ଦେବାକୁ ହେବ।

⇨ ଏହି ନୋଟିସ୍ ର ଏକ ନକଲ ସମ୍ପୃକ୍ତ ବି.ଡି.ଓ.ଙ୍କ ନିକଟକୁ ପଠାଯିବ। (ନିୟମ-୨୨୭)

⇨ ଗ୍ରାମ ପଞ୍ଚାୟତ ବୈଠକପାଇଁ ପ୍ରତ୍ୟେକ ସଭ୍ୟଙ୍କୁ ନୋଟିସ୍ ଦିଆଯିବ। (ନିୟମ-୨୨୮)

⇨ ସରପଞ୍ଚଙ୍କ ଅନୁମୋଦନ ଲାଭକରି ଓ ସମସ୍ତ ସଦସ୍ୟଙ୍କର ସ୍ୱାକ୍ଷର ନେଇ ସମ୍ପାଦକ ଏଇ ନୋଟିସକୁ ବୋର୍ଡରେ ଝୁଲାଇଦେବେ। (ପ୍ରକାଶଥାଉକି, ପଞ୍ଚାୟତ ସେକ୍ରେଟାରୀ ନୋଟିସ୍ ବିତରଣ କରିବାକୁ ଯଦି ମନାକରନ୍ତି, ତେବେ ସରପଞ୍ଚ ଅନ୍ୟ ଉପାୟରେ ସଭ୍ୟ ସଭ୍ୟାମାନଙ୍କୁ ନୋଟିସ୍ ଦେବେ।)

⇨ କୌଣସି ୱାର୍ଡମେମ୍ବର, ଅନୁପସ୍ଥିତ ଥିଲେ ନୋଟିସ୍‌ଟିକୁ ସାର୍ଟିଫିକେଟ ଅଫ୍ ପୋଷ୍ଟିଙ୍ଗ ଜରିଆରେ ତାଙ୍କ ନିକଟକୁ ପଠାଯିବ।

⇨ କୌଣସି ସଭ୍ୟ ଭାବରେ ଦୁର୍ଘଟଣା ବଶତଃ ନୋଟିସ ପାଇ ନଥିଲେ, ବୈଠକର କାର୍ଯ୍ୟାନୁଷ୍ଠାନ ଅସିଦ୍ଧ ହେବ ନାହିଁ।

⇨ ବୈଠକରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟାବଳୀର ପୂର୍ଣ୍ଣ ବିବରଣୀ ନୋଟିସ୍‌ରେ ସ୍ଥାନ ପାଇବ; କିନ୍ତୁ ନୋଟିସ୍‌ରେ ସ୍ଥାନ ପାଇ ନଥିବା ଯେ କୌଣସି ପ୍ରସ୍ତାବ ସରପଞ୍ଚ ଆଗତ କରିପାରିବେ। (ନିୟମ-୨୨୯)

## ବୈଠକର କୋରମ୍

⇨ ଗ୍ରାମ ପଞ୍ଚାୟତର କୌଣସି ବୈଠକ ପାଇଁ ମୋଟ ସଭ୍ୟ ସଂଖ୍ୟାର ଏକତୃତୀୟାଂଶ ଉପସ୍ଥିତ ହେଲେ ବୈଠକର କୋରମ୍ ହେବ। ଯଦି ଗ୍ରାମପଞ୍ଚାୟତର କୌଣସି ବୈଠକରେ କୋରମ୍ ନହୁଏ, ତେବେ ବୈଠକରେ ଅଧ୍ୟକ୍ଷତା କରୁଥିବା ସରପଞ୍ଚ, ନାଏବ ସରପଞ୍ଚ କିମ୍ବା ସଭ୍ୟ ସଭ୍ୟା ନିଜର ବିବେଚନା ଅନୁସାରେ ଅନ୍ୟକୌଣସି ଦିନକୁ ବୈଠକ ମୁଲତବି ରଖିବେ ଏବଂ ଏଥିପାଇଁ ନିୟମ ୨୨୮ ଅନୁଯାୟୀ ଅନ୍ୟୁନ ତିନିଦିନ ଆଗରୁ ନୋଟିସ୍ ଦିଆଯିବ। ଏପରି ମୁଲତବି ବୈଠକରେ ଉପସ୍ଥିତ ସଭ୍ୟସଭ୍ୟାଙ୍କ ସଂଖ୍ୟା ଯାହା ହେଉନା କାହିଁକି, ତାହା ଚଳନୀୟ ସଂଖ୍ୟା ବୋଲି ବିବେଚିତ ହେବ। (ନିୟମ-୨୩୦)

⇨ ଗ୍ରାମପଞ୍ଚାୟତର ପ୍ରତ୍ୟେକ ବୈଠକରେ ସରପଞ୍ଚ କିମ୍ବା ତାଙ୍କର ଅନୁପସ୍ଥିତିରେ ନାଏବ ସରପଞ୍ଚ ଏବଂ ଉଭୟଙ୍କ ଅନୁପସ୍ଥିତିରେ ବୈଠକରେ ଉପସ୍ଥିତ ଥିବା ସଭ୍ୟସଭ୍ୟା ବୃନ୍ଦ ସେଇ ବୈଠକରେ ଅଧ୍ୟକ୍ଷତା କରିବାପାଇଁ ଜଣେ ସଭ୍ୟ ବା ସଭ୍ୟାଙ୍କୁ ମନୋନୀତ କରିବେ। (ନିୟମ-୨୩୧)

## ପଞ୍ଚାୟତର ସାଧାରଣ ବୈଠକ ପରିଚାଳନା ପଦ୍ଧତି

ଗ୍ରାମପଞ୍ଚାୟତର ସାଧାରଣ ବୈଠକ ଗୁଡିକ ନିମ୍ନଲିଖିତ ପଦ୍ଧତି ଅନୁସାରେ ପରିଚାଳିତ ହେବ। (ନିୟମ-୨୩୨)

(କ) ଗତ ସାଧାରଣ ବୈଠକ ଓ କୌଣସି ସ୍ୱତନ୍ତ୍ର ବୈଠକର କାର୍ଯ୍ୟବିବରଣୀ ପଢାଯିବ ଏବଂ ଏହା ଠିକ୍ ଭାବରେ ଲିପିବଦ୍ଧ ହୋଇଛି ବୋଲି ସଭାରେ ଅନୁମୋଦିତ ହେଲାପରେ, ସେହି ବୈଠକର ସଭାପତି ବିବରଣୀ ତଳେ ସ୍ୱାକ୍ଷର କରିବେ।

(ଖ) ଗତ ସାଧାରଣ ବୈଠକରେ ସ୍ଥଗିତ ରହିଥିବା କାର୍ଯ୍ୟାବଳୀର ବିଚାର କରାଯିବ।

(ଗ) ଗ୍ରାମପଞ୍ଚାୟତକୁ ଆସିଥିବା ଓ ଗ୍ରାମପଞ୍ଚାୟତରୁ ଯାଇଥିବା ସମସ୍ତ ଚିଠିର ସୂଚନା ସହ ଗତ ବୈଠକ ଠାରୁ ଯେଉଁ ଯେଉଁ ବିଷୟ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିବ, ସେ ବିଷୟରେ ସଂପାଦକ ଏକ ବିବରଣୀ ସମସ୍ତ ସଭ୍ୟ/ସଭ୍ୟାଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିବେ।

(ଘ) ଗ୍ରାମପଞ୍ଚାୟତ ଦ୍ୱାରା କରାଯାଇଥିବା ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟର ଏକ ପ୍ରଗତି ବିବରଣୀ, କାର୍ଯ୍ୟର ଟିକିନିଖି ବିବରଣୀ ଓ ପ୍ରତ୍ୟେକ କାର୍ଯ୍ୟପାଇଁ ଦିଆଯାଉଥିବା ଅଗ୍ରୀମ ଅର୍ଥର ବକେୟା ପରିମାଣ ନିୟମାବଳୀ ୫୩ ଓ ୬୧ ଅନୁଯାୟୀ ସମୀକ୍ଷା ନିମନ୍ତେ ସଭ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ।

(ଙ) ଏହି ନିୟମାବଳୀର ନିୟମ ୧୫୮ ଅନୁଯାୟୀ ଆବଶ୍ୟକ ହିସାବ ଓ ବିବରଣୀ ବିଚାର କରାଯାଇ ତାହା ଠିକ୍ ଅଛି କି ନା, ପରୀକ୍ଷା କରାଯିବ ଓ ସଭାରେ ଗୃହୀତ ହେବ।

(ଚ) ଗ୍ରାମପଞ୍ଚାୟତ ପ୍ରାପ୍ୟର ଦାବୀ, ଆଦାୟ ଓ ବକେୟା ପ୍ରାପ୍ୟ ଉପରେ ବିଚାର କରାଯିବ। ଯଦି କୌଣସି ବକେୟା ଥାଏ, ତେବେ ତାହା ଆଦାୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

(ଛ) ଯଥାରୀତି ଆଗତ କରାଯାଇଥିବା ଓ ସମର୍ଥିତ ହୋଇଥିବା ପ୍ରସ୍ତାବ ଓ ସଂଶୋଧନ ପ୍ରସ୍ତାବଗୁଡ଼ିକ ଉପରେ ବୈଠକରେ ଆଲୋଚନା କରାଯିବ।

(ଜ) ଏହି ନିୟମାବଳୀର ନିୟମ ୨୨୬ ଅନୁଯାୟୀ ବ୍ୟୟମାନ ଉପସ୍ଥାପନ କରାଯାଇଥିବା ବିଭିନ୍ନ କାର୍ଯ୍ୟକାରୀ କମିଟିର ରିପୋର୍ଟ ପଢାଯିବ, ବିଚାର କରାଯିବ ଓ ଅନୁମୋଦନ କରାଯିବ।

(ଝ) ଏହି ନିୟମାବଳୀର ନିୟମ ୧୪୪ ଅନୁସାରେ ଯେଉଁ ଯେଉଁ ଆବଶ୍ୟକୀୟ ବ୍ୟୟମାନ ଗ୍ରାମପାଣ୍ଠିରୁ କରିବାକୁ ଥିବ, ତାହା ବିଚାର କରାଯିବ ଓ ଗୃହୀତ ହେବ।

(ଞ) ବୈଠକ ତାରିଖ ପର୍ଯ୍ୟନ୍ତ ହୋଇଥିବା ଆୟ ଓ ବ୍ୟୟ ଅନୁମୋଦିତ ବଜେଟ୍ ଅଟକଳ ସହ ମିଳାଯିବ ଓ ତା' ଉପରେ ଆଲୋଚନା କରାଯିବ।

(ଟ) ଗ୍ରାମପଞ୍ଚାୟତ ଉପରେ ନ୍ୟସ୍ତ ହୋଇଥିବା କିମ୍ବା ଗ୍ରାମପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ସମ୍ପତ୍ତିର ପରିଚାଳନା ପାଇଁ କାର୍ଯ୍ୟକ୍ରମ ଏବଂ ନିଲାମ୍-ଖରିଦ୍‌ଦାର ଚୁକ୍ତି ଅନୁଯାୟୀ ନିଜର କର୍ତ୍ତବ୍ୟପାଳନ କରୁଛନ୍ତି କି ନାହିଁ ତାହା ଉପରେ ଆଲୋଚନା କରାଯିବ।

(ଠ) ପାଇଥିବା ସହାୟତା ଅନୁଦାନ (ଗ୍ରାଣ୍ଟ-ଇନ୍-ଏଡ) ସମ୍ପର୍କରେ ବିଚାରଧୀନ ଥିବା ଉପଯୋଗ ପ୍ରମାଣପତ୍ର ଉପରେ ଆଲୋଚନା କରାଯିବ।

(ଡ) ଗ୍ରାମପଞ୍ଚାୟତକୁ ପୂର୍ବ ବୈଠକଠାରୁ ମିଳିଥିବା ପରିଦର୍ଶନ ରିପୋର୍ଟ ହିସାବ ସମୀକ୍ଷା ବିବରଣୀ ଓ ପରିଦର୍ଶକଙ୍କ ମନ୍ତବ୍ୟ ପଢାଯିବ। ସେ ସମ୍ପର୍କରେ କି କି କାର୍ଯ୍ୟାନୁଷ୍ଠାନ କରାଯିବ, ତାହା ସ୍ଥିର କରାଯିବ।

(ଢ) ଗ୍ରାମପଞ୍ଚାୟତରେ କୌଣସି ସଭ୍ୟସ୍ଥାନ ଖାଲି ପଡିଲେ ତାହା ପ୍ରସ୍ତାବରେ ଲେଖାଯିବ ଏବଂ ଅନୁବିଭାଗୀୟ ଅଧିକାରୀ (ଏସ୍.ଡି.ଓ)ଙ୍କୁ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ଜଣାଇବା ଲାଗି ସରପଞ୍ଚଙ୍କୁ ଅନୁରୋଧ କରାଯିବ।

(ଣ) ଏହି ନିୟମାବଳୀର ନିୟମ ୨୨୯ ଅନୁଯାୟୀ ଦିଆଯାଇଥିବା ନୋଟିସ୍‌ରେ ଉଲ୍ଲିଖିତ ଯେକୌଣସି କାର୍ଯ୍ୟାବଳୀର ବିଚାର ଆଲୋଚନା କରାଯିବ।

⇨ ଯେଉଁ କାର୍ଯ୍ୟାବଳୀ ପାଇଁ ବୈଠକ ଡକାଯାଇଥିବ, ସେହି କାର୍ଯ୍ୟାବଳୀର ବିଷୟବସ୍ତୁ ଉପରେ ଉକ୍ତ ବୈଠକରେ ଆଲୋଚନା ହେବ। (ନିୟମ-୨୨୩)

⇨ ଏହି ନିୟମାବଳୀର ନିୟମ - ୨୨୯ ଓ ୨୩୨ ଅନୁଯାୟୀ ଦିଆଯାଇଥିବା ନୋଟିସ୍‌ର ବିଷୟବସ୍ତୁ ବ୍ୟତୀତ ଅନ୍ୟ କୌଣସି ବିଷୟ ଉପରେ ବୈଠକରେ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ସଭ୍ୟ ଇଚ୍ଛାକଲେ, ସେ ବିଷୟରେ ଆଲୋଚନା କରିପାରିବେ। (ନିୟମ-୨୩୪)

⇨ ଗ୍ରାମପଞ୍ଚାୟତର କୌଣସି ସଭ୍ୟ ପ୍ରସ୍ତାବ ଆଗତ କରିବାକୁ କିମ୍ବା କୌଣସି ପ୍ରଶ୍ନ ପଚାରିବାକୁ ଇଚ୍ଛାକଲେ, ସେ ତାଙ୍କର ସେହି ଉଦ୍ଦେଶ୍ୟ ଲିଖିତକାରରେ ସରପଞ୍ଚଙ୍କୁ ସାତଦିନ ଆଗରୁ ନୋଟିସ୍ ଦେବେ ଏବଂ ସେହି ନୋଟିସ୍ ସହିତ ତାଙ୍କର ପ୍ରସ୍ତାବ କିମ୍ବା ପ୍ରଶ୍ନର ଏକ ନକଲ ମଧ ଦେବେ। (ନିୟମ-୨୩୫)

## ନିମ୍ନଲିଖିତ ସର୍ତ୍ତଗୁଡିକ ପୂରଣ କରୁନଥିଲେ କୌଣସି ପ୍ରସ୍ତାବ କିମ୍ବା ପ୍ରଶ୍ନ ଗ୍ରହଣୀୟ ହେବ ନାହିଁ:

୧. ଏହା ସୁସ୍ପଷ୍ଟ, ସଂକ୍ଷିପ୍ତ ଓ ଯଥାର୍ଥ ହୋଇଥିବ ଏବଂ ଏକ ନିର୍ଦ୍ଦିଷ୍ଟ ବିଷୟ ଉତ୍‌ଥାପନ କରୁଥିବ। (ନିୟମ-୨୩୬)

୨. ଏଥିରେ କୌଣସି ଯୁକ୍ତିତର୍କ, ପରିହାସମୂଳକ ଅଭିବ୍ୟକ୍ତି, ମାନହାନୀମୂଳକ ମନ୍ତବ୍ୟ ନଥିବ କିମ୍ବା ପଦାଧିକାରୀ ରୂପେ କ୍ଷମତା ଅଥବା ସାର୍ବଜନୀନ କ୍ଷମତା ନଥିଲେ କୌଣସି ବ୍ୟକ୍ତିଙ୍କର ଆଚରଣ କିମ୍ବା ଚରିତ୍ର ସମ୍ପର୍କରେ କୌଣସି କଥା ଉଲ୍ଲେଖ କରାଯାଇନଥିବ।

୩. ଗ୍ରାମପଞ୍ଚାୟତର ସ୍ୱେଚ୍ଛାମୂଳକ ଓ ଅବଶ୍ୟ ପାଳନୀୟ କାର୍ଯ୍ୟାବଳୀ ବିଷୟ ସହ ଏହାର ସିଧା ସମ୍ପର୍କ ଥିବ।

⇨ ପ୍ରସ୍ତାବ ପ୍ରଶ୍ନଗୁଡିକ କେବଳ ଗ୍ରାମପଞ୍ଚାୟତର ପରିଚାଳନା ସଂପର୍କରେ ନିଶ୍ଚିତ ଭାବରେ ସୀମାବଦ୍ଧ ହୋଇଥିବ। (ନିୟମ-୨୩୭)

⇨ ଯଥାରୀତି ଉପସ୍ଥାପନ କରାଯାଇଥିବା ପ୍ରତ୍ୟେକ ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବ ସମର୍ଥିତ ହେବ। ସମର୍ଥିତ ନହେବା ପର୍ଯ୍ୟନ୍ତ ତାହା ଉପରେ କୌଣସି ତର୍କ ବିତର୍କ ବା ଆଲୋଚନା କରାଯାଇ ପାରିବ ନାହିଁ। (ନିୟମ-୨୩୮)

⇨ ଯଥାରୀତି ଆଗତ କରାଯାଇ ସମର୍ଥିତ ହୋଇଥିବା ପ୍ରତ୍ୟେକ ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବର ସପକ୍ଷ ଓ ବିପକ୍ଷରେ କେତେକ ସଭ୍ୟଙ୍କର ମତ ରହିଛି, ତାହା ଜାଣିବାକୁ ବାଧ କରାଗଲେ, ସେହି ପ୍ରସ୍ତାବ ଲିଖିତ ଆକାରରେ ପ୍ରସ୍ତାବକ ଏବଂ ସମର୍ଥକଙ୍କ ଦସ୍ତଖତ ଥାଇ ଦିଆଯିବ। ଏହାପରେ ସେହି ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସପକ୍ଷ ଓ ବିପକ୍ଷରେ କେତେ ଭୋଟ୍ ମିଳିଛି ଏବଂ କିଏ ଭୋଟ୍ ଦେଇଛନ୍ତି, ତାହା ସଭା ବିବରଣୀ ବହିରେ ଲେଖାଯିବ। (ନିୟମ-୨୩୯)

## ବୈଠକର ଅଧକ୍ଷ ସଭା ବିବରଣୀ ଖାତାରେ କାରଣ ସହ ନିମ୍ନଲିଖିତ ବିଷୟଗୁଡିକ ଲେଖି ପାରିବେ

(କ) ଆଗତ କରାଯାଇଥିବା କୌଣସି ପ୍ରସ୍ତାବ ଅଥବା ସଂଶୋଧନ ପ୍ରସ୍ତାବ ଆଇନ ସମ୍ମତ ନୁହେଁ କିମ୍ବା ଏହା ଶୃଙ୍ଖଳିତ ନୁହେଁ;

(ଖ) ଏପରି ପ୍ରସ୍ତାବ ଅଥବା ସଂଶୋଧନ -ପ୍ରସ୍ତାବ ଆଇନସମ୍ମତ କିମ୍ବା ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ନିଜର ବିବେଚନାଅନୁଯାୟୀ ତହିଁରେ ଆବଶ୍ୟକ ପରିବର୍ତ୍ତନ କରିପାରିବେ। (ନିୟମ-୨୪୦)

(ଗ) ଆବଶ୍ୟକ କ୍ଷେତ୍ରରେ ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବକୁ ବୈଠକର କାର୍ଯ୍ୟାବଳୀରେ ସ୍ଥାନଦେବାକୁ ମନା କରିଦେଇପାରନ୍ତି।

⇨ କେତେକ କ୍ଷେତ୍ରରେ ପ୍ରସ୍ତାବକ ଓ ସମର୍ଥକ ପରିବର୍ତ୍ତିତ ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବକୁ ଗ୍ରହଣକରି ତହିଁରେ ସ୍ୱାକ୍ଷର ନକରିବା ପର୍ଯ୍ୟନ୍ତ ସେହି ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବକୁ ବୈଠକର କାର୍ଯ୍ୟାବଳୀରେ ସ୍ଥାନ ନଦେବାକୁ ନିର୍ଦ୍ଦେଶ ଦେଇ ପାରନ୍ତି। ଏସବୁ କ୍ଷେତ୍ରରେ ସଭାପତିଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ଅଟେ।

⇨ ଗୋଟିଏ ପ୍ରସ୍ତାବ ଆଗତ ହୋଇ ସମର୍ଥିତ ହେବା ପରେ ତହିଁ ଉପରେ ଆଲୋଚନାର ଯେକୌଣସି ସ୍ତରରେ ଏକ ସଂଶୋଧନ ପ୍ରସ୍ତାବ ଅଣାଯାଇପାରେ। (ନିୟମ-୨୪୧)

⇨ ଆଗତ କରାଯାଇଥିବା କେତେଗୁଡିଏ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ଶେଷ ହେବା ପରେ ବୈଠକର ସଭାପତି ସେହି ସଂଶୋଧନ ପ୍ରସ୍ତାବଗୁଡିକ ଯେଉଁ କ୍ରମରେ ଆଗତ କରାଯାଇଥିଲା, ଠିକ୍ ତାହାର ବିପରୀତ କ୍ରମେ ସେଗୁଡିକ ଉପରେ ଭୋଟ୍ ଦାନର ବ୍ୟବସ୍ଥା କରିବେ। ସଂଶୋଧନ ପ୍ରସ୍ତାବଗୁଡିକ ଉପରେ ନିଷ୍ପତ୍ତି ନେଇ ସାରିବା ପରେ ସଭାପତି ମୂଳ ପ୍ରସ୍ତାବ (ଯେପରି ପ୍ରସ୍ତାବ ହୋଇଥିବ) ଉପରେ ଭୋଟଦାନ ବ୍ୟବସ୍ଥା କରିବେ ବା ସ୍ଥଳ ବିଶେଷରେ ପ୍ରସ୍ତାବଟି ଯେପରି ସଂଶୋଧିତ ହୋଇଥିବ, ତା'ଉପରେ ଭୋଟ ଦେବେ। (ନିୟମ-୨୪୨)

⇨ ବୈଠକରେ ଆଗତ ସମସ୍ତ ପ୍ରଶ୍ନର ନିଷ୍ପତ୍ତି ଅର୍ଦ୍ଧାଧିକ ଭୋଟରେ ନିଆଯିବ। ସମାନ ଭୋଟଦେଲେ, ବୈଠକର ସଭାପତି ନିଜର ଦ୍ୱିତୀୟ ବା ନିର୍ଣ୍ଣାୟକ ଭୋଟ ପ୍ରୟୋଗ କରିପାରିବେ। (ନିୟମ-୨୪୩)

⇨ ପ୍ରକ୍ସିଭୋଟ ଦେବା ନିଷେଧ। କୌଣସି ସଭ୍ୟ ବୈଠକରେ ନିଜେ ଉପସ୍ଥିତ ନରହିଲେ, କୌଣସି ପ୍ରସ୍ତାବ କିମ୍ବା ସଂଶୋଧନ ପ୍ରସ୍ତାବ ଉପରେ ଭୋଟ୍ ନିଆଯିବା ବେଳେ ସେ ଭୋଟ୍ ଦେଇପାରିବେ ନାହିଁ। (ନିୟମ-୨୪୪)

⇨ ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଗୃହୀତ ନହେଲେ ଥରେ ଚୂଡାନ୍ତ ହୋଇଯାଇଥିବା କୌଣସି ବିଷୟ ଛଅମାସ ମଧ୍ୟରେ ପରିବର୍ତ୍ତନ ହୋଇପାରିବ ନାହିଁ। (ନିୟମ-୨୪୫)

⇨ ପଞ୍ଚାୟତ ବୈଠକରେ ଓଡିଆ ଭାଷାରେ ଆଲୋଚନା କରାଯିବ ଏବଂ ସଭା ବିବରଣୀ ଓଡିଆରେ ଲେଖାଯିବ। (ନିୟମ-୨୪୬)

ସଭାବିବରଣୀ ଲେଖିବାପାଇଁ ଗୋଟିଏ(ମୋଟା ବନ୍ଧେଇ) ଖାତା ପଞ୍ଚାୟତ ଅଫିସରେ ରଖାଯିବ। ସଂପାଦକ ସଭାର ପ୍ରତ୍ୟେକ ବିବରଣୀ ସେଥିରେ ଲେଖିବେ। ଉପସ୍ଥିତ ସଭ୍ୟମାନେ ସଭାବହିରେ ଦସ୍ତଖତ କରିବେ, (ତା'ଛଡା ସଭ୍ୟ ଉପସ୍ଥାପନ ରେଜିଷ୍ଟର ଖୋଲାଯାଇ ବୈଠକ ବସୁଥିବା ତାରିଖ ମାନଙ୍କରେ ଉପସ୍ଥିତ ସଭ୍ୟମାନଙ୍କ ସ୍ୱାକ୍ଷର ନେବା ସୁବିଧା। କାରଣ ବୈଠକ ଭତ୍ତା ଦେଲାବେଳେ ଏବଂ ହିସାବତନଖି କଲାବେଳେ ଏହି ଉପସ୍ଥାନ ରେଜିଷ୍ଟର ବିଶେଷ ଆବଶ୍ୟକ ହେବ)। ସଭା ଶେଷରେ ସଭା ବିବରଣୀ ସଂପାଦକ ଲେଖି ସାରିଲାପରେ ସଭାପତି ଏଥିରେ ଦସ୍ତଖତ କରିବେ। ସଭା ବିବରଣୀ ସଠିକ୍ ଭାବେ ଲେଖାହୋଇଛି ବୋଲି ସଭାପତି ମନ୍ତବ୍ୟ ଦେବେ ଏବଂ ବୈଠକରେ ଉପସ୍ଥିତ ସଭ୍ୟ ସଂଖ୍ୟା ଉଲ୍ଲେଖ କରିବେ। ସର୍ବସାଧାରଣଙ୍କ ପରିଦର୍ଶନ ନିମନ୍ତେ ସଭା ବହି ମୁକ୍ତ ରହିବ। ସଂପାଦକ କୌଣସି ବୈଠକରେ ଅନୁପସ୍ଥିତ ଥିଲେ, ସଭା ବିବରଣୀ ଯଥାର୍ଥଭାବେ ଲେଖାଯିବା ନିମନ୍ତେ ସରପଞ୍ଚ ବିହିତ ବ୍ୟବସ୍ଥା କରିବେ। (ନିୟମ-୨୪୭)

(କ) ସମ୍ପାଦକ କିମ୍ବା ତାଙ୍କ ଅନୁପସ୍ଥିତିରେ ବୈଠକ ତାରିଖରୁ ସାତ ଦିନ ମଧ୍ୟରେ ଓ ସରପଞ୍ଚ ବି.ଡି.ଓ, ଏସ୍.ଡି.ଓଙ୍କ ନିକଟକୁ ସଭା ବିବରଣୀ ନିଶ୍ଚିତ ପଠାଇବେ।

ଗ୍ରାମପଞ୍ଚାୟତର ବୈଠକ ସର୍ବସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହିବ। କିନ୍ତୁ ଯଦି ସଭ୍ୟମାନେ ଏକମତ ହୁଅନ୍ତି ସେ ସର୍ବସାଧାରଣ କିମ୍ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବୈଠକର ସୀମା ମଧ୍ୟରେ ଉପସ୍ଥିତ ରହିପାରିବେ ନାହିଁ, ତେବେ ସଭାପତି ସର୍ବସାଧାରଣଙ୍କୁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବୈଠକ ସ୍ଥାନରୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ ବା ସେଥିପାଇଁ ବ୍ୟବସ୍ଥା କରିବେ। (ନିୟମ-୨୪୮)

# ପଲ୍ଲୀସଭା ଓ ଗ୍ରାମସଭା

ପୂର୍ବରୁ ସମସ୍ତ ଯୋଜନା ଉପରୁ ତଳ ଆଡକୁ ଆସୁଥିଲା। ଅର୍ଥାତ୍ ସରକାରୀ ଅଫିସମାନଙ୍କରେ ଯୋଜନା ପ୍ରସ୍ତୁତ ହେଉଥିଲା ଓ ତାହା ଗାଁରେ କାର୍ଯ୍ୟକାରୀ ହେଉଥିଲା। କିନ୍ତୁ ୭୩ତମ ସମ୍ବିଧାନ ସଂଶୋଧନ ପରେ ସମଗ୍ର ଭାରତ ବର୍ଷରେ ଗ୍ରାମସଭାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲା। ନିଜ ଯୋଜନା ନିଜେ ପ୍ରସ୍ତୁତ କରିବାର ପ୍ରକ୍ରିୟା ଆରମ୍ଭ ହେଲା। ଆମ ରାଜ୍ୟ ଓଡିଶା ଏ ଦିଗରେ ଗୋଟିଏ ପାଦ ଆଗକୁ ଯାଇ ପଲ୍ଲୀସଭା ମାଧ୍ୟମରେ ଯୋଜନା ପ୍ରସ୍ତୁତ କରିବାର ନିୟମ ପ୍ରଣୟନ କରିଛନ୍ତି। ଗୋଟିଏ ରାଜସ୍ୱ ମୌଜା ପାଇଁ ଗୋଟିଏ ପଲ୍ଲୀସଭା ବସିବ। ଯଦି ଗୋଟିଏ ରାଜସ୍ୱ ମୌଜା ବା ଗାଁରେ ଗୋଟିଏରୁ ଅଧିକ ୱାର୍ଡ ଥିବ ତେବେ ମଧ୍ୟ ସେହି ମୌଜା ପାଇଁ ଗୋଟିଏ ପଲ୍ଲୀସଭା ବସିବ। ଗାଁରେ ବାସକରୁଥିବା ପ୍ରତ୍ୟେକ ସାବାଳକ (ଉଭୟେ ପୁରୁଷ ଓ ମହିଳା) ଏହି ପଲ୍ଲୀସଭାରେ ଯୋଗ ଦେଇ ତାଙ୍କ ପଲ୍ଲୀର ସମସ୍ତ ଯୋଜନା ବିଷୟରେ ଆଲୋଚନା କରିବେ ଏବଂ ନୂଆ ନୂଆ ପ୍ରସ୍ତାବମାନ ଗ୍ରାମସଭାକୁ ସୁପାରିଶ କରିବେ।

## ପଲ୍ଲୀସଭା ଗଠନ

ପଲ୍ଲୀସଭା ଗଠନର କ୍ଷମତା ରାଜ୍ୟ ସରକାରଙ୍କର। ତେଣୁ ସରକାରଙ୍କ କ୍ଷମତା ବଳରେ ଜିଲ୍ଲାପାଳ ପଲ୍ଲୀସଭା ଗଠନ କରିବେ। ଗ୍ରାମରେ ଥିବା ପ୍ରତ୍ୟେକ ରେଭିନ୍ୟୁ ମୌଜା ପାଇଁ ଗୋଟିଏ ପଲ୍ଲୀସଭା ଗଠିତ ହେବ। କିନ୍ତୁ କେତୋଟି ରେଭେନ୍ୟୁ ମୌଜାକୁ ନେଇ ଗୋଟିଏ ୱାର୍ଡ ଗଠିତ ହୋଇଥିଲେ, ସେଭଳି ଏକାଧିକ ରେଭେନ୍ୟୁ ମୌଜା ବିଶିଷ୍ଟ ୱାର୍ଡ ପାଇଁ ଗୋଟିଏ ମାତ୍ର ପଲ୍ଲୀସଭା ଗଠିତ ହେବ। ମନେରଖନ୍ତୁ:- ଉକ୍ତ ୱାର୍ଡଟି ଏକାଧିକ ରେଭେନ୍ୟୁ ମୌଜା ବିଶିଷ୍ଟ ବୋଲି ଏକାଧିକ ପଲ୍ଲୀସଭା ଗଠିତ ହେବନାହିଁ। କେବଳ ଗୋଟିଏ ମାତ୍ର ପଲ୍ଲୀସଭା ଗଠିତ ହେବ। ସଂପୃକ୍ତ ପଲ୍ଲୀସଭା ଅଞ୍ଚଳର ଭୋଟର ତାଲିକାରେ ନାମଥିବା ସମସ୍ତ ସାବାଳକ (ପୁରୁଷ ଓ ମହିଳା) ପଲ୍ଲୀସଭାର ସଭ୍ୟ ଅଟନ୍ତି।

## ପଲ୍ଲୀସଭାର ବୈଠକ

ନିୟମ ୨୧ ଅନୁସାରେ ପଲ୍ଲୀସଭା ବୈଠକ ନିମ୍ନଲିଖିତ ପ୍ରକାରେ ହେବ।

(କ) ପଲ୍ଲୀସଭାର ସାଧାରଣ ବୈଠକ ଗ୍ରାମପଞ୍ଚାୟତ ଡକାଇବ। ପ୍ରତିବର୍ଷ ଫେବୃୟାରୀ ମାସରେ ଉକ୍ତ ବୈଠକ ବସିବ। ଏହି ବୈଠକ ବସିବାର ଛଅମାସ ପୂର୍ବରୁ ଏହାର ତାରିଖ ଓ ସ୍ଥାନ ନିରୂପଣ କରାଯିବ।

(ଖ) ଯଦି ଗ୍ରାମପଞ୍ଚାୟତ ତରଫରୁ ହେଉ କିମ୍ବା ପଲ୍ଲୀସଭା ସଭ୍ୟମାନଙ୍କର ଅନ୍ୟୁନ ଏକ ପଞ୍ଚମାଂଶ ସଭ୍ୟ/ସଭ୍ୟାଙ୍କର ଲିଖିତ ଆବେଦନ ଯୋଗୁଁ ପଲ୍ଲୀସଭାର ଏକ ସ୍ୱତନ୍ତ୍ର ବୈଠକ ବସାଇବାକୁ ପଡେ, ସେହି ବୈଠକର ତାରିଖ, ସ୍ଥାନ ଓ ଏଥିରେ ଆଲୋଚ୍ୟ ବିଷୟବସ୍ତୁ ବୈଠକର ପନ୍ଦରଦିନ ପୂର୍ବରୁ ଗ୍ରାମପଞ୍ଚାୟତ ଦ୍ୱାରା ସ୍ଥିର କରାଯିବ।

(ଗ) ଗ୍ରାମପଞ୍ଚାୟତ ଦ୍ୱାରା ସ୍ଥିର ହୋଇଥିବା ପଲ୍ଲୀସଭାର ବୈଠକ ସମ୍ପୃକ୍ତ ଅଞ୍ଚଳର ଏକ ସର୍ବସାଧାରଣ ସ୍ଥାନରେ ବସିବ ଏବଂ ଏହି

ବୈଠକର ତାରିଖ, ସମୟ, ସ୍ଥାନ ଓ ଆଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ପଲ୍ଲୀସଭା ଅଞ୍ଚଳରେ ଡେଙ୍ଗୁରା ବାଡେଇ ଜଣେଇ ଦିଆଯିବ।

(ଘ) ଗ୍ରାମପଞ୍ଚାୟତ ଆଇନଧାରା-୬ର ଉପଧାରା (୪) ଅନୁଯାୟୀ ପଲ୍ଲୀସଭାର ସଭାପତି ଗ୍ରାମପଞ୍ଚାୟତର ବୈଠକରେ ସ୍ଥିର ହେବ।

ପଲ୍ଲୀସଭାର ବୈଠକ ଡକାଇବା ପାଇଁ ସରପଞ୍ଚଙ୍କୁ ୩୦ଦିନ ପୂର୍ବରୁ ଏକ ପଞ୍ଚମାଂଶ ସଭ୍ୟ ଆବେଦନ କରିବେ। ସେଥିରେ ବୈଠକର ସ୍ଥାନ, ତାରିଖ ଓ ସମୟ ଉଲ୍ଲେଖ କରାଯିବ। ଗ୍ରାମପଞ୍ଚାୟତ ଆବେଦନର ନିର୍ଦ୍ଦିଷ୍ଟ ତାରିଖରେ ବୈଠକ ଡକାଇବାକୁ କୌଣସି କାରଣରୁ ସକ୍ଷମ ନ ହେଲେ, ଉକ୍ତ ବୈଠକ ନିମନ୍ତେ ଆବେଦନ କରିଥିବା ସଭ୍ୟମାନେ ତଦନୁଯାୟୀ ଉଲ୍ଲିଖିତ ସ୍ଥାନରେ ଓ ତାରିଖରେ ବୈଠକ ଡକାଇପାରିବେ। ଗ୍ରାମପଞ୍ଚାୟତ ଦ୍ୱାରା ନିଯୁକ୍ତ ପଲ୍ଲୀସଭାର ପ୍ରତିନିଧି ନିୟମ ୨୧ଅନୁଯାୟୀ ବୈଠକରେ ସଭାପତିତ୍ୱ କରିବେ। ପଲ୍ଲୀସଭାରେ ଏଭଳି ସଭ୍ୟ/ସଭ୍ୟାଙ୍କର ଅନୁପସ୍ଥିତିରେ ବୈଠକରେ ଉପସ୍ଥିତ ସଭ୍ୟସଭ୍ୟାମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ବୈଠକରେ ସଭାପତିତ୍ୱ କରିବାପାଇଁ ବାଛିବେ। (ନିୟମ-୨୨)

ନିୟମ ୭ ଅନୁଯାୟୀ ପଲ୍ଲୀସଭାର ବୈଠକ ପାଇଁ ଅନ୍ତତଃ ୧୫ ଦିନ ପୂର୍ବରୁ ବିଜ୍ଞପ୍ତି ଦିଆଯିବ। (ନିୟମ-୨୩)

ପଲ୍ଲୀସଭାର ବୈଠକରେ ସ୍ଥାନ ପାଇଥିବା ସମସ୍ତ ବିଷୟ ସଂଖ୍ୟାଧିକ ଭୋଟରେ ସ୍ଥିର କରାଯିବ ଓ ସମାନ ସମାନ ଭୋଟ ସ୍ଥଳରେ ବୈଠକର ସଭାପତି ତାଙ୍କର ଅତିରିକ୍ତ ଭୋଟ୍ ପ୍ରୟୋଗ ଦ୍ୱାରା ସମସ୍ୟାର ସମାଧାନ କରାଇବେ। (ନିୟମ-୨୪)

ଭୋଟ ନିଆଯିବା ସମୟରେ କୌଣସି ସଭ୍ୟ/ସଭ୍ୟା ବୈଠକରେ ନିଜେ ଉପସ୍ଥିତ ନ ରହିଲେ ଭୋଟ ଦେଇପାରିବେ ନାହିଁ। ଏପରିକି ପ୍ରକ୍ସିଭୋଟ ନିଷିଦ୍ଧ ଅଟେ। (ନିୟମ-୨୫)

ପଲ୍ଲୀସଭାର କାର୍ଯ୍ୟବିବରଣୀ ବୈଠକ ନିମନ୍ତେ ଉଦ୍ଦିଷ୍ଟ ଏକ ଖାତାରେ ଓଡିଆରେ ଲିପିବଦ୍ଧ ହେବ ଏବଂ ବୈଠକର ସଭାପତି ଏଥିରେ ସ୍ୱାକ୍ଷର ବା ଦସ୍ତଖତ କରିବେ। ଏହି ଖାତାକୁ ସର୍ବସାଧାରଣ ଚାହିଁଲେ ଦେଖିପାରିବେ। (ନିୟମ-୨୬)

## ପଲ୍ଲୀସଭା ଏବଂ ତାର କର୍ତ୍ତବ୍ୟ

(୧) ଏକ ଓ୍ୱାର୍ଡ ମଧ୍ୟରେ ଥିବା ଏକାଧିକ ଗାଁ ବା ପଡାକୁ ନେଇ ପଲ୍ଲୀସଭା ଗଠନ କରାଯାଇଥାଏ। ସେ କ୍ଷେତ୍ରରେ ଏଭଳି ଓ୍ୱାର୍ଡପାଇଁ କେବଳ ଗୋଟିଏ ପଲ୍ଲୀସଭା ରହିବ।

(୨) ପଲ୍ଲୀସଭା ଅଞ୍ଚଳର ଭୋଟର ତାଲିକାଭୁକ୍ତ ସମସ୍ତ ଲୋକ ପଲ୍ଲୀସଭାର ସଦସ୍ୟ ଅଟନ୍ତି।

(୩) ପଲ୍ଲୀସଭାର ବୈଠକ ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସରେ ହେବ ଏବଂ ନିର୍ଦ୍ଧାରିତ ପଦ୍ଧତିରେ ଆବଶ୍ୟକତା ଅନୁଯାୟୀ ଅନ୍ୟାନ୍ୟ ସମୟରେ ମଧ୍ୟ ବୈଠକ ବସିପାରେ।

(୪) ଗ୍ରାମପଞ୍ଚାୟତର ପଲ୍ଲୀସଭା ଅଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ଯଦି ଏକାଧିକ ହୋଇଥାନ୍ତି, ତେବେ ସେପରି ସମସ୍ତ ବ୍ୟକ୍ତିଙ୍କ ତାଲିକାରୁ ଜଣଙ୍କୁ ଅଗ୍ରାଧିକାର ଭିତ୍ତିରେ ଗ୍ରାମପଞ୍ଚାୟତ ଦ୍ୱାରା ପଲ୍ଲୀସଭାର ବୈଠକରେ ସଭାପତିତ୍ୱ କରିବାକୁ ବଛାଯିବ। ସେପରି ସମସ୍ତ ବ୍ୟକ୍ତି ଯଦି ନିର୍ଦ୍ଦିଷ୍ଟ ସମୟରେ ବୈଠକରେ ଅନୁପସ୍ଥିତ ଥାଆନ୍ତି, ତେବେ ବୈଠକରେ ଉପସ୍ଥିତ ଥିବା ପ୍ରତିନିଧିମାନଙ୍କ ମଧ୍ୟରୁ ଜଣଙ୍କୁ ବୈଠକରେ ସଭାପତିତ୍ୱ କରିବକୁ ମନୋନୀତ କରାଯିବ।

(୫) ପଲ୍ଲୀସଭାର ଯେକୌଣସି ବୈଠକରେ ଉପସ୍ଥିତ ଥିବା ସଭ୍ୟମାନଙ୍କ ଦ୍ୱାରା ବୈଠକଟି କୋରମ୍ ହେବ ଏବଂ ପଲ୍ଲୀସଭା ବୈଠକର କାର୍ଯ୍ୟଧାରା ସଭାପତିଙ୍କ ଦ୍ୱାରା ରେକର୍ଡ କରାଯିବ ଏବଂ ପ୍ରମାଣିକୃତ ହେବ।

ଉଲ୍ଲେଖ ଥାଉକି, ପଲ୍ଲୀସଭାର କୌଣସି ସଭ୍ୟ ଗ୍ରାମପଞ୍ଚାୟତର ପରବର୍ତ୍ତୀ ବୈଠକରେ ଲିଖିତ ଭାବେ ହେଉ ଅଥବା ବ୍ୟକ୍ତିଗତ ଭାବେ ହେଉ, ସଭାପତିଙ୍କ ଦ୍ୱାରା କାର୍ଯ୍ୟଧାରା ଠିକ୍ ରୂପେ ରେକର୍ଡଭୁକ୍ତ ହୋଇନାହିଁ ବୋଲି ଯଦି ଅଭିଯୋଗ କରନ୍ତି, ତେବେ ଗ୍ରାମପଞ୍ଚାୟତ ପଲ୍ଲୀସଭାର ଅନ୍ୟ ଗୋଟିଏ ବୈଠକ ଡକାଇ ଉପରୋକ୍ତ ବିଷୟ ଗୁଡିକ ପଲ୍ଲୀସଭା ସହ ସଂପୃକ୍ତ ନଥିବା ପଞ୍ଚାୟତିରାଜ ସଭ୍ୟସଭ୍ୟାଙ୍କ ଉପସ୍ଥିତିରେ ବିଚାର କରିବେ। ଏହି ବୈଠକରେ ରେକର୍ଡଭୁକ୍ତ କାର୍ଯ୍ୟଧାରା ଯଦି ପଞ୍ଚାୟତର ଉପରୋକ୍ତ ସଭ୍ୟଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ (କାଉଣ୍ଟର ସାଇନ) ହୋଇଥାଏ, ତେବେ ତାହା ଚୂଡାନ୍ତ ବୋଲି ଗ୍ରହଣ କରାଯିବ।

(୬) ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସରେ ବସୁଥିବା ପଲ୍ଲୀସଭାର ବୈଠକରେ ପଲ୍ଲୀସଭା ନିମ୍ନଲିଖିତ ଦୁଇଟି ବିଷୟରେ ତାହାର ସୁପାରିଶ ଗ୍ରାମପଞ୍ଚାୟତକୁ ଦେବ, ଯଥା–

(୧) ଆସନ୍ତା ବର୍ଷରେ କେଉଁ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ କିମ୍ବା ଯୋଜନାଗୁଡିକ ଗ୍ରହଣ କରାଯିବ।

(୨) ଗ୍ରାମପଞ୍ଚାୟତ ଦ୍ୱାରା ଉପସ୍ଥାପିତ ବାର୍ଷିକ ବଜେଟ୍ ଅଟକଳ ବିଷୟରେ ଆଲୋଚନା କରାଯିବ।

(୭) କେବଳ ଗୋଟିଏ ଗ୍ରାମକୁ ନେଇ ଗଠିତ ଏକ ଗ୍ରାମସଭା ପ୍ରତି ଏହି ଦଫାର କୌଣସି ବିଷୟବସ୍ତୁ ପ୍ରଯୁଜ୍ୟ ହେବ ନାହିଁ।

## ପଲ୍ଲୀସଭାର କାର୍ଯ୍ୟ ଓ କ୍ଷମତା

- ପଲ୍ଲୀସଭାର ବାର୍ଷିକ ବୈଠକ ପ୍ରତି ବର୍ଷର ଫେବୃୟାରୀ ମାସରେ ବସିବ। ଏଥିରେ ଆଗାମୀ ବର୍ଷ କେଉଁ ପ୍ରକାରର କାମ ହାତକୁ ନିଆଯିବ, ତାହାର ଏକ ଯୋଜନା ଆଲୋଚନା ମାଧ୍ୟମରେ ସ୍ଥିର କରାଯିବ।
- ଗ୍ରାମ ପଞ୍ଚାୟତ ପଠାଇଥିବା ଆୟ ଏବଂ ବ୍ୟୟର ଅଟକଳ ନିମନ୍ତେ ପଲ୍ଲୀସଭାରୁ ମଧ୍ୟ ସୁପାରିଶ ଯିବ।
- ଦାରିଦ୍ର୍ୟ ଦୂରୀକରଣ ଯୋଜନା ନିମନ୍ତେ ଯେଉଁ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବ, ତାହାଙ୍କୁ କ୍ରମ ଅନୁସାରେ ଲେଖି ଗ୍ରାମସଭାର ଅନୁମୋଦନ ପାଇଁ ପଠାଯିବ।
- ପ୍ରକଳ୍ପ ବା ନୂଆ ପ୍ରୋଜେକ୍ଟ ଆରମ୍ଭ ହେବା ପୂର୍ବରୁ ଶ୍ରମିକ ନେତା ଚୟନ କାମ ପଲ୍ଲୀସଭା କରିବ।
- ପଲ୍ଲୀସଭାରେ ଉଭୟ ପୁରୁଷ ଓ ମହିଳା ଯୋଗ ଦେଇ ନିଜ ପାଇଁ ନିଜେ ଯୋଜନା ପ୍ରସ୍ତୁତ କରିବେ। ଉପସ୍ଥିତ ସମୁଦାୟ ସଭ୍ୟଙ୍କ ମଧ୍ୟରୁ ଯେପରି ଏକ ଦଶମାଂଶ ମହିଳା ଉପସ୍ଥିତ ରହିବେ, ତାହାକୁ ସୁନିଶ୍ଚିତ କରିବାକୁ ପଡିବ।

## ଗ୍ରାମସଭା

ଗୋଟିଏ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମର ଉଭୟ ପୁରୁଷ ଓ ମହିଳା ଭୋଟଦାତାମାନେ ପୂର୍ବ ନିର୍ଦ୍ଧାରିତ ସୂଚନା, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାମ ନିମନ୍ତେ ଆଲୋଚନା କରିବାକୁ ଗ୍ରାମସଭା କୁହାଯାଏ। ଏହି ଗ୍ରାମସଭାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମାନ ଭାବରେ ଯୋଗ ଦେବା ଓ ମତାମତ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରାଯାଇଥାଏ। ନିଜ ଗାଁ, ନିଜ ପଞ୍ଚାୟତର ବିକାଶ ପାଇଁ ନିଜେ ବସି ଯୋଜନା ପ୍ରସ୍ତୁତ କରିବାର ଏହା ହେଉଛି ସମ୍ବିଧାନ ସ୍ୱୀକୃତି ପ୍ରାପ୍ତ ଲୋକମାନଙ୍କର ସଭା। ଗ୍ରାମସଭାରେ ସ୍ଥିର ହେଉଥିବା କୌଣସି ବିଷୟକୁ ଆଉ କେହି ପରିବର୍ତ୍ତନ କରିବାର କ୍ଷମତା ନାହିଁ। ତେଣୁ

ଗ୍ରାମ ସଭାର କାର୍ଯ୍ୟ ଓ କ୍ଷମତା ବିଷୟରେ ଆମକୁ ଜାଣିବାକୁ ପଡିବ। ନିଜ ଯୋଜନା ନିଜେ ପ୍ରସ୍ତୁତ କରିବାର ପ୍ରକ୍ରିୟାକୁ ମଜବୁତ କରିବାକୁ ପଡିବ। ତାହେଲେ ଯାଇ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ହେବ।

## ଗ୍ରାମସଭା ବୈଠକର ନିୟମାବଳୀ

⇨ ଗ୍ରାମ ଶାସନର ସଭ୍ୟ/ସଭ୍ୟାମାନେ ବିଧିବଦ୍ଧଭାବେ ଯେଉଁ ସଭା କରିବେ, ତାକୁ ଗ୍ରାମସଭା କୁହାଯିବ।

⇨ ସମୟ ଅନୁସାରେ ଯଥା ସମ୍ଭବ ପ୍ରତ୍ୟେକ ଗ୍ରାମରେ ସରପଞ୍ଚଙ୍କ ଦ୍ୱାରା ସ୍ଥିର ହୋଇଥିବା ଏକ ସୁବିଧାଜନକ ସ୍ଥାନରେ ଗ୍ରାମସଭାର ବୈଠକ କ୍ରମାନ୍ୱୟରେ ବସିବ। (ନିୟମ-୩)

⇨ ଗ୍ରାମସଭାର ବାର୍ଷିକ ଓ ଷାଣ୍ମାସିକ ବୈଠକ ଯଥାକ୍ରମେ ଫେବୃୟାରୀ ଏବଂ ଜୁନ୍ ମାସରେ ବସିବ। ଏହି ବୈଠକର ତାରିଖ ଏବଂ ସମୟ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ନିରୂପଣ କରାଯିବ। (ନିୟମ-୪)

⇨ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ହୋଇଥିବା ସରପଞ୍ଚ କିମ୍ବା ଜିଲ୍ଲାପାଳ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଆବଶ୍ୟକତା ଅନୁଯାୟୀ ଗ୍ରାମସଭାର ସ୍ୱତନ୍ତ୍ର ବୈଠକ ଡକାଇ ପାରିବେ। ସରପଞ୍ଚଙ୍କର ଅନୁମୋଦନ ଲାଭ କରିବା ପରେ ଉପରୋକ୍ତମତେ ପଞ୍ଚାୟତର ସମ୍ପାଦକ ରିକ୍ୟୁଜିସନ ପାଇବାପରେ ନିୟମାନୁଯାୟୀ ଉକ୍ତ ବୈଠକ ସମ୍ପର୍କରେ ବିଜ୍ଞପ୍ତି ଦେବେ। (ନିୟମ-୫)

୧. ଗ୍ରାମସଭାର ବୈଠକ ପାଇଁ ଅନ୍ତତଃପକ୍ଷେ ୧୫ ଦିନ ପୂର୍ବରୁ ବିଜ୍ଞପ୍ତି (ନୋଟିସ୍) ଦିଆଯିବ। (ନିୟମ-୬)

୨. ଏହି ନୋଟିସ୍‌ର ଏକ ନକଲ ସଂପୃକ୍ତ ବି.ଡି.ଓଙ୍କ ନିକଟକୁ ପଠାଇ ଦିଆଯିବ।

* ଗ୍ରାମସଭାର ବୈଠକ ସମ୍ପର୍କୀୟ ନୋଟିସ୍ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କରାଯିବ।

* ସ୍ଥାନୀୟ ଅଞ୍ଚଳର ଏକାଧିକ ସ୍ଥାନରେ ଡେଙ୍ଗୁରା ବାଡେଇ ଏହା ଘୋଷଣା କରାଯିବ। (ନିୟମ-୭)

* ବୈଠକର କାର୍ଯ୍ୟକ୍ରମ ନୋଟିସ୍‌ରେ ସମ୍ପୂର୍ଣ୍ଣଭାବେ ସ୍ଥାନ ପାଇବ। କିନ୍ତୁ ନୋଟିସ୍‌ରେ ସ୍ଥାନ ପାଇନଥିବା ଯେକୌଣସି କାର୍ଯ୍ୟକ୍ରମ ସରପଞ୍ଚ ଆଗତ କରିପାରିବେ। (ନିୟମ-୮)

* ଗ୍ରାମସଭାର ବୈଠକରେ କୋରମ୍ ନହେଲେ, ସରପଞ୍ଚ କିମ୍ବା ବୈଠକର ସଭାପତି ଉପଯୁକ୍ତ ମନେକଲେ ଅନ୍ୟ ଏକ ଦିନ ପର୍ଯ୍ୟନ୍ତ ବୈଠକକୁ ସ୍ଥଗିତ ରଖିବେ। ଏହି ବୈଠକ ବସିବାର ଅନ୍ୟୁନ ତିନିଦିନ ପୂର୍ବରୁ ନୋଟିସ୍ ଦିଆଯିବ। (ନିୟମ-୯)

* ଗ୍ରାମସଭାର ପ୍ରତ୍ୟେକ ବୈଠକରେ ସରପଞ୍ଚ କିମ୍ବା ତାଙ୍କର ଅନୁପସ୍ଥିତିରେ ନାଏବ୍ ସରପଞ୍ଚ ସଭାପତିତ୍ୱ କରିବେ। ଏହି ଦୁଇଜଣଙ୍କ ଅନୁପସ୍ଥିତିରେ ସଭ୍ୟାମାନେ ସେମାନଙ୍କ ମଧ୍ୟରୁ ଜଣକୁ ସଭାପତି ରୂପେ ବାଛିବେ। (ନିୟମ-୧୦)

* ଆଇନ୍ ଅନୁଯାୟୀ ଗ୍ରାମସଭା ଉପରେ ନ୍ୟସ୍ତଥିବା ବିଷୟଗୁଡିକ ହିଁ କାର୍ଯ୍ୟକ୍ରମରେ ସ୍ଥାନ ପାଇବ। (ନିୟମ-୧୧)

* ଗ୍ରାମ ପଞ୍ଚାୟତରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ସର୍ବନିମ୍ନ ଏକ ଦଶମାଂଶ ଭୋଟର ଉପସ୍ଥିତ ରହିଲେ କୋରମ୍ ହେଲା ବୋଲି ଧରାଯିବ। ଗ୍ରାମସଭାରେ ଲୋକଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରାଇବା ପାଇଁ ପଞ୍ଚାୟତର ସମସ୍ତ ୱାର୍ଡରେ ୨୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଲିଖିତ ନୋଟିସ୍ ଦେବାର ବ୍ୟବସ୍ଥା ରହିଛି।

* ବୈଠକର କାର୍ଯ୍ୟସୂଚୀ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ପ୍ରସ୍ତୁତ ହେବ। (ନିୟମ-୧୨)

- ବୈଠକର ସଭାପତି କୌଣସି କାରଣରୁ ଅସ୍ଥାୟୀଭାବେ ସଭାପତି ଦାୟିତ୍ୱରୁ ଅନୁପସ୍ଥିତ ରହିବାର ଆବଶ୍ୟକତା ପଡିଲେ ଅନ୍ୟ କୌଣସି ସଭ୍ୟଙ୍କୁ ସଭାପତି ଆସନ ଗ୍ରହଣ କରିବାକୁ ସେ ଅନୁରୋଧ କରିପାରିବେ। (ନିୟମ-୧୩)
- ଯେଉଁ କାର୍ଯ୍ୟାବଳୀ ପାଇଁ ଏକ ସ୍ୱତନ୍ତ୍ର ବୈଠକ ଡକାଯାଇଥିବ, ସେଠାରେ କେବଳ ସେହି ବିଷୟଗୁଡିକ ଉପରେ ଆଲୋଚନା କରାଯିବ। (ନିୟମ-୧୪)
- ଉକ୍ତ ନିୟମାବଳୀର ନିୟମ ୮ରେ ଦର୍ଶାଯାଇଥିବା ଯେକୌଣସି ବ୍ୟବସ୍ଥା ସତ୍ତ୍ୱେ ଗ୍ରାମସଭାର ଏକ ବୈଠକରେ ସେହି ନିୟମ ଅନୁଯାୟୀ ଆଲୋଚିତ ହେବାକୁ ଥିବା କାର୍ଯ୍ୟାବଳୀ ବ୍ୟତୀତ ଉକ୍ତ ବୈଠକରେ ଉପସ୍ଥିତ ଥିବା ସଭ୍ୟମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସଭ୍ୟମାନଙ୍କ ସମ୍ମତିରେ ଅନ୍ୟ ଯେ କୌଣସି କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇପାରିବ। (ନିୟମ-୧୫)
- ଗ୍ରାମସଭାର ବୈଠକରେ ଆଲୋଚିତ ପ୍ରସଙ୍ଗଗୁଡିକ ସଂଖ୍ୟାଧିକ ଭୋଟ ଦ୍ୱାରା ସ୍ଥିର କରାଯିବ। ଯଦି ସମାନ ଭୋଟ ହୁଏ, ତେବେ ବୈଠକର ସଭାପତିଙ୍କ ଅତିରିକ୍ତ ଭୋଟ୍ ଦ୍ୱାରା ସମସ୍ୟାର ସମାଧାନ କରାଯିବ। (ନିୟମ-୧୬)
- ବୈଠକରେ ଅନୁପସ୍ଥିତ ରହି ପ୍ରକ୍ସି ଭୋଟ ଦିଆଯାଇ ପାରିବ ନାହିଁ। ଆହୃତ କୌଣସି ବିଷୟ କିମ୍ବା ସଂଶୋଧନ ପାଇଁ ଭୋଟ୍ ନିଆଯିବା ସମୟରେ କୌଣସି ସଭ୍ୟ ବୈଠକରେ ନିଜେ ଉପସ୍ଥିତ ନରହିଲେ ସେଥିପାଇଁ ଭୋଟ୍ ଦେଇ ପାରିବେ ନାହିଁ। (ନିୟମ-୧୭)
- ବୈଠକରେ କାର୍ଯ୍ୟାବଳୀର ଆଲୋଚନା ଏବଂ କାର୍ଯ୍ୟ ବିବରଣୀ ଓଡିଆରେ ଲିପିବଦ୍ଧ କରାଯିବ। (ନିୟମ-୧୮)

  ୧. ବୈଠକର କାର୍ଯ୍ୟ ବିବରଣୀକୁ ଗ୍ରାମ ପଞ୍ଚାୟତର ସମ୍ପାଦକ ଲିପିବଦ୍ଧ କରିବେ ଏବଂ ତାଙ୍କ ଅନୁପସ୍ଥିତିରେ ସରପଞ୍ଚ ବୈଠକର କାର୍ଯ୍ୟବିବରଣୀ ଠିକ୍‌ରୂପେ ଲିପିବଦ୍ଧ କରିବା ପାଇଁ ବିହିତ ବ୍ୟବସ୍ଥା କରିବେ।

  ୨. ବୈଠକର କାର୍ଯ୍ୟ ବିବରଣୀ ଏକ ଖାତାରେ ଲିପିବଦ୍ଧ ହୋଇ ରହିବ ଏବଂ ବୈଠକର ସଭାପତିଙ୍କ ଦ୍ୱାରା ତାହା ସ୍ୱାକ୍ଷରିତ ହେବ। ଉକ୍ତ ଖାତାକୁ ସର୍ବସାଧାରଣ ଚାହିଁଲେ ଦେଖିପାରିବେ। (ନିୟମ-୧୯)

## ଗ୍ରାମସଭା ଏବଂ ଏହାର କାର୍ଯ୍ୟକଳାପ

୧. ଗ୍ରାମସଭାର ସଭ୍ୟମାନଙ୍କର ପ୍ରତ୍ୟେକ ବର୍ଷ ଦୁଇଟି ବୈଠକ ବସିବ, ଗୋଟିଏ ଫେବୃୟାରୀ ମାସରେ ଏବଂ ଅନ୍ୟଟି ଜୁନ୍‌ମାସରେ ଏବଂ ଆବଶ୍ୟକତା ଅନୁଯାୟୀ ଗ୍ରାମସଭାର ଅନ୍ୟାନ୍ୟ ବୈଠକ ସାଧାରଣତଃ ଜାନୁୟାରୀ ୨୬, ମେ ୧, ଅଗଷ୍ଟ ୧୫ ଓ ଅକ୍ଟୋବର ୨ ତାରିଖରେ ନିର୍ଦ୍ଧାରିତ ପ୍ରକାରେ ବସିବ। ଏଥିସହ ଆବଶ୍ୟକତାନୁସାରେ ଅଧିକ ଗ୍ରାମସଭା ମଧ୍ୟ ବସି ପାରିବ।

୨. (କ) ଗ୍ରାମସଭାର ମୋଟ ସଭ୍ୟ ସଂଖ୍ୟାର ୧୦ ଭାଗରୁ ଭାଗେ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ ବୈଠକର କୋରମ୍ ହେବ।

(ଖ) କୌଣସି ଗ୍ରାମସଭାରେ ଯଦି କୋରମ୍ ନହୁଏ, ତେବେ ତାହା ଅନ୍ୟଗୋଟିଏ ଦିନକୁ ସ୍ଥଗିତ ରହିବ। ଏହି ବୈଠକ ନିମନ୍ତେ କୋରମ୍‌ର ଆବଶ୍ୟକତା ନାହିଁ। (ଏଠାରେ ଉଲ୍ଲେଖ ଯୋଗ୍ୟଯେ ଗ୍ରାମସଭା ବୈଠକକୁ ସୁନିଶ୍ଚିତ କରାଇବା ପାଇଁ ରାଜ୍ୟସରକାରଙ୍କ ପଞ୍ଚାୟତିରାଜ ବିଭାଗ ତା ୮.୮.୧୯୯୭ରେ ଏକ ନିର୍ଦ୍ଦେଶନାମାରେ ଗ୍ରାମସଭାରେ ସଭ୍ୟମାନଙ୍କ ଉପସ୍ଥାନ ବୃଦ୍ଧି ପାଇଁ ନୀତିଗତ ପରାମର୍ଶ ଦେଇଛନ୍ତି)।

୩. (କ) ପ୍ରତ୍ୟେକ ବର୍ଷ ଫେବୃୟାରୀ ମାସରେ ବସୁଥିବା ଗ୍ରାମସଭାରେ ଆଗାମୀ ବର୍ଷ ନିମନ୍ତେ ଗ୍ରାମପଞ୍ଚାୟତ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଯୋଜନା ଏବଂ କାର୍ଯ୍ୟ, ଦଫା ୬ର ବ୍ୟବସ୍ଥା ଅନୁଯାୟୀ ଗ୍ରାମ ମଧ୍ୟରେ ଥିବା ଭିନ୍ନ ଭିନ୍ନ ପଲ୍ଲୀସଭା ଦ୍ୱାରା ପ୍ରସ୍ତୁତ ସୁପାରିଶ ଯଦି ଥାଏ, ତେବେ ସେ ସମ୍ପର୍କରେ ସେହି ବର୍ଷ ପାଇଁ ଗ୍ରାମର ବାର୍ଷିକ ବଜେଟ୍ ଓ ଗ୍ରାମସଭାକୁ ଦିଆଯାଇଥିବା ସୁପାରିଶ ବିଷୟରେ ଆଲୋଚନା ହେବ।

(ଖ) ପ୍ରତ୍ୟେକବର୍ଷ ଜୁନ ମାସରେ ବସୁଥିବା ଗ୍ରାମସଭାରେ ଗ୍ରାମପଞ୍ଚାୟତ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ଯୋଜନାଗୁଡ଼ିକର ରିପୋର୍ଟ ଏବଂ ସରପଞ୍ଚଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବାର୍ଷିକ ହିସାବ ରିପୋର୍ଟ ସହିତ ଆଗାମୀ ବର୍ଷ ମଧ୍ୟରେ ସେଗୁଡ଼ିକର ଉନ୍ନତି ବିଷୟରେ ଆଲୋଚନା କରାଯିବ।

(ଗ) ଟିକସ୍ ବସାଇବା, ଭଡ଼ା, ଫିସ୍ ଏବଂ ତାହାର ବୃଦ୍ଧି, ଗୋଷ୍ଠୀସେବା ସଂଗଠନ, କୃଷିଜାତ ଦ୍ରବ୍ୟ ସମ୍ପର୍କୀୟ ପ୍ରସ୍ତାବ କୌଣସି ଗ୍ରାମସଭାରେ ଆଗତ କରାଗଲେ ସେଗୁଡ଼ିକର ଆଲୋଚନା କରାଯିବ।

(ଘ) ଗ୍ରାମପଞ୍ଚାୟତରେ ଯଦି ଅତିରିକ୍ତ କିମ୍ବା ସଂଶୋଧିତ ବଜେଟ୍ ଥାଏ. ସେ ବିଷୟରେ ଗ୍ରାମସଭା ବିଚାର କରିବେ ଏବଂ ଗ୍ରାମପଞ୍ଚାୟତକୁ ସେଗୁଡ଼ିକ ସୁପାରିଶ କରିବେ।

୪. ଉପଦଫା (୧)ର ବ୍ୟବସ୍ଥା ଅନୁସାରେ ନିର୍ଦ୍ଧାରିତ କର୍ତ୍ତୃପକ୍ଷ ଗ୍ରାମସଭାର ବୈଠକ ପଦ୍ଧତି ଅନୁଯାୟୀ ନିର୍ଦ୍ଧାରିତ ସମୟ ଓ ବ୍ୟବଧାନରେ ଆହ୍ୱାନ କରିପାରିବେ।

୫. ଗ୍ରାମସଭାରେ ଗ୍ରାମସଭାର କାର୍ଯ୍ୟକଳାପ ଏବଂ କାର୍ଯ୍ୟଧାରାର ରେକର୍ଡ ନିର୍ଦ୍ଧାରିତ ପ୍ରକାରେ ଲିପିବଦ୍ଧ ଓ ସଂରକ୍ଷଣ କରାଯିବ।

## ଗ୍ରାମସଭାର ଆଲୋଚ୍ୟ ବିଷୟ କ'ଣ ହେବା ଉଚିତ୍ ?

- ଅନେକ ସମୟରେ କେବଳ ହିତାଧିକାରୀ ଚୟନ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିବା ଦ୍ୱାରା ଗଣ୍ଡଗୋଳ ସୃଷ୍ଟି ହୁଏ ଏବଂ ଗ୍ରାମସଭା ଅଧାରୁ ବନ୍ଦ ହୋଇଯାଏ।
- ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତ ବିଷୟରେ ଗ୍ରାମସଭାରେ ଆଲୋଚନା ହେବ। ଯଥା-ପଞ୍ଚାୟତର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବଜାରବ୍ୟବସ୍ଥା, ନ୍ୟାୟ ବ୍ୟବସ୍ଥା ପ୍ରଭୃତିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବିଷୟରେ ଆଲୋଚନା ହେବ। ୨୯ଟି ବିଷୟ ପ୍ରତି ଧ୍ୟାନ ଦେଇ ଗ୍ରାମସଭାର ଆଲୋଚନା ହେବା ଉଚିତ୍।
- ଏହି ସବୁ ଆଲୋଚନା ସହ ଗରିବ ଲୋକଙ୍କ ବିକାଶ ପାଇଁ ଯେଉଁ ସବୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବ ସେ ବିଷୟରେ ସମସ୍ତଙ୍କୁ ଅବଗତ କରାଯିବ।
- ନୂଆ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇ ତାର ସୁପାରିଶ ପଞ୍ଚାୟତ ସମିତି କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନଙ୍କୁ ପଠାଇବାର କାର୍ଯ୍ୟ ମଧ୍ୟ କରାଯିବ।
- ପଞ୍ଚାୟତରେ ବାସକରୁଥିବା ପ୍ରତ୍ୟେକ ବ୍ୟକ୍ତିର ସୁବିଧା ସୁଯୋଗକୁ ଆଖିଆଗରେ ରଖି ସାମୂହିକ ବିକାଶ ପାଇଁ ସମସ୍ତ ବିଷୟ ଗ୍ରାମସଭାରେ ଆଲୋଚନା କରାଯିବା ଉପରେ ସରପଞ୍ଚ ଦୃଷ୍ଟି ଦେବେ।
- ଆଲୋଚନାର ବିଷୟବସ୍ତୁ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରଚାର ପ୍ରସାର ହୋଇଥିବା ବିଧେୟ।

## ଗ୍ରାମସଭାରେ ମହିଳାମାନଙ୍କ ଭାଗୀଦାରିତା

- ଅନେକ ପଞ୍ଚାୟତରେ ହେଉଥିବା ଗ୍ରାମସଭାରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କ ଭାଗୀଦାରିତା ଅଧିକ ଥାଏ। ପୁଣି ଅନେକ ସ୍ଥାନରେ ମହିଳାମାନଙ୍କ ସଂଖ୍ୟା ବହୁତ କମ୍ ଥାଏ।

- ଗ୍ରାମସଭାରେ ଯୋଗ ଦେଉଥିବା ସମସ୍ତ ସଦସ୍ୟଙ୍କ ମଧ୍ୟରୁ ଅତିକମ୍‌ରେ ଏକ ତୃତୀୟାଂଶରୁ ଅଧିକ ମହିଳା ରହିବା ପାଇଁ ନିୟମ ଅଛି । ସେଥିପ୍ରତି ସରପଞ୍ଚ ଓ ୱାର୍ଡ ମେମ୍ବରମାନଙ୍କୁ ଧ୍ୟାନ ଦେବାକୁ ପଡିବ।

- ଗ୍ରାମସଭାରେ ମହିଳା ମାନଙ୍କ ଭାଗୀଦାରିତାକୁ ବୃଦ୍ଧି କରିବା ପାଇଁ ମହିଳା ସମିତି, ସ୍ୱୟଂ ସହାୟିକା ଦଳ ଓ ବ୍ୟକ୍ତିଗତ ରୂପେ ମହିଳାମାନଙ୍କୁ ନିମନ୍ତ୍ରଣ କରିଲେ ସେମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିପାରିବ।





‘ପଲ୍ଲୀସଭା’ରେ ଯୋଜନା ହେବ,
‘ଗ୍ରାମସଭା’ ତାକୁ ମଞ୍ଜୁରି ଦେବ ।

# ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥା

**ଆ**ମଦେଶରେ ବିଭିନ୍ନ ଗୋଷ୍ଠୀର ପ୍ରାୟ ଛଅକୋଟି କୋଡିଏ ଲକ୍ଷ ଆଦିବାସୀ ବସବାସ କରନ୍ତି । ସେମାନଙ୍କ ଭିତରୁ ଓଡିଶାରେ ୬୨ଟି ଗୋଷ୍ଠୀର ପ୍ରାୟ ସତୁରି ଲକ୍ଷ ଆଦିବାସୀ ଅଛନ୍ତି । ଆଦିବାସୀମାନେ ସାଧାରଣତଃ ପ୍ରକୃତି କୋଳରେ ବସବାସ କରି ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚିଥାନ୍ତି । ଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ଆଦିବାସୀ ଜଙ୍ଗଲରୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରିଥାନ୍ତି । ସେମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନ ଜଙ୍ଗଲ ଆଧାରରେ ଗଢି ଉଠିଛି । ଏହି ସବୁ ଭିନ୍ନ ଅଞ୍ଚଳକୁ ସମ୍ବିଧାନର ପଞ୍ଚମ ପରିଚ୍ଛେଦରେ ରଖାଯାଇ, ଏହାକୁ ଅନୁସୂଚିତ ଅଞ୍ଚଳ ବୋଲି କୁହାଯାଉଛି । ୭୩ତମ ସମ୍ବିଧାନ ସଂଶୋଧନ ପରବର୍ତ୍ତୀ ପର୍ଯ୍ୟାୟରେ ଭୁରିଆ କମିଟିଙ୍କ ସୁପାରିଶ ଅନୁସାରେ ଏହି ଅଞ୍ଚଳର ପଞ୍ଚାୟତ ଗୁଡିକୁ ନିମ୍ନମତେ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି ।

୧୯୯୬ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୂଚିତ ଅଞ୍ଚଳପାଇଁ ପଞ୍ଚାୟତ ସଂପ୍ରସାରଣ ଆଇନ ପ୍ରଣୟନ କରାଯାଇଛି । ଯାହାକୁ ଆମେ ସମସ୍ତେ "ପେସା" ଆଇନ୍ ବୋଲି ଜାଣିଛୁ । ଏହି ଆଇନ୍ ବଳରେ ଅନୁସୂଚିତ ଅଞ୍ଚଳରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲାପରିଷଦକୁ କେତୋଟି ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି । ଏହି ଆଇନ୍ ୧୯୯୬ ମସିହା ଡିସେମ୍ବର ୨୪ ତାରିଖଠାରୁ ବଳବତ୍ତର ହେଲା ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ । ଏହି ଆଇନ୍ ସହ ସଙ୍ଗତି ରକ୍ଷାକରି ଓଡିଶା ସରକାର ୨୨ ଡିସେମ୍ବର ୧୯୯୭ ମସିହାରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍‌ରେ ସଂଶୋଧନ ଆଣିଲେ । ଯାହାକୁ ଆମେ ଓଡିଶା ଗ୍ରାମ ପଞ୍ଚାୟତ ସଂଶୋଧନ ଆଇନ୍ ୧୯୯୭ ବୋଲି ଜାଣୁ ।

ଆମ ରାଜ୍ୟରେ ତଫସିଲଭୁକ୍ତ ଅଞ୍ଚଳର ତ୍ରି-ସ୍ତରୀୟ ପଞ୍ଚାୟତ ଅନୁଷ୍ଠାନଗୁଡିକୁ ନିମ୍ନୋକ୍ତ ବିଷୟ ଗୁଡିକରେ କ୍ଷମତା ପ୍ରଦାନ କରାଯାଇଛି:-

## ଗ୍ରାମ ପଞ୍ଚାୟତ

(କ) ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଗ୍ରାମ ପଞ୍ଚାୟତ ଦ୍ୱାରା ପ୍ରସ୍ତୁତ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମ ପଞ୍ଚାୟତର ଅନୁମୋଦନ ।

(ଖ) ଦାରିଦ୍ର୍ୟ ଦୂରିକରଣ ଯୋଜନା ଅନ୍ତର୍ଗତ ହିତାଧିକାରୀ ଚିହ୍ନଟ ।

(ଗ) ଗ୍ରାମ ପଞ୍ଚାୟତର ପାଣ୍ଠି ବିନିଯୋଗ ସଂପର୍କରେ ପ୍ରମାଣପତ୍ର ପ୍ରଦାନ ।

(ଘ) କୌଣସି ନିଶାଦ୍ରବ୍ୟର ବିକ୍ରି ବା ସେବନକୁ ନିଷିଦ୍ଧ, ନିୟନ୍ତ୍ରଣ ବା ସୀମିତ କରିବା । ବିହାର-ଓଡିଶା ଅବକାରି ଆଇନରେ ସଂଶୋଧନ କରାଯାଇଛି । ଏଣିକି ନିଶାଦ୍ରବ୍ୟ ପ୍ରସ୍ତୁତି, ବିକ୍ରି ପ୍ରଭୃତି ଗ୍ରାମ ପଞ୍ଚାୟତର ନିୟନ୍ତ୍ରଣାଧିନ ରହିବ ।

(ଚ) ଲଘୁବନଜାତ ଦ୍ରବ୍ୟ ୬୯ ଗୋଟିର ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରୟ ଉପରେ ନିୟନ୍ତ୍ରଣ ।

ରାଜ୍ୟ ସରକାରଙ୍କ ଦ୍ୱାରା ନିମ୍ନଲିଖିତ ଲଘୁବନଜାତ ଦ୍ରବ୍ୟ ଗୁଡିକ ପଞ୍ଚାୟତ ନିୟନ୍ତ୍ରଣାଧିନ କରାଯାଇଛି:

| | | | |
|---|---|---|---|
| ୧. ତେନ୍ତୁଳି<br>ତେନ୍ତୁଳିମଂଜି | ୨. ମହୁଲ ଫୁଲ | ୩. ବାଚୁନ | ୪. କଣ୍ଟାଝାଡୁ |
| | ୫. ଫୁଲଝାଡୁ | ୬. ଘାସଝାଡୁ | ୭. କୋଚିଲା ମଂଜି |
| ୮. ହରିଡା | ୯. ବାହାଡା | ୧୦. ଅଁଳା | ୧୧. ରିଠା ଫଳ |
| ୧୨. ଭାଲିଆ | ୧୩. ନିର୍ମଳା ବା କତକ | ୧୪. ମହୁ | ୧୫. ଶିଆଳି ପତ୍ର |
| ୧୬. ସବାଇ ଘାସ | ୧୭. ଆମ୍ବ କୋଇଲି | ୧୮. ଖଡ ଘାସ | ୧୯. ସିମିଳି ତୁଳା |
| ୨୦. ପାଲୁଅ | ୨୧. ଧାତୁକି ଫୁଲ | ୨୨. ପୁତ୍ରଣି | ୨୩. ଶିକାକାଇ |
| ୨୪. ଜଡା ବା ଗବ | ୨୫. ପଳାସମଂଜି | ୨୬. ଶିଆଳିମଂଜି | ୨୭. ଇନ୍ଦ୍ରଜବା |
| ୨୮. ଗିଲ | ୨୯. ବେଣାଚେର | ୩୦. ଗବ | ୩୧. ବଣକୋଳଥି |
| ୩୨. ବଣହଳଦି | ୩୩. ତୁଳସୀ | ୩୪. କାନ୍ତପଦ୍ମ | ୩୫. ତାଳ ମାଖନ ମଂଜି |
| ୩୬. ବାଇଡଙ୍କ ମଂଜି | ୩୭. ବାଘନଖି ମଂଜି | ୩୮. କମଳଗୁଣ୍ଡି ଫଳ | ୩୯. ଲଣ୍ଡାବଗୁଲି |
| ୪୦.ବେଲ | ୪୧. ଭୁଇଁ ନିମ | ୪୨. ଖଜୁରୀପଟିଆ | ୪୩. ରୋହିଣୀ ଫଳ |
| ୪୪.ଭୃଙ୍ଗ ପତ୍ର | ୪୫. ରାସନା | ୪୬. ଫେଣଫେଣା | ୪୭. ସିଦ୍ଧ ଫଳ |
| ୪୮.ସତାବରି | ୪୯. କାଠଲଇ | ୫୦. ଅତୁଣ୍ଡିଲଇ | ୫୧. ଖେଳୁଆଲଇ |
| ୫୨.ହଂସଲତା | ୫୩. ଏକଶିରାଫଳ | ୫୪. କାଠଛତୁ | ୫୫. ସପ/ମଷିଣାଘାସ |
| ୫୬. ଅନନ୍ତ ମୂଳ | ୫୭. ଅଣ୍ଡିଆପଟ | ୫୮. ନାଗେଶ୍ୱର ଫୁଲ | ୫୯. ମାଙ୍କଡ କେନ୍ଦୁ |
| ୬୦.ଅତୁଣ୍ଡି ଫଳ | ୬୧. ମହୁଲ ମଂଜି | ୬୨. କୁସୁମ ମଂଜି | ୬୩. କରଂଜ ମଂଜି |
| ୬୪. ଚାର ମଂଜି | ୬୫. ନିମ ମଂଜି | ୬୬. ଚାକୁଣ୍ଡା ମଂଜି | ୬୭. ବବୁଲ ମଂଜି |
| ୬୮. ବାଇବିଡଂଗ ମଂଜି | ୬୯. ଶାଳ ମଂଜି | | |

(ଛ) ଆଦିବାସୀ ଜମି ହସ୍ତାନ୍ତରିକରଣକୁ ରୋକିବା ପାଇଁ ପଦକ୍ଷେପ ନେବା ସହିତ ବେନିୟମ ଭାବରେ ହସ୍ତାନ୍ତରିକରଣ ହୋଇଥିଲେ ତାହାକୁ ପୁନରୁଦ୍ଧାର କରିବା।

(ଜ) ଆଦିବାସୀମାନଙ୍କୁ ଦିଆଯାଉଥିବା କରଜ ଉପରେ ନିୟନ୍ତ୍ରଣ କରିବା।

(ଝ) ଗାଁ ହାଟ ବଜାରର ପରିଚାଳନା କରିବା।

(ଟ) ନିଜର ପ୍ରଥା, ପରମ୍ପରା, ସାଂସ୍କୃତିକ ପରିଚୟ, ଗୋଷ୍ଠୀ ସମ୍ବଳର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ସହ ମାନବିକ ଅଧିକାରକୁ ସୁହାଇଲା ଭଳି ପାରମ୍ପରିକ ଉପାୟରେ ବିବାଦ ସମାଧାନର ବ୍ୟବସ୍ଥା କରିବା।

## ପଞ୍ଚାୟତ ସମିତି

(କ) ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନ ଓ କର୍ମକର୍ତ୍ତାଙ୍କ ଉପରେ ନିୟନ୍ତ୍ରଣ।

(ଖ) ଆଦିବାସୀ ଉପଯୋଜନା ସମେତ ସ୍ଥାନୀୟ ଯୋଜନା ଓ ଏହାର ସଂଶାଧନ ଉପରେ ନିୟନ୍ତ୍ରଣ କ୍ଷମତା।

## ଜିଲ୍ଲା ପରିଷଦ

(କ) ବିକାଶମୂଳକ କାର୍ଯ୍ୟପାଇଁ ଜମିଦଖଲ ଓ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ କରିବା ପୂର୍ବରୁ ଜିଲ୍ଲା ପରିଷଦ ସହ ପରାମର୍ଶ କରାଯିବ।

(ଖ) ଲଘୁ ଖଣିଜ ସଂପଦ ପାଇଁ ଲାଇସେନସ୍ ବା ଲିଜ୍ ନେବାବେଳେ ଜିଲ୍ଲାପରିଷଦର ସ୍ୱୀକୃତି ଆବଶ୍ୟକ।

(ଗ) କ୍ଷୁଦ୍ରଜଳ ଯୋଗାଣ ପ୍ରକଳ୍ପମାନଙ୍କର ଯୋଜନା ଓ ପରିଚାଳନା କାର୍ଯ୍ୟ ଜିଲ୍ଲାପରିଷଦ ଉପରେ ନ୍ୟସ୍ତ କରାଯାଇଛି।

## ଅନୁସୂଚୀତ କ୍ଷେତ୍ରକୁ ପଞ୍ଚାୟତ ସମ୍ପ୍ରସାରଣ ଆଇନ୍, ୧୯୯୬

ସଂବିଧାନର ନବମ ଅନୁଚ୍ଛେଦରେ ପଞ୍ଚାୟତ ସମ୍ପର୍କିତ ଅନୁସୂଚିତ କ୍ଷେତ୍ରରେ ସମ୍ପ୍ରସାରଣ ନିମନ୍ତେ ନୂଆ ଆଇନ୍।

ଭାରତୀୟ ଗଣତନ୍ତ୍ରର ୪୭ତମ ବର୍ଷରେ ପାର୍ଲିଆମେଣ୍ଟ ଦ୍ୱାରା ନିମ୍ନ ଉଲ୍ଲିଖିତ ଆଇନ୍ ପ୍ରଣୀତ ହେଉ।

**ଧାରା-୧** ଏହି ନୂଆ ଆଇନ୍‌ର ନାମ ପଞ୍ଚାୟତ ଉପବନ୍ଧ (ଅନୁସୂଚିତ କ୍ଷେତ୍ରକୁ ସମ୍ପ୍ରସାରଣ) ଅଧିନିୟମ, ୧୯୯୬ ଅଟେ।

**ଧାରା-୨** ଏହି ଅଧିନିୟମରେ ସନ୍ଦର୍ଭ ଅନ୍ୟଥା ଅଭିପ୍ରେତ ନ ହେଲେ **ଅନୁସୂଚୀତ କ୍ଷେତ** କହିଲେ ସଂବିଧାନର ଧାରା- ୨୪୪ (୧) ରେ ବର୍ଣ୍ଣିତ ଅନୁସୂଚିତ କ୍ଷେତ୍ରକୁ ହିଁ ବୁଝିବାକୁ ହେବ।

**ଧାରା-୩** ସଂବିଧାନର ନବମ ଅନୁଚ୍ଛେଦରେ ପଞ୍ଚାୟତ ସମ୍ବନ୍ଧୀୟ ଯାବତୀୟ ଆଇନ୍, ନୂଆ ଆଇନ୍‌ର ଧାରା-୪ରେ କରାଯାଇଥିବା ବ୍ୟତିକ୍ରମ ଓ ସଂଶୋଧନ ସହିତ ଅନୁସୂଚୀତ କ୍ଷେତ୍ର ଗୁଡିକ ପାଇଁ ଲାଗୁ ହେବ।

**ଧାରା-୪** ସଂବିଧାନ ନବମ ଅନୁଚ୍ଛେଦରେ ଯେ କୌଣସି ବିଷୟ ଉଲ୍ଲେଖ ଥିବା ସତ୍ତ୍ୱେ କୌଣସି ରାଜ୍ୟର ବିଧାନସଭା ଏପରି କୌଣସି ଆଇନ୍ ପ୍ରଣୟନ କରିବ ନାହିଁ ଯାହା ନିମ୍ନୋକ୍ତ ବିଷୟ ଗୁଡିକ ସହିତ ଅମେଳ ଥିବ, ଅର୍ଥାତ୍-

(କ) କୌଣସି ରାଜ୍ୟର ବିଧାନସଭା, ପଞ୍ଚାୟତ ସମ୍ବନ୍ଧୀୟ ଯାହାବି ଆଇନ୍ ପ୍ରଣୟନ କରିବ, ତାର ସବୁକଥା ସ୍ଥାନୀୟ ଅଧିବାସୀ ମାନଙ୍କ ପାରମ୍ପରିକ, ଧାର୍ମିକ ଓ ସାମାଜିକ ରୀତିନୀତି ତଥା ସାମୂହିକ ସଂବଳର ସୁରକ୍ଷା ପ୍ରଚଳିତ ପାରମ୍ପରିକ ବ୍ୟବସ୍ଥାର ଅନୁରୂପ ହେବ।

(ଖ) ସାଧାରଣ ଭାବରେ ଗ୍ରାମ କହିଲେ ସ୍ଥାନୀୟ ଅଧିବାସୀ ମାନଙ୍କ ବୁଝିବାରେ ନିଜ ଗାଁ (ଯାହା ଗୋଟିଏ ମାତ୍ର ବସତି/ବସତି ପୁଞ୍ଜ ବା ପଲ୍ଲୀ / ପଲ୍ଲୀପୁଞ୍ଜକୁ ନେଇ ଗଠିତ ହୋଇଥାଇପାରେ) ଯାହାର ସମସ୍ତ ବାସିନ୍ଦା ସହଜ ଭାବରେ ନିଜକୁ ସେହି ଗାଁର ଅଂଶ ବିଶେଷ ବୋଲି ମନେ କରୁଥିବେ ତଥା ସେମାନଙ୍କ ଯାବତୀୟ କାର୍ଯ୍ୟ ଗାଁର ପ୍ରଚଳିତ ପରମ୍ପରା ଅନୁସାରେ ସଂପାଦନ କରୁଥିବେ।

(ଗ) ଏହିପରି (ଖ) ରେ ବର୍ଣ୍ଣିତ ପ୍ରତ୍ୟେକ ପାରମ୍ପରିକ ଗାଁ ପାଇଁ ଗୋଟିଏ ଗୋଟିଏ **ଗ୍ରାମସଭା** (ଗ୍ରାମ ଶାସନ) ହେବ ଏବଂ ଗ୍ରାମ ପଞ୍ଚାୟତ ନିର୍ବାଚନ ବେଳର ଭୋଟର ତାଲିକା ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମବାସୀ, ଏହାର ସଦସ୍ୟ ରହିବେ।

(ଘ) ପ୍ରତ୍ୟେକ ଗ୍ରାମସଭା ସାଧାରଣ ଲୋକଙ୍କ ପରମ୍ପରା, ରୀତିନୀତି, ସାମାଜିକ ଚଳଣି, ସାଂସ୍କୃତିକ ପରିଚୟ, ସାମୂହିକ ସଂବଳ ତଥା ଗ୍ରାମ୍ୟ ସମାଜର ଯାବତୀୟ ବିବାଦ ମୀମାଂସା କରିବାର ପାରମ୍ପରିକ ଢଙ୍ଗ ଆଦିର ସଂରକ୍ଷଣ ତଥା ପରିରକ୍ଷଣ କରିବାକୁ ସମର୍ଥ ହେବ।

(ଙ) ପ୍ରତ୍ୟେକ ଗ୍ରାମସଭା:-

(୧) ଗ୍ରାମ୍ୟ ସ୍ତରରେ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଉଦ୍ଦିଷ୍ଟ ଯେ କୌଣସି ଯୋଜନା, କାର୍ଯ୍ୟକ୍ରମ ବା ପ୍ରକଳ୍ପ ଇତ୍ୟାଦି ଗ୍ରାମ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମସଭାର ଅନୁମୋଦନ ଜରୁରୀ ହେବ।

(୨) ଏହିପରି ଦାରିଦ୍ର୍ୟ ଦୂରୀକରଣ ତଥା ଅନ୍ୟାନ୍ୟ ବିକାଶ କାର୍ଯ୍ୟକ୍ରମରେ ଉପକୃତ ହେବା ପାଇଁ ଯୋଗ୍ୟ ତଥା ଯୁକ୍ତିଯୁକ୍ତ ହିତାଧିକାରୀ ଚିହ୍ନଟ ତଥା ଚୟନ କରିବା ଗ୍ରାମସଭାର ଦାୟିତ୍ୱ ହେବ।

(ଚ) ଗ୍ରାମ ସ୍ତରରେ ସଂପୃକ୍ତ ଗ୍ରାମ ପଞ୍ଚାୟତ, ପୂର୍ବରୁ ଉପଧାରା (ଙ)ରେ ବର୍ଣ୍ଣିତ ସମସ୍ତ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ନିମିତ୍ତ ଉଦ୍ଦିଷ୍ଟ ଅର୍ଥ ବିନିଯୋଗର ସଦୁପଯୋଗ ପ୍ରମାଣ ପତ୍ର ଗ୍ରାମସଭାଠାରୁ ହାସଲ କରିବା ଜରୁରୀ ହେବ; ଅର୍ଥାତ - ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ ଗ୍ରାମ ପଞ୍ଚାୟତ ଯାହା ବି ଅର୍ଥ ଖର୍ଚ୍ଚ କରିବ, ତାର ପୁରା ହିସାବ ଗ୍ରାମ ସଭାରେ ପେଶ କରିବ ଏବଂ ଗ୍ରାମସଭାଠାରୁ ପ୍ରମାଣ ପତ୍ର ନେବା ଜରୁରୀ ହେବ।

(ଛ) ପଞ୍ଚାୟତିରାଜ ବ୍ୟବସ୍ଥାର ସବୁସ୍ତର ପାଇଁ ସଂବିଧାନର ନବମ ଅନୁଚ୍ଛେଦରେ ଗଚ୍ଛିତ ଆସନ ସଂରକ୍ଷଣ, ସଂପୃକ୍ତ ଅନୁସୂଚିତ କ୍ଷେତ୍ରରେ ବାସ କରୁଥିବା ବିଭିନ୍ନ ଗୋଷ୍ଠୀମାନଙ୍କ ଜନସଂଖ୍ୟା ଅନୁପାତ ଭିତ୍ତିରେ ସଂରକ୍ଷିତ ରହିବ।

କିନ୍ତୁ ଯେକୌଣସି ପରିସ୍ଥିତିରେ ସୁଦ୍ଧା ଆଦିବାସୀ ମାନଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ମୋଟ ଆସନ ସଂଖ୍ୟାର ଅଧାରୁ କମ୍ ହେବ ନାହିଁ।

ଆହୁରି ମଧ୍ୟ ପଞ୍ଚାୟତିରାଜ ବ୍ୟବସ୍ଥାର ସବୁ ସ୍ତରରେ ଅଧକ୍ଷ ପଦବୀ (ଆସନ)ଗୁଡିକ ଅନୁସୂଚୀତ ଜନଜାତି ମାନଙ୍କ ପାଇଁ ସଂରକ୍ଷିତ ରହିବ।

(ଜ) ଯେଉଁ ସ୍ଥାନରେ ଜିଲ୍ଲା କିମ୍ବା ମଧ୍ୟବର୍ତ୍ତୀ ସ୍ତରୀୟ ପଞ୍ଚାୟତରେ ଯେଉଁ ଅନୁସୂଚୀତ ଜନଜାତିଙ୍କ ପ୍ରତିନିଧି ନିର୍ବାଚିତ ହୋଇ ପାରିନଥିବେ, ଏପରିସ୍ଥଳେ ରାଜ୍ୟ ସରକାର ସେହି ଅନୁସୂଚୀତ ଜନଜାତିର ବ୍ୟକ୍ତିଙ୍କୁ ମନୋନୀତ କରିପାରିବେ। କିନ୍ତୁ ଏପରି ମନୋନୟନ ସେହି ପଞ୍ଚାୟତର ମୋଟ ନିର୍ବାଚିତ ସଦସ୍ୟ ସଂଖ୍ୟାର ଏକ ଦଶମାଂଶରୁ ବେଶୀ ହେବ ନାହିଁ।

(ଝ) ଅନୁସୂଚିତ ଅଞ୍ଚଳରେ ଯେ କୌଣସି ପ୍ରକାର ଜମି ଅଧିଗ୍ରହଣ ପୂର୍ବରୁ ଓ ଏହିପରି ଅନ୍ୟ କୌଣସି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ବିସ୍ଥାପନ ବା ଥଇଥାନ କରିବା ପୂର୍ବରୁ ସଂପୃକ୍ତ ଗ୍ରାମସଭା ବା ଉଚିତ ସ୍ତରର ପଞ୍ଚାୟତ ସହିତ ପରାମର୍ଶ କରିବା ଆବଶ୍ୟକ ହେବ ଏବଂ ଏପରି ସ୍ଥଳେ ଅନୁସୂଚୀତ ଅଞ୍ଚଳରେ ପ୍ରକଳ୍ପମାନଙ୍କ ପ୍ରକୃତ ଯୋଜନା ଏବଂ ରୂପାୟନ ରାଜ୍ୟ ସ୍ତରରେ ସଂଯୋଜିତ ହେବ।

(ଞ) ଅନୁସୂଚୀତ ଅଞ୍ଚଳରେ କ୍ଷୁଦ୍ର ଜଳାଶୟ ମାନଙ୍କରେ ଯୋଜନା ତଥା ପ୍ରବନ୍ଧନ/ପରିଚାଳନା ସମୁଚିତ ସ୍ତରର ପଞ୍ଚାୟତ ଉପରେ ନ୍ୟସ୍ତ ହେବ।

(ଟ) ଅନୁସୂଚୀତ କ୍ଷେତ୍ର ମାନଙ୍କରେ କୌଣସି ଲଘୁ ଖଣିଜ (ମାଟି, ବାଲି, ପଥର ଇତ୍ୟାଦି)ର ସର୍ବେକ୍ଷଣ ପାଇଁ ଆକାଂକ୍ଷିତ ଅନୁମତି କିମ୍ବା ଏ ଗୁଡିକର ଖଣି କରିବା ପାଇଁ ଲିଜ୍ ବା ପଟ୍ଟା ଦେବା ପୂର୍ବରୁ ଗ୍ରାମସଭା କିମ୍ବା ଉଚିତ୍ ସ୍ତରର ପଞ୍ଚାୟତର ଅନୁମୋଦନ ଜନାଦେଶ ଭାବରେ ଜରୁରୀ ହେବ।

(ଠ) ସେହିପରି ଯେ କୌଣସି ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପାଇଁ ନିଲାମୀ ଦେବାରେ କୌଣସି ପ୍ରକାରର ରିହାତି ଦେବାକୁ ଥିଲେ, ଗ୍ରାମସଭା ବା ଉଚିତ ସ୍ତରର ପଞ୍ଚାୟତର ପୂର୍ବାନୁମୋଦନ ଜନାଦେଶ ଭାବରେ ଆବଶ୍ୟକ ହେବ।

(ଡ) ଅନୁସୂଚୀତ ଅଞ୍ଚଳରେ ପଞ୍ଚାୟତ ଗୁଡ଼ିକ ସ୍ୱୟଂଶାସିତ ଅନୁଷ୍ଠାନଭାବେ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକ ଶକ୍ତି ଓ କ୍ଷମତା ପ୍ରଦାନ କରାଗଲା ବେଳେ, ରାଜ୍ୟ ବିଧାନସଭା ଏହା ନିଶ୍ଚିତ କରିବ ଯେ ସମୁଚିତ ସ୍ତରରେ ପଞ୍ଚାୟତ ତଥା ଗ୍ରାମସଭା ଗୁଡ଼ିକୁ ନିମ୍ନୋକ୍ତ କ୍ଷମତା ଓ ଅଧିକାର ପ୍ରଦାନ କରାଯାଇଛି।

୧. ଯେ କୌଣସି ମାଦକ ଦ୍ରବ୍ୟର ସେବନ ତଥା ବିକ୍ରୟ ଉପରେ ନିୟନ୍ତ୍ରଣ ବା ନିଷେଧ ଲାଗୁ କରି ପାରିବା କ୍ଷମତା।

୨. ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା।

୩. ଅନୁସୂଚୀତ ଅଞ୍ଚଳରେ ଜମି ହସ୍ତାନ୍ତରଣ ଓ ବେଆଇନ୍ ଦଖଲ ଉପରେ ନିୟନ୍ତ୍ରଣ ତଥା କୌଣସି ଆଦିବାସୀ ଠାରୁ ବେଆଇନ୍ ଭାବରେ ହସ୍ତାନ୍ତରିତ ଜମିର ପୁନରୁଦ୍ଧାର ପାଇଁ ସମୁଚିତ କାର୍ଯ୍ୟାନୁଷ୍ଠାନ କରିପାରିବା କ୍ଷମତା।

୪. ଗାଁ ବଜାରକୁ (ଯେ କୌଣସି ନାମରେ ଥାଉନା କାହିଁକି) ପରିଚାଳନା କରିପାରିବା କ୍ଷମତା।

୫. ଆଦିବାସୀମାନଙ୍କ ସହିତ ଋଣ କାରବାର ଉପରେ ନିୟନ୍ତ୍ରଣ ଲାଗୁ କରି ପାରିବା କ୍ଷମତା।

୬. ସାମାଜିକ (ସେବା) କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ତଥା କାର୍ଯ୍ୟକର୍ତ୍ତା ମାନଙ୍କ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖି ପାରିବା କ୍ଷମତା।

୭. ଆଦିବାସୀ ଉପଯୋଜନା ସହିତ ସ୍ଥାନୀୟ ଯୋଜନା ତଥା ଅନ୍ୟାନ୍ୟ ଯେ କୌଣସି ଯୋଜନା ଓ ତଦର୍ଥେ ବିନିଯୋଗ ପାଇଁ ଉଦ୍ଦିଷ୍ଟ ସମ୍ବଳ (ଅର୍ଥ, ଉପକରଣ, କଞ୍ଚାମାଲ) ଇତ୍ୟାଦି ଉପରେ ନିୟନ୍ତ୍ରଣ ରଖିବା କ୍ଷମତା।

(ଢ) ପଞ୍ଚାୟତମାନଙ୍କୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବରେ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକ ଶକ୍ତି ଓ କ୍ଷମତା ପ୍ରଦାନ କରାଗଲା ବେଳେ ରାଜ୍ୟର ବିଧିବ୍ୟବସ୍ଥା ଏହା ନିଶ୍ଚିତ କରିବ ଯେ ଉଚ୍ଚତର ପଞ୍ଚାୟତ ଗୁଡ଼ିକ ନିମ୍ନସ୍ତରର ପଞ୍ଚାୟତ ବା ଗ୍ରାମସଭା ମାନଙ୍କର ଅଧିକାର ଓ କ୍ଷମତାରେ ଅଯଥା ହସ୍ତକ୍ଷେପ କରିବେ ନାହିଁ।

(ଣ) ରାଜ୍ୟ ବିଧାନ ସଭା ଅନୁସୂଚୀତ ଅଞ୍ଚଳରେ ଜିଲ୍ଲାପରିଷଦ ମାନଙ୍କରେ ପ୍ରଶାସନିକ ବ୍ୟବସ୍ଥାର ରୂପରେଖ ନିର୍ଦ୍ଧାରଣ କରିବା ସମୟରେ ସଂବିଧାନର ଷଷ୍ଠ ଅନୁସୂଚୀରେ ପ୍ରଦତ୍ତ ବ୍ୟବସ୍ଥାକୁ ଆଦର୍ଶ ରୂପରେ ଗ୍ରହଣ କରି ତଦନୁରୂପ ବ୍ୟବସ୍ଥା ଲାଗୁ କରିବାକୁ ପ୍ରୟାସ କରିବ।

**ଧାରା-୫** ଏହି ନୂଆ ଆଇନ୍ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇବା ପୂର୍ବରୁ ଅନୁସୂଚୀତ ଅଞ୍ଚଳରେ ବଳବତ୍ତର ଥିବା ଯେ କୌଣସି ଆଇନ୍ ବା ଧାରା; ସଂବିଧାନର ନବମ ଅନୁଚ୍ଛେଦରେ ଏହି ନୂଆ ଆଇନ୍ ଦ୍ୱାରା କରାଯାଇଥିବା ଯାବତୀୟ ବ୍ୟତିକ୍ରମ ଓ ସଂଶୋଧନ ସହିତ କୌଣସି ବିଷୟରେ ବିସଙ୍ଗତି ଥିବା ସତ୍ତ୍ୱେ, ସେତବେଳ ପର୍ଯ୍ୟନ୍ତ ବଳବତ୍ତର ରହିବ ଯେ ପର୍ଯ୍ୟନ୍ତ ରାଜ୍ୟର ବିଧାନସଭାର ସଂଶୋଧନ ଦ୍ୱାରା ବା କୌଣସି ସକ୍ଷମ ପଦାଧିକାରୀ ଦ୍ୱାରା ପରିବର୍ତ୍ତିତ ବା ବାତିଲ ହୋଇ ନାହିଁ କିମ୍ବା ଏହି ନୂଆ ଆଇନ୍ ଜାରି ହେବାର ବର୍ଷଟିଏ ପୁରା ହୋଇ ନାହିଁ।

ଏହି ନୂଆ ଆଇନ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ତାରିଖ ବେଳକୁ ଯଦି କୌଣସି ପଞ୍ଚାୟତ କ୍ଷମତାରେ ଥାଏ, ତେବେ ସେଗୁଡ଼ିକ ତାଙ୍କ ଧାର୍ଯ୍ୟ କାର୍ଯ୍ୟକାଳ ପୂରିବା ପର୍ଯ୍ୟନ୍ତ କ୍ଷମତାରେ ରହିବେ; ମାତ୍ର ରାଜ୍ୟର ବିଧାନ ବ୍ୟବସ୍ଥା (ବିଧାନସଭା/ମଣ୍ଡଳ/ପରିଷଦ) ଉପଯୁକ୍ତ ପ୍ରସ୍ତାବ ପାରିତ କରି ଏହି ପଞ୍ଚାୟତ ଗୁଡ଼ିକୁ ଭାଙ୍ଗି ଦେଇ ପାରିବେ।

# ଅନୁସୂଚୀତ କ୍ଷେତ୍ରକୁ ପଞ୍ଚାୟତ ସଂପ୍ରସାରଣ ଆଇନ୍
## (ରାଜ୍ୟ ଆଇନ୍)

ଧାରା -୪ :

(କ) କୌଣସି ରାଜ୍ୟର ବିଧାନସଭା, ପଞ୍ଚାୟତ ସମ୍ବନ୍ଧୀୟ ଯାହାବି ଆଇନ୍ ପ୍ରଣୟନ କରିବ ତାର ସବୁକଥା ସ୍ଥାନୀୟ ଅଧିବାସୀମାନଙ୍କ ପାରମ୍ପରିକ, ଧାର୍ମିକ ଓ ସାମାଜିକ ରୀତିନୀତି ତଥା ସାମୂହିକ ସମ୍ବଳର ସୁରକ୍ଷା ପ୍ରଚଳିତ ପାରମ୍ପରିକ ବ୍ୟବସ୍ଥାର ଅନୁରୂପ ହେବ।

(ଖ) ସାଧାରଣ ଭାବେ ଗ୍ରାମ କହିଲେ ସ୍ଥାନୀୟ ଅଧିବାସୀମାନଙ୍କ ବୁଝିବାରେ ନିଜ ଗାଁ, ଯାହା ଗୋଟିଏ ମାତ୍ର ବସତି/ବସତି ପୁଞ୍ଜ ବା ପଲ୍ଲୀ / ପଲ୍ଲୀପୁଞ୍ଜକୁ କିମ୍ବା ପଲ୍ଲୀପୁଞ୍ଜ ସବୁକୁ ନେଇ ଗଠିତ ହୋଇଥାଇପାରେ। ଯାହାର ସମସ୍ତ ବାସିନ୍ଦା ସହଜଭାବରେ ନିଜକୁ ସେହି ଗାଁର ଅଂଶ ବିଶେଷ ବୋଲି ମନେ କରୁଥିବେ ତଥା ସେମାନଙ୍କ ଯାବତୀୟ କାର୍ଯ୍ୟ ଗାଁର ପ୍ରଚଳିତ ପରମ୍ପରା ଅନୁସାରେ ସଂପାଦନା କରୁଥିବେ।

(ଗ) ଏହିପରି (ଖ)ରେ ବର୍ଣ୍ଣିତ ପ୍ରତ୍ୟେକ ପାରମ୍ପରିକ ଗ୍ରାମ ପାଇଁ ଗୋଟିଏ ଗୋଟିଏ ଗ୍ରାମ ଶାସନ ହେବ ଏବଂ ଗ୍ରାମ ପଞ୍ଚାୟତ ନିର୍ବାଚନ ବେଳର ଭୋଟର ତାଲିକା ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମବାସୀ ଏହାର ସଦସ୍ୟ ରହିବେ।

(ଘ) ଗ୍ରାମ ଶାସନ ପ୍ରଚଳିତ ପରଂପରା ଅନୁସାରେ ସଂବିଧାନ ଓ ମାନବିକ ଅଧିକାର ବିଷୟ ସହ ସଂଗତି ରକ୍ଷା କରି ବିବାଦ ସମାଧାନ କରିବା ପାଇଁ କ୍ଷମତାପ୍ରାପ୍ତ ହେବ।

(ଙ) ଗ୍ରାମପଞ୍ଚାୟତର ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଉଦ୍ଦିଷ୍ଟ ଯେ କୌଣସି ଯୋଜନା, କାର୍ଯ୍ୟକ୍ରମ ବା ପ୍ରକଳ୍ପ ଇତ୍ୟାଦି ଗ୍ରାମ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମ ଶାସନର ଅନୁମୋଦନ ଜରୁରୀ ହେବ।

(ଚ) ଗ୍ରାମ ପଞ୍ଚାୟତ ସମସ୍ତ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ ନିମିତ୍ତ ଉଦ୍ଦିଷ୍ଟ ଅର୍ଥ ବିନିଯୋଗର ସଦୁପଯୋଗ ପ୍ରମାଣପତ୍ର ଗ୍ରାମ ଶାସନଠାରୁ ହାସଲ କରିବା ଜରୁରୀ ହେବ।

(ଛ) ପଞ୍ଚାୟତ ଦ୍ୱାରା ହେଉଥିବା ପ୍ରତ୍ୟକ୍ଷ ନିର୍ବାଚନର ସମସ୍ତ ସ୍ତରର ପଦବୀରୁ ଆଦିବାସୀମାନଙ୍କ ପାଇଁ ସେତିକି ପଦବୀ ସଂରକ୍ଷିତ ହେବ ଯାହା ଏକ ତୃତୀୟାଂଶ ପଦବୀରୁ କମ୍ ହେଉନଥିବ।

(ଜ) ଅନୁସୂଚୀତ କ୍ଷେତ୍ରରେ ମୋଟ ଆସନ ସଂଖ୍ୟାରୁ ଅଧା ମଧ୍ୟବର୍ତ୍ତୀ ସ୍ତରର ପଦବୀ, ଜିଲ୍ଲା ପରିଷଦ ପଦବୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ହେବ ଏବଂ ଏଥିସହିତ ସମସ୍ତ ସମିତିର ଅଧକ୍ଷ ପଦବୀ ଏବଂ ଜିଲ୍ଲା ପରିଷଦର ସଭାପତି ପଦବୀ ମଧ ଆଦିବାସୀଙ୍କ ପାଇଁ ସଂରକ୍ଷିତ ହେବ।

(ଝ) ଅନୁସୂଚୀତ ଅଞ୍ଚଳରେ ଯେ କୌଣସି ପ୍ରକାର ଜମି ଅଧିଗ୍ରହଣ ପୂର୍ବରୁ ଓ ଏହିପରି ଅନ୍ୟ କୌଣସି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ବିସ୍ଥାପନ ବା ଥଇଥାନ କରିବା ପୂର୍ବରୁ ଜିଲ୍ଲା ପରିଷଦଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ଏବଂ ଏପରିସ୍ଥଳେ ଅନୁସୂଚୀତ ଅଞ୍ଚଳରେ ପ୍ରକଳ୍ପମାନଙ୍କ ପ୍ରକୃତ ଯୋଜନା ଏବଂ ରୂପାୟନ ରାଜ୍ୟ ସ୍ତରରେ ସଂଯୋଜିତ ହେବ।

(ଞ) ଅନୁସୂଚୀତ ଅଞ୍ଚଳରେ କ୍ଷୁଦ୍ର ଜଳାଶୟ ମାନଙ୍କରେ ଯୋଜନା ତଥା ପ୍ରବନ୍ଧନ/ ପରିଚାଳନା ଜିଲ୍ଲା ପରିଷଦ ଉପରେ ନ୍ୟସ୍ତ ହେବ।

(୯) ଅନୁସୂଚୀତ କ୍ଷେତ୍ରମାନଙ୍କରେ କୌଣସି ଲଘୁ ଖଣିଜ (ମାଟି, ବାଲି, ପଥର ଇତ୍ୟାଦି) ସର୍ବେକ୍ଷଣ ପାଇଁ ଆକାଂକ୍ଷିତ ଅନୁମତି କିମ୍ବା ଏଗୁଡିକର ଖଣି କରିବା ପାଇଁ ଲିଜ୍ ବା ପଟ୍ଟା ଦେବା ପୂର୍ବରୁ ଜିଲ୍ଲା ପରିଷଦଙ୍କର ଅନୁମୋଦନ ଜରୁରୀ ହେବ।

(୦) ସେହିପରି ଯେ କୌଣସି ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପାଇଁ ନିଲାମ ଦେବାରେ କୌଣସି ପ୍ରକାରର ରିହାତି ଦେବାକୁ ଥିଲେ, ଜିଲ୍ଲା ପରିଷଦର ଜନାଦେଶ ଜରୁରୀ ହେବ।

(ଡ) ଯେ କୌଣସି ମାଦକ ଦ୍ରବ୍ୟର ସେବନ ତଥା ବିକ୍ରୟ ଉପରେ ନିୟନ୍ତ୍ରଣ ବା ନିଷେଧ ଲାଗୁ କରିବା କ୍ଷମତା ଗ୍ରାମ ପଞ୍ଚାୟତର ଗ୍ରାମ ଶାସନର ତଦାରଖ ଦ୍ୱାରା ହେବ।

(ଢ) ଲଘୁ ବନଜାତ ଦ୍ରବ୍ୟ ଉପରେ ମାଲିକାନା ଗ୍ରାମ ଶାସନର ରହିବ।

(୩) ଅନୁସୂଚୀତ ଅଞ୍ଚଳରେ ଜମି ହସ୍ତାନ୍ତରଣ ଓ ବେଆଇନ୍ ଦଖଲ ଉପରେ ନିୟନ୍ତ୍ରଣ ତଥା କୌଣସି ଆଦିବାସୀଠାରୁ ବେଆଇନ୍ ଭାବେ ହସ୍ତାନ୍ତରିତ ଜମିର ପୁନରୁଦ୍ଧାର ପାଇଁ ସମୁଚିତ କାର୍ଯ୍ୟାନୁଷ୍ଠାନ କରି ପାରିବା କ୍ଷମତା ଗ୍ରାମ ଶାସନର ରହିବ।

(୪) ଗାଁ ବଜାରକୁ ପରିଚାଳନା କରିପାରିବା କ୍ଷମତା ଗ୍ରାମ ଶାସନର ରହିବ।

(୫) ଆଦିବାସୀମାନଙ୍କ ସହିତ ଋଣ କାରବାର ଉପରେ ନିୟନ୍ତ୍ରଣ ଲାଗୁ କରିପାରିବା।କ୍ଷମତା ଗ୍ରାମ ଶାସନର ହେବ।

(୬) ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ସଂସ୍ଥା ତଥା କାର୍ଯ୍ୟକର୍ତ୍ତାମାନଙ୍କ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିପାରିବା କ୍ଷମତା ଗ୍ରାମଶାସନ ସହିତ ପରାମର୍ଶ କ୍ରମେ ପଞ୍ଚାୟତ ସମିତିର ରହିବ।

(୭) ଆଦିବାସୀ ଉପଯୋଜନା ସହିତ ସ୍ଥାନୀୟ ଯୋଜନା ତଥା ଅନ୍ୟାନ୍ୟ ଯେ କୌଣସି ଯୋଜନା ଓ ତଦର୍ଥେ ବିନିଯୋଗ ପାଇଁ ଉଦ୍ଦିଷ୍ଟ ସମ୍ବଳ ଇତ୍ୟାଦି ଉପରେ ନିୟନ୍ତ୍ରଣ ରଖିବା କ୍ଷମତା ପଞ୍ଚାୟତ ସମିତିର ଗ୍ରାମଶାସନର ପରାମର୍ଶ କ୍ରମେ ରହିବ।

(୮) ପଞ୍ଚାୟତମାନଙ୍କୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବରେ କାର୍ଯ୍ୟକ୍ଷମ କରିବାକୁ କୌଣସି ଶକ୍ତି ଓ କ୍ଷମତା ପ୍ରଦାନ କରାଯାଇନାହିଁ।

(୯) ରାଜ୍ୟ ବିଧାନସଭା ଅନୁସୂଚୀତ ଅଞ୍ଚଳରେ ଜିଲ୍ଲାପରିଷଦ ମାନଙ୍କର ପ୍ରଶାସନିକ ବ୍ୟବସ୍ଥା ରୂପରେ ନିର୍ଦ୍ଧାରଣ କରିବା ସମୟରେ ସମ୍ବିଧାନର ୬ଷ୍ଠ ଅନୁସୂଚୀରେ ପ୍ରଦତ୍ତ ବ୍ୟବସ୍ଥାକୁ ଆଦର୍ଶ ରୂପରେ ଗ୍ରହଣ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।

**ପଞ୍ଚାୟତିରାଜ 'ପେସା' ଆଇନ,**

**ସୁଧାରିବ ଆଦିବାସୀ ଜୀବନ ।**

## ଓଡିଶାର ଅନୁସୂଚୀତ ଅଞ୍ଚଳ ତାଲିକା

| କ୍ର.ନଂ. | ଜିଲ୍ଲା | ଅନୁସୂଚୀତ ଅଞ୍ଚଳ |
|---|---|---|
| ୧. | ମୟୁରଭଞ୍ଜ | ସମୁଦାୟ ଜିଲ୍ଲା |
| ୨. | ସୁନ୍ଦରଗଡ | ସମୁଦାୟ ଜିଲ୍ଲା |
| ୩. | କୋରାପୁଟ | ସମୁଦାୟ ଜିଲ୍ଲା |
| ୪. | ରାୟଗଡା | ସମୁଦାୟ ଜିଲ୍ଲା |
| ୫. | ନବରଙ୍ଗପୁର | ସମୁଦାୟ ଜିଲ୍ଲା |
| ୬. | ମାଲକାନାଗିରି | ସମୁଦାୟ ଜିଲ୍ଲା |
| ୭. | ବାଲେଶ୍ୱର | ନିଳଗିରି ବ୍ଲକ |
| ୮. | ସମ୍ବଲପୁର | କୁଚିଣ୍ଡା ତହସିଲ |
| ୯. | କେନ୍ଦୁଝର | କେନ୍ଦୁଝର ତହସିଲ<br>ତେଲକୋଇ ତହସିଲ<br>ବଡବିଲ୍ ତହସିଲ |
| ୧୦. | କନ୍ଧମାଳ | କନ୍ଧମାଳ ତହସିଲ<br>ଜି. ଉଦୟଗିରି ତହସିଲ<br>ବାଲିଗୁଡା ତହସିଲ |
| ୧୧. | ଗଜପତି | ଆର.ଉଦୟଗିର ତହସିଲ<br>ଗୁମ୍ମାବ୍ଲକ, ରାୟଗଡା ବ୍ଲକ୍ |
| ୧୨. | ଗଂଜାମ | ସୋରଡା ତହସିଲ<br>(ଗଜଲବାଡି, ଗୋଛା ଗ୍ରା,ପ କୁ ଛାଡି) |
| ୧୩. | କଳାହାଣ୍ଡି | ଥୁଆମୁଳ ରାମପୁର ବ୍ଲକ, ଲାଂଜିଗଡ ବ୍ଲକ |

# ଗ୍ରାମ ପଞ୍ଚାୟତର ସ୍ଥାୟୀ କମିଟି ଓ ଅର୍ଥ ବ୍ୟବସ୍ଥା

ଗ୍ରାମପଞ୍ଚାୟତ ଅଧୀନରେ ହେଉଥିବା କାମକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସ୍ଥାୟୀ କମିଟିମାନ ଗଠନ କରାଯାଇଥାଏ। ଯେଉଁ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି (ୱାର୍ଡ ମେମ୍ବର, ନାଏବ ସରପଞ୍ଚ ଓ ସରପଞ୍ଚଙ୍କୁ ମିଶାଇ)ଙ୍କ ସଂଖ୍ୟା ୨୦ କିମ୍ବା ତହିଁରୁ ଅଧିକ ହୋଇଥିବ ସେହି ପଞ୍ଚାୟତଗୁଡିକର ସ୍ଥାୟୀ କମିଟି ଗୁଡିକରେ ପାଞ୍ଚଜଣ ସଦସ୍ୟ ରହିବେ ଏବଂ ଏହାଠାରୁ କମ୍ ସଂଖ୍ୟକ ନିର୍ବାଚିତ ପ୍ରତିନିଧି ଥିବା ପଞ୍ଚାୟତ ଗୁଡିକର ସ୍ଥାୟୀ କମିଟି ଗୁଡିକରେ ତିନିଜଣ ଲେଖାଏଁ ସଦସ୍ୟ ରହିବେ। ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ନିଜ ଭିତରୁ ହିଁ ସ୍ଥାୟୀ କମିଟି ଗୁଡିକର ସଦସ୍ୟ ଓ ଅଧକ୍ଷମାନଙ୍କୁ ନିର୍ବାଚିତ କରିବେ। ଗ୍ରାମ ପଞ୍ଚାୟତର ସେକ୍ରେଟାରୀ ପ୍ରତ୍ୟେକ ସ୍ଥାୟୀ କମିଟିର ସଂପାଦକ ଭାବେ କାର୍ଯ୍ୟକରିବେ। ଏହି ସ୍ଥାୟୀ କମିଟି ଗୁଡିକର କାର୍ଯ୍ୟକାଳ ଦୁଇବର୍ଷ ପାଇଁ ହେବ। ଦୁଇ ବର୍ଷ ପୂରଣ ହେବାର ଏକ ମାସ ପୂର୍ବରୁ ନୂତନ ସ୍ଥାୟୀ କମିଟିଗୁଡିକ ପାଇଁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ହିଁ ନିର୍ବାଚନ କରାଯିବ।

## ପଞ୍ଚାୟତର ସ୍ଥାୟୀ କମିଟି

୧. ଯୋଜନା, ଅର୍ଥ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ସମନ୍ୱୟ ସ୍ଥାୟୀ କମିଟି

୨. କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଫଳଚାଷ, ଜଳଛାୟା ଉନ୍ନୟନ ଓ ମତ୍ସ୍ୟସ୍ଥାୟୀ କମିଟି

୩. ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ପରିମଳ ସ୍ଥାୟୀ କମିଟି

୪. ସ୍ୱାସ୍ଥ୍ୟ ସାମାଜିକ କଲ୍ୟାଣ ସମେତ ମହିଳା ଓ ଶିଶୁ କଲ୍ୟାଣ ସ୍ଥାୟୀ କମିଟି

୫. ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳ ଶ୍ରେଣୀର କଲ୍ୟାଣ, ଜଙ୍ଗଲ, ଇନ୍ଧନ ଓ ଗୋଖାଦ୍ୟ ସ୍ଥାୟୀ କମିଟି

୬. ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ ଓ ଗ୍ରାମ୍ୟ ନିର୍ମାଣ ସ୍ଥାୟୀ କମିଟି

୭. ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ ସ୍ଥାୟୀ କମିଟି।

## ଗ୍ରାମପଞ୍ଚାୟତ ଆର୍ଥିକ ପରିଚାଳନା ବିଷୟରେ ଜାଣିବା କଥା

- ସରପଞ୍ଚ, ସଂପାଦକଙ୍କ ଦ୍ୱାରା ଗ୍ରହଣ/ ଆଦାୟ କରାଯାଉଥିବା ସମସ୍ତ ଅର୍ଥ ଗ୍ରାମ ଫଣ୍ଡରେ ଜମା ରହିବ ଏବଂ ରେକର୍ଡ ବହି (କ୍ୟାସ୍‌ଗୁଡିକ)ରେ ଉଲ୍ଲେଖ ରହିବ।
- ଆଦାୟ କରାଯାଇଥିବା ସମସ୍ତ ଅର୍ଥ ନିମନ୍ତେ ଲିଖିତ ରସିଦ୍ ଅର୍ଥପ୍ରଦାନକାରୀ ବ୍ୟକ୍ତି ବା ସଂସ୍ଥାକୁ ଦିଆଯିବ ଓ ଏହାର ଏକକିତା ନକଲ କାର୍ଯ୍ୟାଳୟରେ ରହିବ।
- ଗ୍ରାମଫଣ୍ଡରୁ ସମସ୍ତ ଅର୍ଥ ଗ୍ରାମ ପଞ୍ଚାୟତ ନାମରେ ନିକଟସ୍ଥ ଜାତୀୟକରଣ ବ୍ୟାଙ୍କରେ ସେଭିଙ୍ଗସ୍ ବ୍ୟାଙ୍କ ଆକାଉଣ୍ଟରେ ଜମା ରହିବ।

➪ ଏହି ଆକାଉଣ୍ଟରେ ଜମା ଓ ଉଠାଣ ସରପଞ୍ଚ ଏବଂ ସଂପାଦକଙ୍କ ଯୌଥ ଦସ୍ତଖତରେ କରାଯିବ। ଗ୍ରାମ ଫଣ୍ଡରୁ ପ୍ରତ୍ୟେକ ଖର୍ଚ୍ଚ ପଞ୍ଚାୟତ ବୈଠକରେ ଅନୁମୋଦିତ ହୋଇଥିବା ଆବଶ୍ୟକ ଓ ବଜେଟରେ ସ୍ଥାନ ପାଇଥିବା ନିତାନ୍ତ ଜରୁରୀ।

➪ ପ୍ରତ୍ୟେକ ଖର୍ଚ୍ଚ ନିମନ୍ତେ ଉପଯୁକ୍ତ ଭାଉଚର ରହିବା ଦରକାର ଓ ସେଗୁଡିକ ଗାର୍ଡଫାଇଲରେ କ୍ରମିକ ନମ୍ବର ଅନୁସାରେ ସଜାହୋଇ ରହିବା ଦରକାର।

➪ ଅନୁଦାନ ହିସାବରେ ମିଳୁଥିବା ଅର୍ଥ ଯେଉଁ କାର୍ଯ୍ୟ ନିମନ୍ତେ ଆସିଛି, ତାହା ସେହି କାର୍ଯ୍ୟ ନିମନ୍ତେ ଓ ନିଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ ଓ ଜମା ଶେଷରେ ଯେଉଁ ସଂସ୍ଥା  ଅର୍ଥ ଦେଇଥିବ ତାଙ୍କ ନିକଟକୁ ବିନିଯୋଗ ପ୍ରମାଣପତ୍ର ଠିକ୍ ସମୟରେ ପଠାଯିବା ଦରକାର।

➪ ଗ୍ରାମ ପଞ୍ଚାୟତର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା କାର୍ଯ୍ୟ ନିମନ୍ତେ ଏକ ମଷ୍ଟର ରୋଲ ରହିବ ଯେଉଁଥିରେ କି କାର୍ଯ୍ୟରତ ଶ୍ରମିକ ମାନଙ୍କର ଉପସ୍ଥାନ ଓ କାମର ବିବରଣୀ ଲିପିବଦ୍ଧ ହୋଇଥିବ।

➪ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରେ ଯୋଜନା ଅଟକଳ (ପ୍ଲାନ୍ ଓ ଏଷ୍ଟିମେଟ୍) ବ୍ଲକର କନିଷ୍ଠ ଯନ୍ତ୍ରୀ କରିବେ ଓ ଏ କାର୍ଯ୍ୟ ନିମନ୍ତେ ସରପଞ୍ଚ ପ୍ରଶାସନିକ ଅନୁମୋଦନ ଦେବେ।

➪ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଓ ୧ ଲକ୍ଷରୁ କମ୍ କାର୍ଯ୍ୟର ପ୍ଲାନ ଏଷ୍ଟିମେଟ୍ ବ୍ଲକର କନିଷ୍ଠ ଯନ୍ତ୍ରୀ କରିବେ ଓ ତାହାକୁ ସହକାରୀ ଯନ୍ତ୍ରୀ ପ୍ରତିସ୍ୱାକ୍ଷର କରିବେ ଏବଂ ଏହାକୁ ମଧ୍ୟ ସରପଞ୍ଚ ପ୍ରଶାସନିକ ଅନୁମୋଦନ ଦେବେ।

➪ ୧ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର କାମ ନିମନ୍ତେ କନିଷ୍ଠ ଯନ୍ତ୍ରୀ ଏଷ୍ଟିମେଟ୍ କରିବେ ଓ ସହକାରୀ ଯନ୍ତ୍ରୀ ପ୍ରତି ସ୍ୱାକ୍ଷର କରିବେ ଓ ତାହାକୁ ଗ୍ରାମ ପଞ୍ଚାୟତ ପ୍ରଶାସନିକ ଅନୁମୋଦନ ଦେବେ।

➪ ଏ ସମସ୍ତ ମୂଲ୍ୟର କାର୍ଯ୍ୟ ଗ୍ରାମ ପଞ୍ଚାୟତ ବୈଠକରେ ଉପସ୍ଥାପିତ ହୋଇ ଅନୁମୋଦିତ ହେଲା ପରେ ହିଁ କାର୍ଯ୍ୟ ଆରମ୍ଭ କରାଯାଇ ପାରିବ।

➪ ପଞ୍ଚାୟତ ଦ୍ୱାରା ହେଉଥିବା ଏ ସମସ୍ତ କାମ ସମିତି ଅଞ୍ଚଳ ପାଇଁ ଧାର୍ଯ୍ୟ ହୋଇଥିବା ଦର ମଧ୍ୟରେ ହିଁ କରାଯିବ।

➪ ୫୦ ହଜାର ଟଙ୍କା ମଧ୍ୟରେ ଥିବା ପ୍ରକଳ୍ପ ଗୁଡିକର ମାପ କନିଷ୍ଠଯନ୍ତ୍ରୀ କରିବେ ଓ ଏ କ୍ଷେତ୍ରର ଚେକ୍‌ମାପର ଆବଶ୍ୟକତା ନାହିଁ। ଏ କ୍ଷେତ୍ରରେ କନିଷ୍ଠ ଯନ୍ତ୍ରୀଙ୍କ ମାପ ଅନୁସାରେ ବିଲ୍ ପଇଠ କରାଯିବ।

➪ ୫୦ ହଜାର ଟଙ୍କା ମଧ୍ୟରେ ଥିବା ପ୍ରକଳ୍ପ ଗୁଡିକର ମାପ କନିଷ୍ଠଯନ୍ତ୍ରୀ କରିବେ ଓ ଏ କ୍ଷେତ୍ରରେ ଚେକ୍ ମାପ ଆବଶ୍ୟକତା ନାହିଁ। ଏ କ୍ଷେତ୍ରରେ କନିଷ୍ଠ ଯନ୍ତ୍ରୀଙ୍କ ମାପ ଅନୁସାରେ ବିଲ୍ ପଇଠ କରାଯିବ।

➪ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଗୁଡିକର ମାପ କନିଷ୍ଠ ଯନ୍ତ୍ରୀ କରିବେ ଓ ଚେକ୍ ମାପ ସହାୟକ ଯନ୍ତ୍ରୀ କରିବେ।

➪ ମାପ ଓ ଚେକ୍ ମାପ ସରପଞ୍ଚ, ସଂପାଦକ ଓ ସଂପୃକ୍ତ ୱାର୍ଡମେମ୍ବରଙ୍କ ଉପସ୍ଥିତିରେ କରାଯିବ।

➪ ଯେ କୌଣସି ପ୍ରକଳ୍ପର ପୁନର୍ବାର ମାପ ଓ ଚେକମାପ ପାଇଁ ଗ୍ରାମ ପଞ୍ଚାୟତ କିମ୍ବା ଜିଲ୍ଲାପାଳ ନିର୍ଦ୍ଦେଶ ଦେଇପାରିବେ।

**ଗ୍ରାମ ପଞ୍ଚାୟତର ଆର୍ଥିକ ସୁପରିଚାଳନା ପାଇଁ ନିମ୍ନଲିଖିତ ରେଜିଷ୍ଟରଗୁଡିକ ନିର୍ଦ୍ଧାରଣ କରାଯାଇଛି।**

୧. କ୍ୟାସବୁକ୍

(କ) ଜିପି ଫଣ୍ଡ  (ଖ) ଏସ୍.ଜି.ଆର.ୱାଇ

(ଗ) ଦ୍ୱାଦଶ ଅର୍ଥ କମିଶନ  (ଘ) ପି.ଡି.ଏସ୍.

୨. ଗାର୍ଡ ଫାଇଲ

ସମସ୍ତ କ୍ୟାସବୁକର ଆକାଉଣ୍ଟସ୍ ନିମନ୍ତେ ଭାଉଚର ସେହି ଅନୁସାରେ ଅଲଗା ଅଲଗା ହୋଇ ରଖାହେବ।

୩. **ଷ୍ଟକ ରେଜିଷ୍ଟର**

ଜିପି ଫଣ୍ଡ, ଏସ୍.ଜି.ଆର.ୱାଇର ଚାଉଳ ପାଇଁ ପିଡିଏସ୍, ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା ଇତ୍ୟାଦି ପାଇଁ ଟାଲି ରେଜିଷ୍ଟର, ଷ୍ଟକ ରେଜିଷ୍ଟର ଓ ଇସ୍ୟୁ ରେଜିଷ୍ଟର ରହିବ।

୪. **ଅନ୍ୟାନ୍ୟ ରେଜିଷ୍ଟର**

| | |
|---|---|
| ଯାତାୟକ ଖର୍ଚ୍ଚ | ଅଗ୍ରୀମ ଦେୟ |
| ପଞ୍ଚାୟତର ସ୍ଥାୟୀ ସଂପଦ | ଗ୍ରାମ ପଞ୍ଚାୟତଅଞ୍ଚଳର ଥିବା ସମ୍ବଳର ହିସାବ ଇତ୍ୟାଦି। |

## ଗ୍ରାମ ପଞ୍ଚାୟତ ଦ୍ୱାରା ପ୍ରକଳ୍ପମାନ କିପରି ନିର୍ମାଣ କରାଯିବ:

୧. ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍‌ର ନିୟମ ୩୬କୁ ୨୦୦୨ରେ ସଂଶୋଧନ କରାଯାଇ ଗ୍ରାମ ପଞ୍ଚାୟତର ସମସ୍ତ କାର୍ଯ୍ୟର ନକ୍ସା, ଅଟକଳ ପ୍ରଶାସନିକ ମଞ୍ଜୁରୀ, ମାପ ଓ ଚେକ୍ ମାପ ଲିପିବଦ୍ଧ କରାଯିବାର ନିୟମମାନ ନିମ୍ନ ପ୍ରକାରେ ଉଲ୍ଲେଖ କରାଯାଇଛି।

| ପ୍ରକଳ୍ପ ପ୍ରସ୍ତୁତର ଅଟକଳ ସୀମା | ପ୍ରସ୍ତୁତ କର୍ତ୍ତା | ପ୍ରଶାସନିକ ମଞ୍ଜୁରୀ କ୍ଷମତା |
|---|---|---|
| ୫୦ ହଜାର ଟଙ୍କା ପର୍ଯ୍ୟନ୍ତ | ବ୍ଲକ କନିଷ୍ଠ ଯନ୍ତ୍ରୀ | ସରପଞ୍ଚ |
| ୫୦ ହଜାର ଟଙ୍କାରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ | ବ୍ଲକ କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ପ୍ରତି ସ୍ୱାକ୍ଷରିତ | ସରପଞ୍ଚ |
| ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ | ବ୍ଲକ୍ କନିଷ୍ଠ ଯନ୍ତ୍ରୀ ଏବଂ ବ୍ଲକ୍ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ପ୍ରତି ସ୍ୱାକ୍ଷରିତ | ସରପଞ୍ଚ |

୨. ଅଧିନିୟମ (୧) ପ୍ରକାରେ ସମସ୍ତ କାର୍ଯ୍ୟ (ଗ୍ରାମ ପଞ୍ଚାୟତର ସ୍ୱପାଣ୍ଠି, କିମ୍ବା ଯେ କୌଣସି ପରିକଳ୍ପନା (ସ୍କିମ୍) ପଞ୍ଚାୟତ ଦ୍ୱାରା କାର୍ଯ୍ୟାନ୍ୱିତ କାର୍ଯ୍ୟଗୁଡିକ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଗ୍ରାମ ପଞ୍ଚାୟତ ବୈଠକରେ ଅନୁମୋଦନ ଆବଶ୍ୟକ)।

୩. ପଞ୍ଚାୟତ ସମିତିର କାର୍ଯ୍ୟପାଇଁ ପ୍ରଯୁଜ୍ୟ ହେଉଥିବା ଅନୁସୂଚୀହାର (ସିଡ୍ୟୁଲ୍ ଅଫ ରେଟସ୍) ଗ୍ରାମ ପଞ୍ଚାୟତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟ ପାଇଁ ପ୍ରଯୁଜ୍ୟ ହେବ।

୪. ବ୍ଲକ କନିଷ୍ଠ ଯନ୍ତ୍ରୀ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ମାପ କରିବେ। ପୂର୍ବରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ମାପ ଓ ଚେକ୍ ମାପ କରିବା କ୍ଷମତା ଯଥାକ୍ରମେ ଗ୍ରାମ ପଞ୍ଚାୟତ ସମ୍ପାଦକ ଓ ସରପଞ୍ଚଙ୍କୁ ଦିଆଯାଇଥିଲା। ଉକ୍ତ କ୍ଷମତା ପ୍ରତ୍ୟାହାର କରି ନିଆଯାଇଛି।

# ପଞ୍ଚାୟତିରାଜ ବ୍ୟବସ୍ଥା ଓ ମହିଳା

୭୩ତମ ସାମ୍ବିଧାନିକ ସଂଶୋଧନରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅନେକ ନୂଆ କ୍ଷମତା ପ୍ରଦାନ କରାଯାଇଛି । ଏଥିରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏହା ବଳରେ ସମଗ୍ର ଭାରତବର୍ଷରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ବର୍ତ୍ତମାନ ପଞ୍ଚାୟତିଶାସନ ପ୍ରକ୍ରିୟାରେ ସାମିଲ ହୋଇପାରିଛନ୍ତି । ଏହି କ୍ରମରେ ଓଡ଼ିଶାରେ ଥିବା ଅନ୍ୟୁନ ୧ ଲକ୍ଷ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ୩୫ ହଜାରରୁ ଊର୍ଦ୍ଧ୍ୱ ହେଉଛନ୍ତି ମହିଳା । ୱାର୍ଡମେମ୍ବରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦର ଅଧ୍ୟକ୍ଷା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମହିଳାଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ମହିଳାମାନେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଦାୟିତ୍ୱ ନେବା ଦିନଠାରୁ ସେମାନଙ୍କ ମଧ୍ୟରୁ ଅନେକ ନିଜ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସ୍ୱୟଂ ସହାୟିକା ଦଳର ବିକାଶ, ମଦ ବିରୋଧୀ ଆନ୍ଦୋଳନ, ଜଙ୍ଗଲ ସୁରକ୍ଷା ଆନ୍ଦୋଳନ ଇତ୍ୟାଦିରେ ନିଜର ପାରଦର୍ଶିତା ପ୍ରମାଣିତ କରିପାରିଛନ୍ତି ।

## ମହିଳା ପ୍ରତିନିଧିମାନଙ୍କ ଯୋଗଦାନ

୧୯୯୭ ମସିହାରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସମୁଦାୟ ୩୨୬୨୧ ଜଣ ମହିଳା ପ୍ରତିନିଧି ନିର୍ବାଚିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୨୮୫୯୫ ଜଣ ୱାର୍ଡମେମ୍ବର, ୧୮୬୨ ଜଣ ସରପଞ୍ଚ, ୧୮୭୦ ଜଣ ପଞ୍ଚାୟତ ସମିତି ସଦସ୍ୟା ଓ ୨୯୪ ଜଣ ଜିଲ୍ଲା ପରିଷଦ ସଦସ୍ୟା ନିର୍ବାଚିତ ହୋଇଥିଲେ । ସେହିଭଳି ୨୦୦୨ ମସିହାରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ୩୧୪୧୪ ଜଣ ୱାର୍ଡମେମ୍ବର, ୨୧୮୮ ଜଣ ସରପଞ୍ଚ, ୨୧୮୬ ଜଣ ପଞ୍ଚାୟତ ସମିତି ସଦସ୍ୟା ଓ ୨୯୬ ଜଣ ଜିଲ୍ଲା ପରିଷଦର ସଦସ୍ୟା ରୂପେ ନିର୍ବାଚିତ ହୋଇଥିଲେ । ସମୁଦାୟ ୩୬୦୮୮ ଜଣ ମହିଳା ପ୍ରତିନିଧି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ପ୍ରକ୍ରିୟାରେ ସାମିଲ ହୋଇ ନିଜର ଦକ୍ଷତାର ପରିଚୟ ଦେବାକୁ ଆରମ୍ଭ କଲେଣି । ୨୦୦୨ ନିର୍ବାଚନରେ ଅନୁସୂଚୀତ ଜାତିରୁ ୭୮୮୫ ଜଣ ମହିଳା ନିର୍ବାଚିତ ହୋଇଥିବା ବେଳେ ଅନୁସୂଚୀତ ଜନଜାତିରୁ ୧୦,୮୪୧ ଜଣ ମହିଳା ସମଗ୍ର ଓଡ଼ିଶାରେ ନିର୍ବାଚିତ ହୋଇଥିଲେ । ସେହିପରି ଅନ୍ୟ ପଛୁଆ ବର୍ଗରୁ ୯୭୮୧ ଜଣ ମହିଳା ନିର୍ବାଚିତ ହୋଇଥିବାବେଳେ ସାଧାରଣ ବର୍ଗରୁ ୭୮୭୭ଜଣ ମହିଳା ପଞ୍ଚାୟତିରାଜ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ୨୦୦୭ ମସିହାରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଅସଂରକ୍ଷିତ ଆସନଗୁଡ଼ିକରେ ବହୁସଂଖ୍ୟକ ମହିଳା ପ୍ରତିଦ୍ୱନ୍ଦିତା କରିବା ଦେଖିବାକୁ ମିଳିଛି । ପୂର୍ବ ବର୍ଷ ତୁଳନାରେ ଏଥର ଅଧିକ ସଂଖ୍ୟକ ଉଚ୍ଚଶିକ୍ଷା ଲାଭ କରିଥିବା ମହିଳାମାନେ ପଞ୍ଚାୟତରାଜ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ତାହା ପରିସଂଖ୍ୟାନ ଚିତ୍ରରୁ ଏହା ଅଧିକ ସ୍ପଷ୍ଟ ହେବ । ବାସ୍ତବରେ କେତେ ଅଧିକ ସଂଖ୍ୟକ ମହିଳା ଏଥର ନିର୍ବାଚନରେ ଭାଗ ନେଇଛନ୍ତି ।

## ପଲ୍ଲୀସଭା ଓ ଗ୍ରାମସଭାରେ ମହିଳା

ପଞ୍ଚାୟତିରାଜ ନିର୍ବାଚନରେ ମହିଳାମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିବା ସହିତ ପଲ୍ଲୀସଭା ଓ ଗ୍ରାମସଭାରେ ମହିଳାମାନଙ୍କ ଭାଗୀଦାରିତାରେ ଯଥେଷ୍ଟ ବୃଦ୍ଧି ଘଟିଛି । କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସଚେତନ ମହିଳାମାନେ ପଲ୍ଲୀସଭା ଆୟୋଜନ କରାଇବାର ଦୃଷ୍ଟାନ୍ତ ରହିଛି । ଯେଉଁସବୁ ପଞ୍ଚାୟତରେ ସ୍ୱୟଂ ସହାୟିକା ଦଳ ଅଧିକ ସକ୍ରିୟ ସେହିସବୁ ସ୍ଥାନରେ ମହିଳାମାନଙ୍କ ଭାଗୀଦାରିତାରେ ବଢ଼ିଛି । ଆହୁରି ମଧ ବିଭିନ୍ନ ବିଷୟ ଆଲୋଚନା ଏବଂ ନିଷ୍ପତ୍ତି ନେବାରେ ମଧ ସେମାନଙ୍କର ଭାଗୀଦାରିତା ବଢିପାରିଲେ ପଞ୍ଚାୟତିରାଜ ବ୍ୟବସ୍ଥା ଅଧିକ ଫଳପ୍ରଦ ହୋଇପାରିବ ବୋଲି ଆଶା କରାଯାଏ ।

## ବିକାଶମୂଳକ କାର୍ଯ୍ୟ ଓ ମହିଳା

ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ମହିଳାମାନଙ୍କ ଭାଗୀଦାରିତା ବୃଦ୍ଧି ପାଇବାରେ ଲାଗିଛି । ଯେଉଁଠି ସରପଞ୍ଚ ମହିଳା ଅଛନ୍ତି, ସେଠି ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା, ବିଭିନ୍ନ ଯୋଜନା ପାଇଁ ହିତାଧିକାରୀ ଚିହ୍ନଟ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ଅଧିକ ବ୍ୟବସ୍ଥିତ ଭାବରେ କାର୍ଯ୍ୟକାରୀ ହୋଇପାରୁଛି । ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱ- ରୋଜଗାର ଯୋଜନା ଠାରୁ ଆରମ୍ଭ କରି ବାଳିକା ସମୃଦ୍ଧି ଯୋଜନା ପର୍ଯ୍ୟନ୍ତ ସବୁ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ।



# ପ୍ରାକୃତିକ ବିପର୍ଯ୍ୟୟ ଓ ପଞ୍ଚାୟତ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆବଶ୍ୟକୀୟ କାର୍ଯ୍ୟ ହାତକୁ ନେବା ପଞ୍ଚାୟତର ଏକ ଗୁରୁ ଦାୟିତ୍ୱ। ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ର ୪୫ (g) (l) (m) ଅନୁଯାୟୀ ଏହି କାର୍ଯ୍ୟଗୁଡିକ ଗ୍ରାମ ପଞ୍ଚାୟତର ସ୍ୱେଚ୍ଛାକୃତ କାର୍ଯ୍ୟ ପରିସର ଭୁକ୍ତ ଅଟେ। ଗ୍ରାମ ପଞ୍ଚାୟତ ଗୁଡିକ ଗ୍ରାମ ପଞ୍ଚାୟତର ସ୍ମାରକ ରୂପେ ନିଷ୍ପତ୍ତି ଗ୍ରହଣ କରି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଗ୍ରାମ ପଞ୍ଚାୟତ ପରିସୀମା ମଧ୍ୟରେ ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ପ୍ରାକୃତିକ ବିପତ୍ତି ସମୟରେ ରିଲିଫ୍ କାର୍ଯ୍ୟ ସମ୍ପାଦନ କରିପାରିବେ। ଓଡିଶା ରିଲିଫ୍ କୋର୍ଡର ଧାରା ୧୯ରେ ଉଲ୍ଲେଖ ରହିଅଛି ଯେ ରିଲିଫ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ମାନଙ୍କୁ ସମ୍ପୃକ୍ତ କରାଯାଏ ଏବଂ ଲୋକ ପ୍ରତିନିଧିମାନଙ୍କୁ ରିଲିଫ୍ କାର୍ଯ୍ୟରେ ସଂପୃକ୍ତ କରିବା ପାଇଁ ରିଲିଫ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥାଏ।

## ଅନାହାର ମୃତ୍ୟୁ ରୋକିବାରେ ଗ୍ରାମ ପଞ୍ଚାୟତର ଭୂମିକା:

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନାହାର ମୃତ୍ୟୁ ଜନିତ ପରିସ୍ଥିତିକୁ ତତ୍ପରତା ସହ ମୁକାବିଲା କରିବା ପାଇଁ ଏବଂ ସମୟୋପଯୋଗୀ ପଦକ୍ଷେପ ନେବାକୁ ପ୍ରଚଳିତ ବ୍ୟବସ୍ଥାକୁ ପରିବର୍ତ୍ତନ କରି ସ୍ଥାନୀୟ ଗ୍ରାମ ପଞ୍ଚାୟତମାନଙ୍କୁ ଏକ ନୂତନ ଦାୟିତ୍ୱ ଦେବାପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି, କାରଣ ସରପଞ୍ଚମାନେ ସମସ୍ତ ସ୍ଥାନୀୟ ପରିସ୍ଥିତି ସଂପର୍କରେ ପ୍ରତ୍ୟକ୍ଷଭାବେ ସଂଶ୍ଳିଷ୍ଟ ଏବଂ ଯଦି କୌଣସି ବ୍ୟକ୍ତି ପରିବାର ପ୍ରକୃତରେ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି ସେ ସଂପର୍କରେ ଗ୍ରାମ ପଞ୍ଚାୟତ ତୁରନ୍ତ ସୂଚନା ପାଇପାରୁଛି। ଏଥିପାଇଁ ନିମ୍ନଲିଖିତ ବ୍ୟବସ୍ଥାମାନ ପ୍ରଚଳନ କରାଯାଇଛି।

(କ) ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ସ୍ଥାନୀୟ ପ୍ରତିନିଧିମାନଙ୍କ ଜରିଆରେ ରୋଗଗ୍ରସ୍ତ ବ୍ୟକ୍ତି ତଥା ପରିବାରମାନଙ୍କର ସୂଚନା ସଂଗ୍ରହ କରିବେ ଏବଂ ପ୍ରକୃତ ପରିସ୍ଥିତି ସଂପର୍କରେ ସ୍ଥାନୀୟ ତଦନ୍ତ କରିବେ।

(ଖ) ଯଦି ସରପଞ୍ଚଙ୍କର ହୃଦବୋଧ ହେବ ଯେ ପ୍ରକୃତରେ କୌଣସି ବ୍ୟକ୍ତି ଖାଦ୍ୟାଭାବରେ ଅନାହାରର ସମ୍ମୁଖୀନ ହେଉଛନ୍ତି, ତାହାହେଲେ ସେମାନଙ୍କୁ ୧୦ ଦିନ ପର୍ଯ୍ୟନ୍ତ ଗ୍ରାଚୁଇଟସ୍ ରିଲିଫ୍ ମଞ୍ଜୁର କରିପାରିବେ। ଏଭଳି ସହାୟତା ଦେବା ପୂର୍ବରୁ ସଂପୃକ୍ତ ଓ୍ୱାର୍ଡମେମ୍ବର ଓ ଅନ୍ୟ ଦୁଇଜଣ ସ୍ଥାନୀୟ ବ୍ୟକ୍ତିଙ୍କ ଉପସ୍ଥିତିରେ ତଦନ୍ତ କରି ସଂଲଗ୍ନ ଫର୍ମରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଏକ ବିବରଣୀ ଲିପିବଦ୍ଧ କରିବାକୁ ପଡିବ। ଏଥିପାଇଁ ଜିଲ୍ଲାପାଳଙ୍କ ଠାରୁ ଅର୍ଥ ମଞ୍ଜୁର ହେବା ପର୍ଯ୍ୟନ୍ତ ଗ୍ରାମ ପାଣ୍ଠିରୁ ଆଗତୁରା ସରପଞ୍ଚମାନେ ଖର୍ଚ୍ଚ ବହନ କରିପାରିବେ।

(ଗ) ଯେଉଁ ବ୍ୟକ୍ତି ବା ପରିବାର ମାନଙ୍କ ପାଇଁ ଏଭଳି ସହାୟତା ସରପଞ୍ଚମାନେ ମଞ୍ଜୁର କରିବେ ସେ ସମ୍ପର୍କରେ ବିଡିଓମାନଙ୍କ ଜରିଆରେ ଜିଲ୍ଲାପାଳଙ୍କ ନିକଟକୁ ବିବରଣୀ ପ୍ରେରଣ ପାଇଁ ବ୍ୟବସ୍ଥା କରିବେ। ତାହାକୁ ଭିତ୍ତିକରି ଜିଲ୍ଲାପାଳ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅନୁମୋଦନ ଆଣି ଗଚ୍ଛିତ ପାଣ୍ଠିରୁ ଅର୍ଥ ପଞ୍ଚାୟତକୁ ଯୋଗାଇଦେବ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ତାହା ଭରଣ କରିବାପାଇଁ ଜଣାଇବେ। ସ୍ୱତନ୍ତ୍ର ରିଲିଫ କମିଶନର ମଧ୍ୟ ଆପତକାଳୀନ ରିଲିଫ ଫଣ୍ଡ କମିଟିର ଅନୁମୋଦନ ପ୍ରତ୍ୟାଶାକରି ଆବଶ୍ୟକ ସାହାଯ୍ୟ ଜିଲ୍ଲାପାଳଙ୍କୁ ଯୋଗାଇଦେବେ।

(ଘ) ୭ଦିନ ମଧ୍ୟରେ ସ୍ଥାନୀୟ ବିଡିଓ ସଂପୃକ୍ତ ବ୍ୟକ୍ତି/ପରିବାରମାନଙ୍କର ପରିସ୍ଥିତି ସଂପର୍କରେ ତଦନ୍ତକରି ଅଧିକ ସମୟ ପାଇଁ ସହାୟତା ଯୋଗାଇଦେବା ବିଷୟରେ ଉପଜିଲ୍ଲାପାଳଙ୍କୁ ସୁପାରିଶ କରିବେ ଏବଂ ଆବଶ୍ୟକ ସ୍ଥଳେ ୧୦ ଦିନରୁ ଅଧିକ ସମୟ ରିଲିଫ ଦେବାପାଇଁ ଦାୟିତ୍ୱ ନେବେ। ଏଭଳି କ୍ଷେତ୍ରରେ ଉପଜିଲ୍ଲାପାଳ ୪୫ଦିନ ପର୍ଯ୍ୟନ୍ତ ଏବଂ ଜିଲ୍ଲାପାଳ ୨ ମାସ ପର୍ଯ୍ୟନ୍ତ ଇଧ ମଞ୍ଜୁର କରିପାରିବେ। ଏଥିପାଇଁ ଯାହାଖର୍ଚ୍ଚ ହେବ, ତାହା ଗଚ୍ଛିତ ପାଣ୍ଠିରୁ ଜିଲ୍ଲାପାଳମାନେ ବହନ କରିବେ ଓ ସ୍ୱତନ୍ତ୍ର ରିଲିପ କମିଶନର ଏହି ଖର୍ଚ୍ଚ ବିଧିବଦ୍ଧ ଭାବେ ମଞ୍ଜୁରକରି ଭରଣା କରିବେ।

## ଅନାହାରରୁ ରକ୍ଷାପାଇବା ପାଇଁ ରିଲିଫ ବ୍ୟବସ୍ଥା

ସରପଞ୍ଚ: ୧୦ ଦିନ ପର୍ଯ୍ୟନ୍ତ
ଗୋଷ୍ଠୀ ଉନ୍ନୟନ ଅଧିକାରୀ: ୩୦ ଦିନପର୍ଯ୍ୟନ୍ତ
ଉପ ଜିଲ୍ଲାପାଳ: ୪୫ ଦିନ ପର୍ଯ୍ୟନ୍ତ
ଜିଲ୍ଲାପାଳ: ୬୦ ଦିନ ପର୍ଯ୍ୟନ୍ତ

ଉପରୋକ୍ତ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଦ୍ୱାରା ଅନାହାରଜନିତ ମୃତ୍ୟୁକୁ ଫଳପ୍ରଦ ଭାବେ ମୁକାବିଲା କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ବିଶ୍ୱାସ। ଓଡିଶା ରିଲିଫ କୋର୍ଡର ଧାରା-୧୭୦ରେ ମଧ ଗ୍ରାମପଞ୍ଚାୟତ ମାନଙ୍କୁ ହିତାଧିକାରୀଙ୍କୁ ଚିହ୍ନଟ କରିବା ଦାୟିତ୍ୱ ଦିଆଯାଇଛି। ଏହାଛଡା ଓଡିଶା ପଞ୍ଚାୟତ ଆଇନ ୧୯୯୪ ଧାରା- ୪୫ (ଜି) ରେ ମଧ ମରୁଡି ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିରେ ରିଲିଫ୍ ସମ୍ପର୍କୀୟ ଦାୟିତ୍ୱ ରାଜ୍ୟ ସରକାର ପଞ୍ଚାୟତମାନଙ୍କୁ ଦେଇପାରିବେ ବୋଲି ଉଲ୍ଲେଖ ଅଛି।




**ଅନାହାର ମୃତ୍ୟୁ ରୋକିବା ପାଇଁ, 'ପଞ୍ଚାୟତ' ହେବ ସେ ପାଇଁ ଦାୟୀ ।**

# ଓଡିଶା ପଞ୍ଚାୟତ ସମିତି ଆଇନ୍

**ଭା**ରତୀୟ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପଞ୍ଚାୟତ ସମିତି ଗୁଡିକ ରାଜ୍ୟରେ ପ୍ରଚଳିତ ତ୍ରି-ସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାର ମଧ୍ୟମସ୍ତର ଅଟେ । ଆମ ରାଜ୍ୟ ଓଡିଶାରେ ୩୧୪ଟି ପଞ୍ଚାୟତ ସମିତି ବା ବ୍ଲକ୍ ଅଛି । ପଞ୍ଚାୟତ ସମିତି ଗୁଡିକର ପ୍ରତିଷ୍ଠା, କ୍ଷମତା ଓ କାର୍ଯ୍ୟ ପରିସର ଇତ୍ୟାଦିକୁ ନେଇ ଆମ ରାଜ୍ୟରେ ୧୯୫୯ମସିହା ଓଡିଶା ପଞ୍ଚାୟତ ସମିତି ଆଇନ ପ୍ରଚଳିତ ଅଛି । ଏହି ଆଇନ୍‌ରେ ପ୍ରଦତ୍ତ କ୍ଷମତା ବଳରେ ରାଜ୍ୟ ସରକାର ପଞ୍ଚାୟତ ସମିତି କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ରାଜ୍ୟ ସରକାର କେତେଗୁଡିଏ ନିୟମ ପ୍ରଚଳନ କରିଛନ୍ତି । ଉକ୍ତ ନିୟମାବଳୀ ଗୁଡିକ ମଧ୍ୟରେ ଆୟ ବ୍ୟୟ ହିସାବ ପରିଚାଳନା ନିୟମାବଳୀ, ସ୍ଥାୟୀ କମିଟି ଗଠନ ନିୟମାବଳୀ ଓ ନିର୍ବାଚନ ନିୟମାବଳୀ ମୁଖ୍ୟ ଅଟେ ।

## ପଞ୍ଚାୟତ ସମିତି ଗଠନ

ଉପରୋକ୍ତ ଆଇନ୍‌ର ୧୫ଧାରାରେ ରାଜ୍ୟରେ ପଞ୍ଚାୟତ ସମିତି ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି । ପ୍ରତ୍ୟେକ ଜିଲ୍ଲାକୁ କେତେଗୁଡିଏ ସ୍ଥାନୀୟ ଅଞ୍ଚଳରେ ବିଭକ୍ତ କରି ପ୍ରତ୍ୟେକ ସ୍ଥାନୀୟ ଅଞ୍ଚଳକୁ ବ୍ଲକ୍ ରୂପେ ଏବଂ ପ୍ରଶାସନିକ ଦୃଷ୍ଟିରୁ କେତେଗୁଡିଏ ଗ୍ରାମ ପଞ୍ଚାୟତର ଭୌଗଳିକ ସୀମାକୁ ମିଶାଇ ଏକ ସ୍ଥାନୀୟ ଅଞ୍ଚଳ ରୂପେ ଘୋଷଣା କରାଯାଇଥାଏ ।

## କାର୍ଯ୍ୟକାଳ

ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ନିୟମିତ ନିର୍ବାଚନ କରିବା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ୭୩ ତମ ସମ୍ବିଧାନର ମୂଳ ଲକ୍ଷ୍ୟ । ପଞ୍ଚାୟତ ସମିତିର କାର୍ଯ୍ୟକାଳ ପାଞ୍ଚ ବର୍ଷ ଏବଂ ଏହି କାର୍ଯ୍ୟକାଳ ସୀମା ଅତିବାହିତ ହେବା ପୂର୍ବରୁ ନିର୍ବାଚନ ସରିଥିବା ଆବଶ୍ୟକ । ଉପରୋକ୍ତ ଆଇନର ୪୯ଧାରାରେ ଏପରି ବ୍ୟବସ୍ଥା ରଖାଯାଇଛି । କୌଣସି କ୍ଷେତ୍ରରେ ପଞ୍ଚାୟତ ସମିତିମାନଙ୍କୁ ତାଙ୍କ କାର୍ଯ୍ୟକାଳ ପୁରିବା ପୂର୍ବରୁ ବିଘଟନ କରାଯାଇ ପାରିବ ନାହିଁ । ରାଜ୍ୟରେ ଅବାଧ ଓ ମୁକ୍ତ ପଞ୍ଚାୟତ ନିର୍ବାଚନ କରିବା ପାଇଁ ସମ୍ବିଧାନର ୨୪୩ -କେ ଧାରାର ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ଏକ ନିର୍ବାଚନ କମିଶନ ଗଠନ କରାଯାଇଛି । ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଦାୟିତ୍ୱ ଏବଂ କ୍ଷମତା ନିର୍ବାଚନ କମିଶନଙ୍କ ହସ୍ତରେ ଅର୍ପଣ କରାଯାଇଛି ।

## କ୍ଷମତା ଓ କାର୍ଯ୍ୟ

ପଞ୍ଚାୟତ ସମିତି ୨୦ (୧) ଧାରାରେ ପଞ୍ଚାୟତ ସମିତି ମାନଙ୍କର କ୍ଷମତା ଓ କାର୍ଯ୍ୟ ପରିସର ଲିପିବଦ୍ଧ ହୋଇଛି । ଏହାଛଡା ଆବଶ୍ୟକ ସ୍ଥଳେ ପଞ୍ଚାୟତ ସମିତି ଦ୍ୱାରା ସମ୍ପାଦିତ ହେବା ପାଇଁ ଯେଉଁ ଯୋଜନା ଗୁଡିକ ରାଜ୍ୟ ସରକାର ନିର୍ଦ୍ଦେଶ ଦେବେ, ତାହା ପଞ୍ଚାୟତ ସମିତିମାନେ ସମ୍ପାଦିତ କରିପାରିବେ ।

## ପ୍ରଶାସନିକ ବ୍ୟବସ୍ଥା

ପଞ୍ଚାୟତ ସମିତି ଆଇନ୍‌ର ୧୯ ଧାରାରେ ପଞ୍ଚାୟତ ସମିତିର ଅଧକ୍ଷଙ୍କ ଉପରେ ପଞ୍ଚାୟତ ସମିତିର ସମସ୍ତ କାର୍ଯ୍ୟକାରୀ କ୍ଷମତା ନ୍ୟସ୍ତ ଅଟେ। ପ୍ରତ୍ୟେକ ପଞ୍ଚାୟତ ସମିତି ପାଇଁ ଜଣେ ଲେଖାଏଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତି ହୋଇଥାନ୍ତି। ଏମାନଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁହାଯାଏ। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ପଞ୍ଚାୟତ ସମିତି ଅଧକ୍ଷଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରିବେ।

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖକରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସହାୟତା ପାଇଁ ବିଭିନ୍ନ ବିଭାଗ ତରଫରୁ ସମ୍ପ୍ରସାରଣ ଅଧିକାରୀମାନେ ନିଯୁକ୍ତି ହୋଇଥାନ୍ତି ଏବଂ ପ୍ରତ୍ୟେକ ବ୍ଲକ୍‌ରେ କେତେ ଜଣ ଗ୍ରାମ ସେବକ ମଧ ନିଯୁକ୍ତି ହୋଇଥାନ୍ତି। ପଞ୍ଚାୟତ ସମିତି ସମ୍ବନ୍ଧରେ ସମ୍ପାଦିତ ହେଉଥିବା ସମସ୍ତ ଦଲିଲ ବା ଚୁକ୍ତି ପତ୍ର ସଂବନ୍ଧୀୟ କାର୍ଯ୍ୟ ଏବଂ ସମସ୍ତ ପ୍ରକାର ନେଣ ଦେଣ ପଞ୍ଚାୟତ ସମିତି ନାମରେ ହିଁ ସମ୍ପାଦିତ ହେବ। ପଞ୍ଚାୟତ ସମିତି ମାଧମରେ ସମ୍ପାଦିତ ହେଉଥିବା ସମସ୍ତ କାର୍ଯ୍ୟ ସମ୍ପାଦନ ପୂର୍ବରୁ ପଞ୍ଚାୟତ ସମିତିର ଅନୁମୋଦନ ଆବଶ୍ୟକ। ଆବଶ୍ୟକ ସ୍ଥଳେ ସମିତିର ଅଧକ୍ଷ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇ ପାରିବେ ଏବଂ ଉକ୍ତ ନିର୍ଦ୍ଦେଶକୁ ପରବର୍ତ୍ତୀ ବୈଠକରେ ଅନୁମୋଦନ କରାଇବେ। ପଞ୍ଚାୟତ ସମିତି ସମ୍ପର୍କରେ ସମିତିର ଅଧକ୍ଷ ଦେଇଥିବା ସମସ୍ତ ନିର୍ଦ୍ଦେଶନାମା ଗୋଷ୍ଠୀଉନ୍ନୟନ ଅଧିକାରୀ ମାନିବାକୁ ବାଧ ଅଟନ୍ତି। କିନ୍ତୁ ଯଦି କୌଣସି ନିର୍ଦ୍ଦେଶନାମା ବା ପଞ୍ଚାୟତ ସମିତିର ପ୍ରସ୍ତାବ ପଞ୍ଚାୟତ ସମିତି ଆଇନ୍‌ର ବିରୁଦ୍ଧାଚରଣ କରେ ସେପରି କ୍ଷେତ୍ରରେ ଜିଲ୍ଲାପାଳ ଉପରୋକ୍ତ ନିର୍ଦ୍ଦେଶ ପ୍ରସ୍ତାବର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିପାରିବେ।

ପଞ୍ଚାୟତ ସମିତିର ସମସ୍ତ ଆୟ -ବ୍ୟୟ ପଞ୍ଚାୟତ ସମିତି ପାଣ୍ଠି ମାଧମରେ ହିଁ ହେବ। ଏହାଛଡା ଅନ୍ୟ କୌଣସି ପାଣ୍ଠିର ଟଙ୍କା ଗୋଷ୍ଠୀ ଉନ୍ନୟନ  ଅଧିକାରୀ ବ୍ୟବହାର ବା ଖର୍ଚ୍ଚ କରିପାରିବେ ନାହିଁ। ପଞ୍ଚାୟତ ସମିତି ପାଣ୍ଠି ଅଧକ୍ଷ, ଉପାଧକ୍ଷ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମିଳିତ ସ୍ୱାକ୍ଷରରେ ହିଁ ଚାଲୁ ରହିବ। ପଞ୍ଚାୟତ ସମିତି ହିସାବ ନିକାଶ ପ୍ରଣାଳୀ ନିୟମାବଳୀରେ ପଞ୍ଚାୟତ ସମିତି ପାଣ୍ଠିର ତଦାରଖ ଏବଂ ବିନିଯୋଗ ପାଇଁ ବିସ୍ତୃତ ନିୟମ ଉଲ୍ଲେଖ ଅଛି। ନିୟମ ୧୧୬ରେ ଥିବା ବ୍ୟବସ୍ଥା ଅନୁଯାୟୀ ସମିତିର ଅଧକ୍ଷ, ଯେ କୌଣସି ବିଲର ଦେୟକୁ ଅଗ୍ରାହ୍ୟ କରି ପାରିବେ ବା କୌଣସି ବିଲ୍‌ର ଦେୟ ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ। ଏଣୁ ପଞ୍ଚାୟତ ସମିତି ପାଣ୍ଠିରୁ ଖର୍ଚ୍ଚ ହେବାକୁ ଥିବା ପ୍ରତ୍ୟେକ ବିଲ୍ ତାହାର ପରିମାଣ ଯେତେ ହେଉନା କାହିଁକି, ପୈଠ ହେବା ପୂର୍ବରୁ ଅଧକ୍ଷଙ୍କ ଅନୁମୋଦନ ଆବଶ୍ୟକ। ପଞ୍ଚାୟତ ସମିତି ଅଧକ୍ଷଙ୍କ ବିନାନୁମୋଦନରେ ପଞ୍ଚାୟତ ସମିତି ପାଣ୍ଠିରୁ ପଇସାଟିଏ ମଧ ଖର୍ଚ୍ଚ ହୋଇପାରିବ ନାହିଁ। ୧୯୯୫ ମସିହାରେ ହିସାବ ନିକାଶ ନିୟମାବଳୀରେ ଏକ ସଂଶୋଧନ କରାଯାଇ ପଞ୍ଚାୟତ ସମିତି ପାଣ୍ଠିରୁ ଅର୍ଥ ଉଠାଣ ପୂର୍ବରୁ ପଞ୍ଚାୟତ ସମିତିର ଅନୁମୋଦନ ନିତାନ୍ତ ଆବଶ୍ୟକ। ଟଙ୍କା ଉଠାଣ ବେଳେ ଅଧକ୍ଷ, ଉପାଧକ୍ଷ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ଉପାଧକ୍ଷଙ୍କ ଜରିଆରେ ଅଧକ୍ଷଙ୍କଠାରେ ଉପସ୍ଥାପନ କରିବେ। ଅଧକ୍ଷଙ୍କ ଅନୁମୋଦନ ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂପୃକ୍ତ ବିଲ୍‌ରେ ପ୍ରାପ୍ୟ ନିର୍ଦ୍ଦେଶରେ ଦସ୍ତଖତ କରିବେ। ଏହି ସମୟରେ ଯଦି ବିଲ୍‌ଟିର ପରିମାଣ ୧୫,୦୦୦/-ଟଙ୍କାରୁ ଉର୍ଦ୍ଧ୍ୱ ହୁଏ. ତେବେ ନଥିଟିକୁ ପୁନର୍ବାର ଅଧକ୍ଷଙ୍କ ଠାରେ ବିଲ୍‌ରେ ପ୍ରତି ସ୍ୱାକ୍ଷର କରିବା ପାଇଁ ଉପସ୍ଥାପନ କରିବେ। ବିଲ୍‌ଟିରେ ଅଧକ୍ଷ ପ୍ରତି ସ୍ୱାକ୍ଷର କଲାପରେ ଟଙ୍କା ଉଠାଣ ପାଇଁ ଉପରୋକ୍ତ ନିୟମ ପ୍ରକାରେ ପଦକ୍ଷେପ ନେବେ। ବିଲ୍‌ରେ ଉପାଧକ୍ଷଙ୍କର ପ୍ରତିସ୍ୱାକ୍ଷର ଆବଶ୍ୟକତା ନାହିଁ।

## ସମିତି ସଭ୍ୟମାନଙ୍କର କ୍ଷମତା

ପଞ୍ଚାୟତସମିତି ବୈଠକରେ ସମିତି ସଭ୍ୟମାନଙ୍କର ଭୋଟ ଦାନର ଅଧିକାର ଅଛି। ପଞ୍ଚାୟତ ସମିତି ସଭ୍ୟ/ସଭ୍ୟାମାନେ ସ୍ଥାୟୀ କମିଟିର ସଦସ୍ୟ ଅଟନ୍ତି ଏବଂ ସେମାନେ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଆଗତ କରିପାରିବେ ଏବଂ ସମିତିର

କାର୍ଯ୍ୟାବଳୀ ସମ୍ପର୍କରେ ପ୍ରଶ୍ନ କରିପାରିବେ। ସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବୈଠକରେ ଭାଗ ନେଇ ଭୋଟ ଦାନ କରିପାରିବେ। ପଞ୍ଚାୟତ ସମିତି ଆଇନ୍‌ର ବ୍ୟବସ୍ଥା ଅନୁସାରେ ପଞ୍ଚାୟତ ସମିତିରେ ସମିତି ସଭ୍ୟଙ୍କ ବ୍ୟତୀତ, ବିଧାନସଭା ତଥା ଲୋକସଭା ସଦସ୍ୟମାନେ ମଧ୍ୟ ସଭ୍ୟ ଅଟନ୍ତି। ସମସ୍ତଙ୍କର ଭୋଟ ଦାନର ଅଧିକାର ଅଛି, କିନ୍ତୁ ସମିତିର ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ନିର୍ବାଚନରେ କେବଳ ସମିତି ସଭ୍ୟମାନେ ହିଁ ଅଂଶଗ୍ରହଣ କରିପାରିବେ।

## ସ୍ଥାୟୀ କମିଟି ଗଠନ

ପ୍ରତ୍ୟେକ ପଞ୍ଚାୟତ ସମିତି କାର୍ଯ୍ୟର ସୁପରିଚାଳନା ପାଇଁ ନିମ୍ନୋକ୍ତ ସାତଗୋଟି ସ୍ଥାୟୀ କମିଟି ଗଠନ କରାଯିବ।

୧. ଯୋଜନା, ଅର୍ଥ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ସମନ୍ୱୟ ସ୍ଥାୟୀ କମିଟି

୨. କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଫଳଚାଷ, ଜଳଛାୟା ଉନ୍ନୟନ ଓ ମତ୍ସ୍ୟସ୍ଥାୟୀ କମିଟି

୩. ନିର୍ମାଣ, ଜଳସେଚନ, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ପରିମଳ ସ୍ଥାୟୀ କମିଟି

୪. ସ୍ୱାସ୍ଥ୍ୟ ସାମାଜିକ କଲ୍ୟାଣ ସମେତ ମହିଳା ଓ ଶିଶୁ କଲ୍ୟାଣ ସ୍ଥାୟୀ କମିଟି


୫. ସାଧାରଣ ବଣ୍ଟନ ବ୍ୟବସ୍ଥା, ଦୁର୍ବଳ ଶ୍ରେଣୀର କଲ୍ୟାଣ, ଜଙ୍ଗଲ, ଇନ୍ଧନ ଓ ଗୋଖାଦ୍ୟ ସ୍ଥାୟୀ କମିଟି

୬. ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ ଓ ଗ୍ରାମ୍ୟ ନିର୍ମାଣ ସ୍ଥାୟୀ କମିଟି

୭. ଶିକ୍ଷା, କ୍ରୀଡା ଓ ସାଂସ୍କୃତିକ ସ୍ଥାୟୀ କମିଟି।

## ଅନ୍ୟାନ୍ୟ

ଯଦି କୌଣସି ସମିତି ସଭ୍ୟ କ୍ରମାଗତ ଭାବେ ପଞ୍ଚାୟତ ସମିତିର ତିନିଗୋଟି ସାଧାରଣ ବୈଠକରେ ଉପସ୍ଥିତ ନ ହୁଅନ୍ତି, ତେବେ ସେ ତାଙ୍କ ପଦବୀ ହରାଇବେ।



# ଓଡିଶା ଜିଲ୍ଲା ପରିଷଦ ଆଇନ୍

**ସା**ମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ରାଜ୍ୟରେ ପ୍ରଚଳିତ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଜିଲ୍ଲା ସ୍ତରୀୟ ପଞ୍ଚାୟତକୁ ଜିଲ୍ଲା ପରିଷଦ କୁହାଯାଏ। ଆମ ରାଜ୍ୟରେ ପ୍ରତି ଜିଲ୍ଲାପାଇଁ ଗୋଟିଏ ଜିଲ୍ଲା ପରିଷଦ ଗଠିତ ହୋଇଅଛି। ଜିଲ୍ଲାପରିଷଦର ଗଠନ, କ୍ଷମତା, କାର୍ଯ୍ୟପରିସର ତଥା ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବାପାଇଁ ୧୯୮୧ ମସିହାରେ ଓଡିଶାରେ ଜିଲ୍ଲା ପରିଷଦ ଆଇନ୍ ପ୍ରଣୀତ ହୋଇଛି। ଜିଲ୍ଲା ପରିଷଦ ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର କେତେ ଗୁଡିଏ ନିୟମାବଳୀ ପ୍ରଣୟନ କରିଛନ୍ତି। ତନ୍ମଧ୍ୟରୁ ଜିଲ୍ଲା ପରିଷଦ ନିର୍ବାଚନ ନିୟମାବଳୀ, ଜିଲ୍ଲା ପରିଷଦ ସ୍ଥାୟୀ କମିଟି ଗଠନ ନିୟମାବଳୀ ଏବଂ ଜିଲ୍ଲା ପରିଷଦ ବୈଠକରେ କାର୍ଯ୍ୟ ପରିଚାଳନା ନିୟମାବଳୀ ମୁଖ୍ୟ ଅଟେ।

## ଜିଲ୍ଲା ପରିଷଦ ଗଠନ

ଜିଲ୍ଲା ପରିଷଦ ଆଇନ୍‌ର ଧାରା ୩ରେ ରାଜ୍ୟରେ ଜିଲ୍ଲା ପରିଷଦ ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ କ୍ଷମତା ଦିଆଯାଇଛି। ଆମ ରାଜ୍ୟରେ ଉପରୋକ୍ତ ଆଇନ ବଳରେ ୧୯୯୪ ମସିହାରେ ପ୍ରତ୍ୟେକ ଜିଲ୍ଲାପାଇଁ ଜିଲ୍ଲା ପରିଷଦ ଗଠନ କରାଯାଇଛି। ତେବେ ଜିଲ୍ଲାରେ ଥିବା ପୌରାଞ୍ଚଳ ବା ଯେଉଁ ଅଞ୍ଚଳ ଗୁଡିକରେ ସୈନ୍ୟ ଛାଉଣୀ ଗଠନ ଆଇନ୍ ଲାଗୁ ହେଉଥିବ, ସେପରି ଅଞ୍ଚଳଗୁଡିକ ଜିଲ୍ଲା ପରିଷଦର ପରିସର ଭୁକ୍ତ ନୁହେଁ।

## ନିର୍ବାଚନ ମଣ୍ଡଳୀ ଗଠନ, ନିର୍ବାଚନ ଓ ସ୍ଥାନ ସଂରକ୍ଷଣ

ସାମ୍ବିଧାନିକ ବ୍ୟବସ୍ଥା ତଥା ଜିଲ୍ଲା ପରିଷଦ ଆଇନ୍‌ର ବ୍ୟବସ୍ଥା ଅନୁସାରେ ଜିଲ୍ଲା ପରିଷଦ ଅଞ୍ଚଳକୁ ଜନସଂଖ୍ୟା ଭିତ୍ତିରେ କେତେଗୁଡିଏ ନିର୍ବାଚନମଣ୍ଡଳୀରେ ବିଭକ୍ତ କରାଯାଏ। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ୪୦ ହଜାର ବା ଏହାର ଅଂଶ ବିଶେଷ ଅଟେ। ନିର୍ବାଚନମଣ୍ଡଳୀ ଗୁଡିକୁ ଜିଲ୍ଲାପାଳମାନେ ଗଠନ କରନ୍ତି। ଜନସଂଖ୍ୟା ଅନୁପାତରେ ଆଦିବାସୀ ଓ ହରିଜନମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯାଇଥାଏ। ଏହାଛଡା ମୋଟ ଆସନର ଶତକଡା ୨୭ଭାଗ ପଛୁଆବର୍ଗ ଜାତିଙ୍କ ପାଇଁ ସଂରକ୍ଷଣ କରାଯାଏ। ମହିଳାମାନଙ୍କ କ୍ଷେତ୍ରରେ ମୋଟ ଆସନର ଏକ ତୃତୀୟାଂଶ ସଂରକ୍ଷଣ କରାଯାଏ।

ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କରେ ନିୟମିତ ନିର୍ବାଚନ କରିବା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ କ୍ଷମତା ହସ୍ତାନ୍ତର କରିବା ୭୩ତମ ସମ୍ବିଧାନ ସଂଶୋଧନର ମୂଳ ଲକ୍ଷ୍ୟ। ଜିଲ୍ଲା ପରିଷଦର କାର୍ଯ୍ୟକାଳ ୫ବର୍ଷ ଏବଂ ଏହି କାର୍ଯ୍ୟକାଳ ସୀମା ଅତିବାହିତ ହେବା ପୂର୍ବରୁ ନିର୍ବାଚନ ସରିଥିବା ଆବଶ୍ୟକ। ଉପରୋକ୍ତ ଆଇନ୍‌ର ୭ଧାରାରେ ଏପରି ବ୍ୟବସ୍ଥା ରଖାଯାଇଛି। କୌଣସି କ୍ଷେତ୍ରରେ କାର୍ଯ୍ୟକାଳ ସରିବା ପୂର୍ବରୁ ଜିଲ୍ଲା ପରିଷଦମାନଙ୍କୁ ବିଘଟନ କରାଯାଇ ପାରିବ ନାହିଁ। ରାଜ୍ୟରେ ଅବାଧ ଓ ମୁକ୍ତ ନିର୍ବାଚନ କରିବା ପାଇଁ ସମ୍ବିଧାନର ୨୪୩ (କେ) ଧାରାରେ ଏକ ନିର୍ବାଚନ କମିଶନ ଗଠନ କରିବା ପାଇଁ ବ୍ୟବସ୍ଥା ଅଛି। ଆମ ରାଜ୍ୟରେ ନିର୍ବାଚନ କମିଶନ ଗଠନ କରାଯାଇଛି। ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଦାୟିତ୍ୱ ଏବଂ କ୍ଷମତା ନିର୍ବାଚନ ଆୟୋଗଙ୍କ ହସ୍ତରେ ଅର୍ପଣ କରାଯାଇଛି।

## ଜିଲ୍ଲା ପରିଷଦର କ୍ଷମତା ଏବଂ ଦାୟିତ୍ୱ

ସମ୍ବିଧାନର ୨୪୩ (ଜି) ଧାରା ରେ ଥିବା ବ୍ୟବସ୍ଥା ଅନୁଯାୟୀ, ଜିଲ୍ଲାପରିଷଦମାନେ ଏକ ସ୍ୱାୟତ୍ତଶାସନ ସଂସ୍ଥା ଅଟନ୍ତି। ଏମାନଙ୍କ କ୍ଷମତା ଏବଂ କାର୍ଯ୍ୟ ପରିସର ସଂବିଧାନର ୮୧ଅନୁସୂଚୀରେ ଲିପିବଦ୍ଧ ହେବା ସଙ୍ଗେ ସଙ୍ଗେ ଜିଲ୍ଲା ପରିଷଦ ଆଇନର ୩ (୩) ଧାରାରେ ଲିପିବଦ୍ଧ ହୋଇଅଛି।

## ପ୍ରଶାସନିକ ବ୍ୟବସ୍ଥା

ଉପରୋକ୍ତ ଆଇନ୍‌ର ୯ଧାରାରେ ଜିଲ୍ଲା ପରିଷଦର ସଭାପତିଙ୍କ ଉପରେ ଜିଲ୍ଲା ପରିଷଦର ସମସ୍ତ କାର୍ଯ୍ୟକାରୀ କ୍ଷମତା ନ୍ୟସ୍ତ ଅଟେ। ଜିଲ୍ଲାପାଳ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଡି.ଆର.ଡି.ଏର ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ପରିଷଦର ସଚିବ ଅଟନ୍ତି।

ଜିଲ୍ଲା ପରିଷଦ ସମ୍ବନ୍ଧରେ ସଂପାଦିତ ହେଉଥିବା ସମସ୍ତ ଦଲିଲ ବା ଚୁକ୍ତିପତ୍ରର ସମସ୍ତ ପ୍ରକାର କାର୍ଯ୍ୟ ଏବଂ ସମସ୍ତ ପ୍ରକାର ନେଣ ଦେଣ ଜିଲ୍ଲା ପରିଷଦ ନାମରେ ହିଁ ସମ୍ପାଦିତ ହେବ। ପରିଷଦର ସଭାପତି ଡି.ଆର.ଡି.ଏ.ର ଅଧ୍ୟକ୍ଷ ଅଟନ୍ତି। ପରିଷଦରେ ସମ୍ପାଦିତ ହେଉଥିବା ସମସ୍ତ କାର୍ଯ୍ୟ ପାଇଁ ପରିଷଦର ଅନୁମୋଦନ ଆବଶ୍ୟକ। ତେବେ ଆବଶ୍ୟକ ସ୍ଥଳେ ସଭାପତି ପରିଷଦର ଅନୁମୋଦନ ପ୍ରତ୍ୟାଶା କରି କୌଣସି କାର୍ଯ୍ୟର ସମ୍ପାଦନ ପାଇଁ ନିର୍ଦ୍ଦେଶ ଦେଇପାରିବେ। କିନ୍ତୁ ଯଦି କୌଣସି ନିର୍ଦ୍ଦେଶନାମା ବା ପରିଷଦରେ ଗୃହୀତ ହୋଇଥିବା ପ୍ରସ୍ତାବ ଜିଲ୍ଲାପରିଷଦ ଆଇନ୍‌ର ବିରୁଦ୍ଧାଚରଣ କରେ, ସେ କ୍ଷେତ୍ରରେ ସେପରି ନିର୍ଦ୍ଦେଶନାମା ବା ପ୍ରସ୍ତାବକୁ ରାଜ୍ୟ ସରକାର ବାତିଲ କରିପାରିବେ। ପରିଷଦର ସମସ୍ତ ଆୟ ବ୍ୟୟ ଜିଲ୍ଲା ପରିଷଦ ପାଣ୍ଠି ମାଧ୍ୟମରେ ହିଁ ହେବ। ଏଥିପାଇଁ ଜିଲ୍ଲା ପରିଷଦର ସଚିବଙ୍କୁ ନେଣ ଦେଣର କ୍ଷମତା ପ୍ରଦାନ କରାଯାଇଅଛି।

## ପରିଷଦ ସଭ୍ୟମାନଙ୍କ କ୍ଷମତା

ପରିଷଦ ବୈଠକରେ ପରିଷଦ ସଭ୍ୟମାନଙ୍କର ଭୋଟ ଦାନର ଅଧିକାର ଅଛି। ଏହାଛଡା ସଭ୍ୟମାନେ ସ୍ଥାୟୀ କମିଟିର ସଦସ୍ୟ ଅଟନ୍ତି। ପରିଷଦ ବୈଠକରେ ସଭ୍ୟମାନେ ପ୍ରସ୍ତାବ ଆଗତ କରିପାରିବେ ଏବଂ ପରିଷଦର କାର୍ଯ୍ୟାବଳୀ ସମ୍ପର୍କରେ ପ୍ରଶ୍ନ କରିପାରିବେ। ପରିଷଦର ସଭାପତି ବା ଉପସଭାପତିଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବୈଠକରେ ଭାଗନେଇ ଭୋଟଦାନ କରିପାରିବେ। ଜିଲ୍ଲା ପରିଷଦ ଆଇନ୍ ତଥା ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଜିଲ୍ଲା ପରିଷଦରେ ପରିଷଦ ସଭ୍ୟଙ୍କ ବ୍ୟତୀତ ବିଧାନ ସଭା ତଥା ପାର୍ଲାମେଣ୍ଟ ସଦସ୍ୟମାନେ ମଧ୍ୟ ସଭ୍ୟ ଅଟନ୍ତି। ସମସ୍ତଙ୍କର ଭୋଟଦାନର ଅଧୀକାର ଅଛି, କିନ୍ତୁ ପରିଷଦର ସଭାପତି ଓ ଉପସଭାପତି ନିର୍ବାଚନରେ କେବଳ ପରିଷଦର ନିର୍ବାଚିତ ସଭ୍ୟମାନେହିଁ ଅଂଶ ଗ୍ରହଣ କରିପାରିବେ।

## ଅନ୍ୟାନ୍ୟ

ପଞ୍ଚାୟତ ସମିତି ଭଳି ଜିଲ୍ଲାପରିଷଦର ସାଧାରଣ ବୈଠକରେ ଯଦି କୌଣସି ପରିଷଦ ସଭ୍ୟ କ୍ରମାଗତ ଭାବେ ପରିଷଦର ୩ଗୋଟି ସାଧାରଣ ବୈଠକରେ ଉପସ୍ଥିତ ନ ହୁଅନ୍ତି, ତେବେ ସେ ତାଙ୍କ ସଭ୍ୟପଦବୀ ହରାଇବାର ନିୟମ ରହିଛି।

# ରାଜ୍ୟ ଅର୍ଥ କମିଶନ

୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ ଅନୁସାରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ଅର୍ଥ କମିଶନ ଗଠନ କରିବାର ନିୟମ ପ୍ରଣୟନ କରାଯାଇଛି। ଏହି କମିଶନ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡ଼ିକର ଆର୍ଥିକ ସ୍ଥିତି ଉପରେ ସମୀକ୍ଷା କରିବା ସହିତ ଏହି ସବୁ ଅନୁଷ୍ଠାନ ଗୁଡ଼ିକର ଆର୍ଥିକ ସ୍ରୋତର ଦିଗଗୁଡ଼ିକ ବିଷୟରେ ସରକାରଙ୍କୁ ସୁପାରିଶ ଦେବେ। ଏଥିସହ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡ଼ିକ କିଭଳି ନିଜସ୍ୱ ଆୟ ବୃଦ୍ଧି କରିପାରିବେ ସେ ବିଷୟରେ ମଧ୍ୟ ସୁପାରିଶ କରିପାରିବେ।

## କମିଶନ୍‌ର ସଦସ୍ୟ ଏବଂ ଚେୟାରମ୍ୟାନ୍

(୧) କମିଶନ୍‌ରେ ପାଞ୍ଚଜଣ ସଦସ୍ୟଙ୍କ ସହିତ ଜଣେ ଚେୟାରମ୍ୟାନ ରହିବେ:

(୨) ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରାଯିବ:

(୩) କମିଶନର ଚେୟାରମ୍ୟାନ୍ ଏବଂ ସଦସ୍ୟ ମାନଙ୍କର କାର୍ଯ୍ୟାଳୟ ଅବୈତନିକ ହେବ:

ଉଲ୍ଲେଖ ଥାଉ ଯେ, ଚେୟାରମ୍ୟାନ୍ ଏବଂ ସଦସ୍ୟମାନେ ଏପରି ଅବୈତନିକ ବେତନ ପାଇବେ, ଯେପରି ସରକାର, ସମୟାନୁକ୍ରମେ, ସ୍ଥିର କରିବେ।

(୪) କମିଶନର ଚେୟାରମ୍ୟାନ୍ ଏବଂ ସଦସ୍ୟମାନେ ଏପରି ଅବୈତନିକ ବେତନ ପାଇବେ, ଯେପରି ସରକାର, ସମୟାନୁକ୍ରମେ, ସ୍ଥିର କରିବେ।

## କମିଶନ୍‌ଙ୍କ କାର୍ଯ୍ୟାବଳୀ

ଏହାର ଗଠନ ତାରିଖରୁ କମିଶନ୍‌ଙ୍କ କାର୍ଯ୍ୟକାଳ ପାଞ୍ଚବର୍ଷ ପର୍ଯ୍ୟନ୍ତ ହେବ।

## କମିଶନ୍‌ଙ୍କ କାର୍ଯ୍ୟକଳାପ

(୧) କମିଶନ୍, ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଦୈନିକ ଆୟ ଏବଂ ବ୍ୟୟକୁ ବିଚାର କରି, ରାଜ୍ୟ ସରକାରଙ୍କୁ ଏ ସମ୍ବନ୍ଧରେ ନିମ୍ନାନୁଯାୟୀ ଆବଶ୍ୟକ ସୁପାରିଶ ପ୍ରଦାନ କରିବେ:

(କ) ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ନିମନ୍ତେ ସରକାରଙ୍କଠାରୁ ଆବଶ୍ୟକ ସାହାଯ୍ୟର ରୂପରେଖ:

(ଖ) ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକ ପ୍ରତି ସରକାରଙ୍କଠାରୁ ମିଳୁଥିବା ମଞ୍ଜୁରୀ ସାହାଯ୍ୟ, କେଉଁ ନୀତି ଦ୍ୱାରା ପରିଚାଳିତ ହେବ:

(ଗ) କର ଏବଂ ଶୁଳ୍କଧାର୍ଯ୍ୟ କରିବା ବା ଉଠାଇବା ସହିତ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସୁସ୍ଥ ଅର୍ଥନୈତିକ ସ୍ଥିତି ରକ୍ଷା କରିବା ନିମନ୍ତେ କେଉଁ ପ୍ରକାର ପଦକ୍ଷେପ ଆବଶ୍ୟକ:

(ଘ) ସେମାନଙ୍କର କ୍ଷମତା ଏବଂ କାର୍ଯ୍ୟକୁ ସୂଚାରୁରୂପେ ସଂପାଦନ କରିବାକୁ ସେମାନଙ୍କୁ ସକ୍ଷମ କରିବା ନିମନ୍ତେ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ନିମନ୍ତେ ଏକ ସୁସ୍ଥ ଅର୍ଥନୈତିକ ଭିତ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ, ଅନ୍ୟାନ୍ୟ ବିଷୟ।

(୨) ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର କମିଶନଙ୍କ ଦ୍ୱାରା, ଅର୍ଥନୈତିକ ସ୍ଥିତିକୁ ପୁନଃବିଚାର କରିବା ନିମନ୍ତେ ସୁବିଧା ଯୋଗାଇ ଦେବା ଉଦେଶ୍ୟରେ, ଗ୍ରାମପଞ୍ଚାୟତର ନିର୍ଦ୍ଦେଶକ, କମିଶନଙ୍କ ନିକଟରେ ଏପରି ନଥିପତ୍ର ଉପସ୍ଥାପନ କରିବେ ବା କରାଇବେ, ଯାହା କମିଶନ, ସମୟାନୁକ୍ରମେ ଆବଶ୍ୟକ କରିବେ।

ଓଡିଶାର ପ୍ରଥମ ରାଜ୍ୟ ଅର୍ଥ କମିଶନ ୧୯୯୬ ମସିହା ନଭେମ୍ବର ମାସ ୨୧ ତାରିଖରେ ଜଷ୍ଟିସ୍ ଏସ୍. କେ. ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କରାଯାଇଥିଲା। ପ୍ରଥମ ଅର୍ଥ କମିଶନ ତାର କାର୍ଯ୍ୟକାଳ ପରିସମାପ୍ତି କରିବା ପୂର୍ବରୁ ଏହାର ସଭାପତି ପଦତ୍ୟାଗ କରିବାରୁ ରାଜ୍ୟସରକାର ସମ୍ବିଧାନ ବ୍ୟବସ୍ଥାକୁ ସମ୍ମାନ ପ୍ରଦର୍ଶନ କରି ପୁନରାୟ ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ବୈଦ୍ୟନାଥ ମିଶ୍ରଙ୍କ ଅଧକ୍ଷତାରେ ୧୯୯୮ ମସିହା ଅଗଷ୍ଟ ୨୪ ତାରିଖରେ କମିଶନକୁ ପୁନର୍ଃଗଠନ କଲେ। ୧୯୯୮ ମସିହାରେ ରାଜ୍ୟର ପ୍ରଥମ ଅର୍ଥ କମିଶନ ତାଙ୍କର ସୁପାରିଶ ଦେଇଥିଲେ ଏବଂ ରାଜ୍ୟ ସରକାରଙ୍କଦ୍ୱାରା ଅନୁଶୀଳନ ରିପୋର୍ଟ ରାଜ୍ୟ ବିଧାନସଭାରେ ଜାନୁୟାରୀ ୧୯୯୯ ମସିହାରେ ଉପସ୍ଥାପିତ କରାଯାଇଥିଲା। ତନ୍ମଧ୍ୟରୁ ସେସ୍ ବାବଦରେ ୧୯୯୬-୯୭ ମସିହା ପର୍ଯ୍ୟନ୍ତ ପୂର୍ବ ବକୟା ବାବଦ ୧୯୦୩ ଲକ୍ଷ ଟଙ୍କା ଏବଂ ୧୯୯୮-୯୯ ମସିହାଠାରୁ ୨୦୦୨-୨୦୦୩ ପର୍ଯ୍ୟନ୍ତ ପ୍ରତିବର୍ଷ ସାଧାରଣ ଭାବେ ୫୩୩.୫୯ଲକ୍ଷ ଟଙ୍କା, କେନ୍ଦୁପତ୍ର ବାବଦ ୧୯୮୪-୮୫ରୁ ୧୯୮୯-୯୦ ମସିହା ପର୍ଯ୍ୟନ୍ତ ୬୮.୫୪ କୋଟି ଟଙ୍କା ଏବଂ ୧୯୯୮-୯୦ ଠାରୁ ୨୦୦୨-୦୩ ପର୍ଯ୍ୟନ୍ତ ପ୍ରତିବର୍ଷ ୯.୫୦କୋଟି ଟଙ୍କା, ଆମୋଦ ପ୍ରମୋଦ କର ବାବଦ ପୌର ଓ ପଞ୍ଚାୟତ ଅନୁଷ୍ଠାନଗୁଡିକୁ ଯଥାକ୍ରମେ ୪୪.୮୫ ଲକ୍ଷ ଓ ୧୩.୪୦ଲକ୍ଷ ଦେବା ପାଇଁ ସୁପାରିଶ କରାଯାଇଥିଲା। ଏହାଛଡା ଷ୍ଟାମ୍ପ ଡିଉଟି, ଗୃହ ଟିକସ, ବୃତ୍ତିସେବା ଟିକସ, ଅବକ୍ରାଇ, ମୋଟର ଯାନ ଟିକସ, ସଇରାତ ଉତ୍ସରୁ ଆୟ ବାବଦ, କ୍ଷୁଦ୍ର ଜଙ୍ଗଲ ଜାତ ଦ୍ରବ୍ୟ ଆୟ ଏବଂ ଅନ୍ଟାଇଡ୍ ଗ୍ରାଣ୍ଟରୁ ବାର୍ଷିକ ଆବଣ୍ଟନ ପ୍ରଭୃତି ଅନେକ ବିଷୟରେ ପ୍ରସ୍ତାବ ଦିଆଯାଇଥିଲା।

ଦ୍ୱିତୀୟ ରାଜ୍ୟ ଅର୍ଥ କମିଶନ ସାଂସଦ ଶ୍ରୀଯୁକ୍ତ ତ୍ରିଲୋଚନ କାନୁନ୍‌ଗୋଙ୍କ ଅଧକ୍ଷତାରେ ଗଠିତ ହୋଇଥିଲା। ସେ ତାଙ୍କର ଚୂଡାନ୍ତ ରିପୋର୍ଟ ରାଜ୍ୟପାଳଙ୍କୁ ୨୯.୦୯.୨୦୦୪ ମସିହାରେ ପ୍ରଦାନ କରିଛନ୍ତି । ରାଜ୍ୟ ଦ୍ୱିତୀୟ ଅର୍ଥ କମିଶନ ଅନେକଗୁଡିଏ ମୌଳିକ ବିଷୟ ତାଙ୍କ ରିପୋର୍ଟରେ ଉପସ୍ଥାପନ କରିଥିଲେ । 'ଆକ୍ସନ ଟେକେନ ରିପୋର୍ଟ' ରାଜ୍ୟ ବିଧାନସଭାରେ ୨୦୦୬ରେ ଉପସ୍ଥାପିତ ହୋଇସାରିଛି ।



ପ୍ରତି ପଞ୍ଚାୟତେ ସ୍ଥାୟୀ କମିଟି, ସାତଟି ବିଷୟେ ନେବେ ନିଷ୍ପତ୍ତି ।

# ରାଜ୍ୟ ନିର୍ବାଚନ କମିଶନ

ସମ୍ବିଧାନର ୭୩ ତମ ଓ ୭୪ତମ ସଂଶୋଧନ ଆଇନ୍ ବ୍ୟବସ୍ଥା ଅନୁସାରେ ପଞ୍ଚାୟତ ଓ ପୌରସଂସ୍ଥା ଗୁଡିକ ପାଇଁ ନିର୍ବାଚନ ପରିଚାଳନା, ନିର୍ଦ୍ଦେଶନା ଓ ନିୟନ୍ତ୍ରଣ ଦାୟିତ୍ୱ ରାଜ୍ୟ ନିର୍ବାଚନ କମିଶନଙ୍କ ହସ୍ତରେ ଅର୍ପଣ କରାଯାଇଛି । ୧୯୯୪ ମସିହାରୁ ଆମ ରାଜ୍ୟରେ ନିର୍ବାଚନ କମିଶନ ଗଠନ କରାଯାଇଛି । ୧୯୯୭ ମସିହାରେ ପ୍ରଥମେ ପଞ୍ଚାୟତ ଅନୁଷ୍ଠାନ ଏବଂ ପରେ ପୌର ଅନୁଷ୍ଠାନଗୁଡିକରେ ରାଜ୍ୟ ନିର୍ବାଚନ କମିଶନଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହାପରେ ୨୦୦୨ ଓ ୨୦୦୩ ମସିହାରେ ଯଥାକ୍ରମେ ପଞ୍ଚାୟତ ଏବଂ ପୌର ଅନୁଷ୍ଠାନ ଗୁଡିକରେ ନିର୍ବାଚନ ଅନୁଷ୍ଠିତ ହେବାପରେ ବିଭିନ୍ନ ସ୍ତରରେ ନିର୍ବାଚିତ ପ୍ରତିନିଧିମାନେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଆସୁଛନ୍ତି । ଉକ୍ତ ସଂସ୍ଥାଗୁଡିକର ଶାସନଭାର ଗ୍ରହଣ କରିବା ସହ ନିଜେ ଯୋଜନା ପ୍ରଣୟନକରି ସେ ସବୁଗୁଡିକୁ କାର୍ଯ୍ୟକାରୀ କରିବା ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କର କର୍ତ୍ତବ୍ୟ । ଏହାହିଁ ଉପରୋକ୍ତ ସମ୍ବିଧାନ ସଂଶୋଧନ ଆଇନ୍‌ର ମହତ୍ ଉଦ୍ଦେଶ୍ୟ । ରାଜ୍ୟର ପଞ୍ଚାୟତ ଅନୁଷ୍ଠାନ ଗୁଡିକ ପାଇଁ ପ୍ରାୟ ଠିକ୍ ସମୟରେ ଦ୍ୱିତୀୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲେ ମଧ୍ୟ ପୌର ସଂସ୍ଥା କ୍ଷେତ୍ରରେ ଏଥିରେ ପ୍ରାୟ ଏକ ବର୍ଷରୁ ଅଧିକ ବିଳମ୍ବରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଇତି ମଧ୍ୟରେ ପଞ୍ଚାୟତ ଅନୁଷ୍ଠାନ ଗୁଡିକର ତୃତୀୟ ନିର୍ବାଚନ ୨୦୦୭ ଫେବୃୟାରୀ ମାସରେ ଅନୁଷ୍ଠିତ ହୋଇଯାଇଛି ।

## ନିର୍ବାଚନ ପ୍ରକ୍ରିୟାର କେତେକ ଦିଗ:

- ପଞ୍ଚାୟତ ଓ ପୌର ନିର୍ବାଚନ କ୍ଷେତ୍ରରେ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳ, ବି.ଡି.ଓ, ତହସିଲଦାର ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ନିର୍ବାଚନ ଅଧିକାରୀ ଘୋଷଣା କରାଯାଇ ନିର୍ବାଚନ ସଂକ୍ରାନ୍ତୀୟ କେତେକ କ୍ଷମତା ଓ ଦାୟିତ୍ୱ ଦିଆଯାଇଥାଏ ।
- ୱାର୍ଡ ବିଭକ୍ତିକରଣ, ଭୋଟର ତାଲିକା ସଂଶୋଧନ, ଭୋଟକେନ୍ଦ୍ର ନିରୁପଣ, ପଞ୍ଚାୟତ ପୁନର୍ଗଠନ କ୍ଷେତ୍ରରେ ପଞ୍ଚାୟତ ଅନୁଷ୍ଠାନ ଓ ପ୍ରତିନିଧିମାନଙ୍କର ବିଶେଷ ଭୂମିକା ମଧ୍ୟ ରହିଛି ।
- ପଞ୍ଚାୟତ ଓ ପୌର ଅନୁଷ୍ଠାନ ଗୁଡିକର ପୁର୍ନଗଠନ ଏବଂ ସ୍ଥାନ ସଂରକ୍ଷଣ କାର୍ଯ୍ୟ ଅଦ୍ୟାବଧି ସରକାରଙ୍କ କ୍ଷମତା ପରିସରଭୁକ୍ତ ହେତୁ, ଜିଲ୍ଲା ପ୍ରଶାସନ ଜରିଆରେ ଏସବୁ କାର୍ଯ୍ୟରେ ପ୍ରଶାସନକୁ ସାହାଯ୍ୟ କରିବା ନିର୍ବାଚିତ ପ୍ରତିନିଧି ଏବଂ ଅନୁଷ୍ଠାନଗୁଡିକର ମଧ୍ୟ କର୍ତ୍ତବ୍ୟ ।
- କୌଣସି କାରଣ ଯୋଗୁଁ ପଞ୍ଚାୟତ ଓ ପୌର ପରିଷଦ ଗୁଡିକର ନିର୍ବାଚିତ ପ୍ରତିନିଧି ପଦ ପଦବୀ ଗୁଡିକ ଖାଲିହେଲେ ସେଗୁଡିକ ପୂରଣ କରିବା ନିମନ୍ତେ ପ୍ରଶାସନର ଦୃଷ୍ଟିକୁ ଆଣିବା ପ୍ରତିନିଧିମାନଙ୍କର କର୍ତ୍ତବ୍ୟ ।
- ଭୋଟର ତାଲିକା ସଂଶୋଧନ ଏବଂ ପ୍ରସ୍ତୁତି କାର୍ଯ୍ୟ ନିର୍ବାଚନ କମିଶନରଙ୍କ କର୍ତ୍ତବ୍ୟ । ଏଥିରେ ନିର୍ବାଚିତ ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ।
- ନୂତନ ପଞ୍ଚାୟତ ଗଠନ କିମ୍ବା ପଞ୍ଚାୟତ ପୁନଃଗଠନ କାର୍ଯ୍ୟରେ ରାଜ୍ୟ ସରକାର ତଥା ଜିଲ୍ଲା ଅଧିକାରୀଙ୍କୁ ସହଯୋଗ କରିବାରେ ପଞ୍ଚାୟତ ଅନୁଷ୍ଠାନ ଏବଂ ପଞ୍ଚାୟତ ପ୍ରତିନିଧି ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

# ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ କ୍ଷମତା ହସ୍ତାନ୍ତର

ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକୁ ଅଧିକ କାର୍ଯ୍ୟକ୍ଷମ କରାଇବା ପାଇଁ ନିମ୍ନମତେ ସରକାରଙ୍କ ତରଫରୁ ଏକ ନିର୍ଦ୍ଦେଶାବଳୀ ଦିଆଯାଇଛି । ଚିଠି ନଂ - I - PS - 2 / 2003 - 6 886 /PS ତା ୪.୩.୨୦୦୩ରେ ଏହି ନିର୍ଦ୍ଦେଶାବଳୀ ଜାରୀ ହୋଇଥିଲା ।

## ୧. କୃଷି ବିଭାଗ

୧.୧ ଜିଲ୍ଲାସ୍ତରୀୟ ଖରିଫ ଓ ରବି କାର୍ଯ୍ୟକ୍ରମଗୁଡିକର ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲା ପରିଷଦ ନିକଟରେ ଦାୟୀ ରହିବେ । ସେହିପରି ଜିଲ୍ଲା ମୃତ୍ତିକା ଅଧିକାରୀ ଓ ଜିଲ୍ଲା କୃଷି ଉଦ୍ୟାନ ଅଧିକାରୀ ମୃତ୍ତିକା ସଂରକ୍ଷଣ, ଜଳଛାୟା ଏବଂ କୃଷି ଉଦ୍ୟାନ କାର୍ଯ୍ୟକ୍ରମ ସଂପର୍କିତ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀତା ସଂପର୍କରେ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ ।

୧.୨ ଉପରୋକ୍ତ ଅଧିକାରୀମାନଙ୍କର ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ । ଏହି ଅଧିକାରୀମାନେ ସେମାନଙ୍କ ଅଧିନରେ ଥିବା କାର୍ଯ୍ୟାଳୟଗୁଡିକର କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ ।

୧.୩ ଜିଲ୍ଲା ପରିଷଦ ସଭାପତି ଉପରୋକ୍ତ ଯୋଜନାଗୁଡିକର ପର୍ଯ୍ୟବେକ୍ଷଣ କରିବେ । ସେ (ସଭାପତି) ମଧ୍ୟ ସେମାନଙ୍କ କାର୍ଯ୍ୟ ସମ୍ପାଦନା ବିଷୟରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ପ୍ରଦାନ କରିବେ । ବିଭାଗୀୟ ମୁଖ୍ୟ ଜିଲ୍ଲା ପରିଷଦଙ୍କ ଏହି ରିପୋର୍ଟ ଉପରେ ଆବଶ୍ୟକ ପଦକ୍ଷେପ ନେବେ ।

୧.୪ ଖରିଫ ଓ ରବି କାର୍ଯ୍ୟକ୍ରମଗୁଡିକର ପ୍ରସ୍ତୁତି ଓ ଅନୁମୋଦନ ନିମନ୍ତେ କନିଷ୍ଠ କୃଷି ଅଧିକାରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ । ପଞ୍ଚାୟତ ସମିତି ଅଧକ୍ଷ ଏହି କାର୍ଯ୍ୟକ୍ରମଗୁଡିକୁ ସମୀକ୍ଷା କରିବେ ଏବଂ କାର୍ଯ୍ୟ ସଂପାଦନ ସମ୍ବନ୍ଧରେ ଜିଲ୍ଲା ପରିଷଦକୁ ରିପୋର୍ଟ ପ୍ରଦାନ କରିବେ । ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ରିପୋର୍ଟ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟିକୁ ଆଣିବେ ।

୧.୫ ପଞ୍ଚାୟତ ସମିତି ଅଧକ୍ଷ, କନିଷ୍ଠ କୃଷି ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ । ଗ୍ରାମ୍ୟ କୃଷି କର୍ମୀ, ଗ୍ରାମ ପଞ୍ଚାୟତ ବୈଠକରେ ଯୋଗ ଦେବେ । ଗ୍ରାମ ପଞ୍ଚାୟତର ସରପଞ୍ଚ ଗ୍ରାମ୍ୟ କୃଷି କର୍ମୀ କେନ୍ଦ୍ର ପରିଦର୍ଶନ କରିବେ ଏବଂ ତାଙ୍କର କାର୍ଯ୍ୟ ସମ୍ପାଦନ ଉପରେ ରିପୋର୍ଟ କରିବେ । ଏହି ରିପୋର୍ଟ ବ୍ଲକ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ସମିତି ଅଧକ୍ଷଙ୍କ ନିକଟକୁ ପଠାଯିବ । ସେମାନେ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

## ୨. ସମବାୟ ବିଭାଗ

୨.୧ ପଞ୍ଚାୟତ ସମିତି ଉପନିବନ୍ଧକ/ସହକାରୀ ନିବନ୍ଧକ କୃଷି ଋଣ ପ୍ରସ୍ତୁତି ଓ ମଞ୍ଜୁରୀ ବିଷୟରେ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ। ଜିଲ୍ଲା ପରିଷଦ ସଭାପତି ପ୍ରାଥମିକ ସମବାୟ ସମିତିଗୁଡ଼ିକୁ ପରିଦର୍ଶନ କରି ତାଙ୍କର ପ୍ରସ୍ତାବ ପ୍ରଦାନ କରିବେ ଏବଂ ସମବାୟ କାର୍ଯ୍ୟକ୍ରମଗୁଡ଼ିକ ସୁପରିଚାଳନା ନିମନ୍ତେ ସୁପାରିଶ କରିବେ।

୨.୨ ସମବାୟ ସମିତି ଉପନିବନ୍ଧକ/ସହକାରୀ ନିବନ୍ଧକଙ୍କୁ ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ, କିନ୍ତୁ ଉପନିବନ୍ଧକ/ସହକାରୀ ନିବନ୍ଧକ ସେମାନଙ୍କ ଅଧସ୍ତନ କର୍ମଚାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୨.୩ ଜିଲ୍ଲା ପରିଷଦ ସଭାପତି ଉପନିବନ୍ଧକ / ସହକାରୀ ନିବନ୍ଧକଙ୍କ କାର୍ଯ୍ୟ ସମ୍ପାଦନ ଉପରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ଦେବେ। ବିଭାଗୀୟ ମୁଖ୍ୟ ଏହି ରିପୋର୍ଟ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୨.୪ ପଞ୍ଚାୟତ ସମିତି ସ୍ତରରେ କୃଷିଋଣ ପ୍ରସ୍ତୁତି ଓ ମଞ୍ଜୁର ପାଇଁ ସମବାୟ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ ସମିତି ପାଖରେ ଉତ୍ତରଦାୟୀ ରହିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରାଥମିକ ସମବାୟ ସମିତି ପରିଦର୍ଶନ କରିପାରିବେ ଏବଂ କୃଷି ଋଣ କାର୍ଯ୍ୟକାରୀତା ପାଇଁ ପରାମର୍ଶ ଦେଇ ପାରିବେ। ସରପଞ୍ଚ ପ୍ରାଥମିକ ସମବାୟ ସମିତି ଉପରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ରିପୋର୍ଟ କରିପାରିବେ।

## ୩. ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

୩.୧ ପ୍ରାଥମିକ ଶିକ୍ଷା, ଅଣ ଆନୁଷ୍ଠାନିକ ଶିକ୍ଷା ଓ ପୌଢ ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ ଜିଲ୍ଲା ଶିକ୍ଷା ନିରୀକ୍ଷକ, ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୩.୨ ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ/ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କର ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ। ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ/ଜିଲ୍ଲା ଶିକ୍ଷା ନିରୀକ୍ଷକ ସେମାନଙ୍କର ଅଧିନରେ ଥିବା ଅନ୍ୟ ଅଧିକାରୀମାନଙ୍କ ଛୁଟି ମଞ୍ଜୁର କରିବେ।

୩.୩ ଜିଲ୍ଲା ପରିଷଦ ସଭାପତିଙ୍କ ମତାମତ ଓ ରିପୋର୍ଟକୁ ବିଭାଗୀୟ ମୁଖ୍ୟ ବିଚାର କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୩.୪ ପ୍ରାଥମିକ ଶିକ୍ଷା, ପୌଢ ଶିକ୍ଷା ଓ ଅଣଆନୁଷ୍ଠାନିକ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ବିଦ୍ୟାଳୟର ଉପନିରୀକ୍ଷକ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ। ପ୍ରାଥମିକ ଶିକ୍ଷକମାନଙ୍କର ବେତନ ଗ୍ରହଣ ଓ ବିତରଣ ନିମନ୍ତେ ସେ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ସାହାଯ୍ୟ କରିବେ।

୩.୫ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କୁ ନେଇ ଗଠିତ ଏକ କମିଟି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ପଞ୍ଚାୟତ ସମିତି ମଧ୍ୟରେ ବଦଳି କରିପାରିବେ। ପଞ୍ଚାୟତ ସମିତି ମଧ୍ୟରେ ବଦଳି କ୍ଷେତ୍ରରେ ସରପଞ୍ଚଙ୍କ ସୁପାରିଶକୁ ଆବଶ୍ୟକୀୟ ଗୁରୁତ୍ୱ ଦିଆଯିବ। ଯଦି ଗୋଟିଏ ପଞ୍ଚାୟତ ସମିତିରୁ ଆଉ ଗୋଟିଏ ପଞ୍ଚାୟତ ସମିତିକୁ ଜଣେ ଶିକ୍ଷକଙ୍କୁ ବଦଳି କରାଯିବା ନିମନ୍ତେ ବିଚାର କରାଯାଏ. ତେବେ ଉପରୋକ୍ତ କମିଟି ଉକ୍ତ ବିଷୟକୁ ଜିଲ୍ଲା ପରିଷଦକୁ ସୁପାରିଶ କରିପାରିବେ। ଜିଲ୍ଲା ପରିଷଦର ସଭାପତି, ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ବିଦ୍ୟାଳୟ ମଣ୍ଡଳ ନିରୀକ୍ଷକ ଓ ଜିଲ୍ଲା ଶିକ୍ଷା ନିରୀକ୍ଷକଙ୍କୁ ନେଇ ଗଠିତ କମିଟି ଶିକ୍ଷା ଜିଲ୍ଲା ମଧ୍ୟରେ ଗୋଟିଏ ପଞ୍ଚାୟତ ସମିତିରୁ ଆଉ ଗୋଟିଏ ପଞ୍ଚାୟତ ସମିତିକୁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ବଦଳି ସଂକ୍ରାନ୍ତରେ ନିଷ୍ପତ୍ତି ନେବେ।

୩.୬ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ସରପଞ୍ଚ ପ୍ରାଥମିକ ବିଦ୍ୟାଳୟ. ଅଣଆନୁଷ୍ଠାନିକ ଶିକ୍ଷା ଓ ପୌଢ ଶିକ୍ଷା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିପାରିବେ।

୩.୭ ସରପଞ୍ଚ କେବଳ ପ୍ରାଥମିକ ବିଦ୍ୟାଳୟ ମାନଙ୍କର ପ୍ରଧାନ ଶିକ୍ଷକ ବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ସରପଞ୍ଚ ଶିକ୍ଷକମାନଙ୍କ ଉପସ୍ଥାନ ଯାଞ୍ଚ କରିପାରିବେ ଓ ସେମାନଙ୍କ ଅନୁପସ୍ଥିତି ସମ୍ପର୍କରେ ରିପୋର୍ଟ କରିପାରିବେ। ଏହି ରିପୋର୍ଟ ଉପରେ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ/ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକମାନଙ୍କର ସାମୟିକ ଛୁଟି ମଞ୍ଜୁର କରିବେ।

## ୪. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

୪.୧ ସାଧାରଣ ଯୋଗାଣ ବ୍ୟବସ୍ଥା ସଂକ୍ରାନ୍ତରେ ଜିଲ୍ଲା ଯୋଗାଣ ଅଧିକାରୀ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୪.୨ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ। ଜିଲ୍ଲା ଯୋଗାଣ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୪.୩ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦର ସଭାପତି ଦେଇଥିବା ରିପୋର୍ଟକୁ ବିଭାଗୀୟ ମୁଖ୍ୟ ଗୁରୁତ୍ୱ ପ୍ରଦାନ କରିବେ।

୪.୪ ସାଧାରଣ ବଣ୍ଟନ ବ୍ୟବସ୍ଥା ନିମନ୍ତେ ଯୋଗାଣ ନିରୀକ୍ଷକ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୪.୫ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରିପୋର୍ଟ ଦେଇପାରିବେ। ସେ ଏହି ରିପୋର୍ଟ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ପଦ-ପ୍ରଯୁକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସଭାପତିଙ୍କ ନିକଟକୁ ପଠାଇପାରିବେ। ଏହି ରିପୋର୍ଟ ଉପରେ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୫. ଅନୁସୂଚୀତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

୫.୧ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା କଲ୍ୟାଣ ଅଧିକାରୀ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୫.୨ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ। ଜିଲ୍ଲା କଲ୍ୟାଣ ଅଧିକାରୀ ତାଙ୍କ ଅଧସ୍ଥନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୫.୩ ଜିଲ୍ଲା କଲ୍ୟାଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତି ବିଭାଗୀୟ ମୁଖ୍ୟଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ କରିପାରିବେ।

୫.୪ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ନିମନ୍ତେ ସେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୫.୫ ସରପଞ୍ଚ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ସେବାଶ୍ରମ ପରିଦର୍ଶନ କରିପାରିବେ, ଏଗୁଡ଼ିକର ଉନ୍ନତି ନିମନ୍ତେ ପ୍ରସ୍ତାବ ଦେଇପାରିବେ ଏବଂ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଓ ସେବାଶ୍ରମ ଶିକ୍ଷକମାନଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିପାରିବେ। ଏହି ରିପୋର୍ଟ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତଥା ପଦପ୍ରଯୁକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଓ ଜିଲ୍ଲା ପରିଷଦ ସଭାପତିଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବେ।

୫.୬ ସରପଞ୍ଚ କେବଳ ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କର ସାମୟିକ ଛୁଟି ମଞ୍ଜୁର କରିବେ। ପ୍ରଧାନ ଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନ୍ୟ ସରକାରୀ ଶିକ୍ଷକମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

## ୬. ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

୬.୧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ। ଜିଲ୍ଲା ପରିଷଦ ସଭାପତି ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିଦର୍ଶନ କରି ତାଙ୍କ ସୁପାରିଶ ବିଭାଗୀୟ ମୁଖ୍ୟଙ୍କୁ ପଠାଇ ପାରିବେ। ଜିଲ୍ଲା ପରିଷଦ ସଭାପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ କରିପାରିବେ। ବିଭାଗୀୟ ମୁଖ୍ୟ ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

୬.୨ ଜିଲ୍ଲା ପରିଷଦ ସଭାପତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କ ଅଧୀନରେ ଥିବା ଅନ୍ୟ ଡାକ୍ତରମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୬.୩ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର/ହସ୍‌ପିଟାଲ ଡାକ୍ତରମାନେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର/ହସ୍‌ପିଟାଲଗୁଡ଼ିକୁ ପରିଦର୍ଶନ କରିପାରିବେ।

୬.୪ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର/ହସ୍‌ପିଟାଲର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁର କରିବେ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର/ହସ୍‌ପିଟାଲର ଭାରପ୍ରାପ୍ତ ଅଧିକାରୀ ଅନ୍ୟ ଡାକ୍ତରମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୬.୫ ଆବଶ୍ୟକ ସ୍ଥଳେ ଡାକ୍ତରମାନଙ୍କ ଉପସ୍ଥିତି ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

୬.୬ ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ ଓ ଏ.ଏନ.ଏମ୍.ମାନେ ଗ୍ରାମ ପଞ୍ଚାୟତ ବୈଠକରେ ଯୋଗଦେବେ ଓ ଗ୍ରାମ୍ୟ ସ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ନିମନ୍ତେ ଗ୍ରାମ ପଞ୍ଚାୟତର ଦାୟିତ୍ୱାଧିନ ରହିବେ।

୬.୭ ସରପଞ୍ଚ ଓ ନାଏବ ସରପଞ୍ଚ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଗ୍ରାମ ସ୍ୱାସ୍ଥ୍ୟ କର୍ମୀ / ଏ.ଏନ.ଏମ୍.ମାନଙ୍କର ସାମୟିକ ଛୁଟି ମଞ୍ଜୁର କରିବେ।

୬.୮ ଆବଶ୍ୟକସ୍ଥଳେ ଗ୍ରାମ୍ୟ ସ୍ୱାସ୍ଥ୍ୟ କର୍ମୀ ଓ ଏ.ଏନ.ଏମ୍.ମାନଙ୍କର ଉପସ୍ଥାନ ସମ୍ପର୍କରେ ସରପଞ୍ଚ/ନାଏବ ସରପଞ୍ଚ (ଯିଏ ମହିଳା ହୋଇଥିବେ) ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର / ହସପିଟାଲ ଚିକିତ୍ସା ଅଧିକାରୀ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ନିକଟକୁ ରିପୋର୍ଟ ପଠାଇବେ।

## ୭. ମହିଳା ଓ ଶିଶୁବିକାଶ ବିଭାଗ

୭.୧ ସାମାଜିକ ନିରାପତ୍ତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୭.୨ ଜିଲ୍ଲା ପରିଷଦ ସଭାପତି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୭.୩ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ବନ୍ଧରେ ଜିଲ୍ଲା ପରିଷଦ ସଭାପତିଙ୍କ ରିପୋର୍ଟକୁ ବିଭାଗୀୟ ମୁଖ୍ୟ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରିବେ।

୭.୪ ସାମାଜିକ ନିରାପତ୍ତା ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସାମାଜିକ ଶିକ୍ଷା ସଂଗଠକ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୭.୫ ପଞ୍ଚାୟତ ସମିତି ଅଧ୍ୟକ୍ଷ/ଉପାଧ୍ୟକ୍ଷଙ୍କ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କର ଛୁଟି ମଞ୍ଜୁର କରିବେ।

୭.୬ ପଞ୍ଚାୟତ ସମିତି ଅଧ୍ୟକ୍ଷ ସମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ପ୍ରସ୍ତାବ ତଥା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସାମାଜିକ ଶିକ୍ଷାସଂଗଠକଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ରିପୋର୍ଟ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇପାରିବେ।

୭.୭ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ମଧ୍ୟରୁ ଯିଏ ମହିଳା ହୋଇଥିବେ ସେ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥାନ ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ରିପୋର୍ଟ କରିବେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏହାକୁ ବିଚାରକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

## ୮. ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ

୮.୧ ଜିଲ୍ଲାରେ ଗୋପାଳନ ଓ ମତ୍ସ୍ୟ ଚାଷ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ସହକାରୀ ମତ୍ସ୍ୟ ନିର୍ଦ୍ଦେଶକ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୮.୨ ଉପରୋକ୍ତ ଅଧିକାରୀମାନଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦ ସଭାପତି ମଞ୍ଜୁର କରିବେ। ଏହି ଅଧିକାରୀମାନେ ନିଜନିଜ କାର୍ଯ୍ୟାଳୟର ଅଧସ୍ତନ ଅଧିକାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୮.୩ ଉପରୋକ୍ତ ଅଧିକାରୀଙ୍କମାନଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦ ସଭାପତି ବିଭାଗୀୟ ମୁଖ୍ୟଙ୍କୁ ରିପୋର୍ଟ ପଠାଇପାରିବେ। ବିଭାଗୀୟ ମୁଖ୍ୟ ଏହି ରିପୋର୍ଟକୁ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରିବେ।

୮.୪ ବ୍ଲକ ସ୍ତରରେ ଗୋପାଳନ ଓ ମତ୍ସ୍ୟ ଚାଷ କାର୍ଯ୍ୟକ୍ରମ ନିମନ୍ତେ ସହକାରୀ ପଶୁଚିକିତ୍ସକ ଓ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୮.୫ ସହକାରୀ ପଶୁ ଚିକିତ୍ସକଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁର କରିବେ।

୮.୬ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଶୁ ଚିକିତ୍ସା କେନ୍ଦ୍ର ଓ ପଶୁ ଚିକିତ୍ସା ସହାୟକ କେନ୍ଦ୍ର (ଷ୍ଟାଂ) ପରିଦର୍ଶନ କରିପାରିବେ।

୮.୭ ସହକାରୀ ପଶୁ ଚିକିତ୍ସକ ଏବଂ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ରିପୋର୍ଟକୁ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପଯୁକ୍ତ ଗୁରୁତ୍ୱ ଦେବେ।

୮.୮ ପଶୁଧନ ନିରୀକ୍ଷକଙ୍କ (ଂଚନ) ଉପସ୍ଥାନ ସମ୍ପର୍କରେ ସରପଞ୍ଚ, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ସହକାରୀ ପଶୁ ଚିକିତ୍ସକଙ୍କୁ ରିପୋର୍ଟ କରିପାରିବେ। ଏହି ରିପୋର୍ଟ ସଂକ୍ରାନ୍ତରେ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୯. ଗ୍ରାମ୍ୟ ଉନ୍ନୟନ ବିଭାଗ

୯.୧ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ /ସରକାରୀ ଯନ୍ତ୍ରୀ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୯.୨ ଜିଲ୍ଲା ପରିଷଦ ସଭାପତି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ନିର୍ବାହୀ ଯନ୍ତ୍ରୀ ତାଙ୍କ ଅଧୀନରେ କାମ କରୁଥିବା ଅନ୍ୟ ଅଧିକାରୀମାନଙ୍କ ଛୁଟି ମଞ୍ଜୁର କରିବେ।

୯.୩ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ / ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ନିର୍ବାହ କରାଯାଉଥିବା କାର୍ଯ୍ୟକୁ ଜିଲ୍ଲା ପରିଷଦ ସଭାପତି ପର୍ଯ୍ୟବେକ୍ଷଣ କରିପାରିବେ। ସେ (ସଭାପତି) ନିର୍ବାହୀ ଯନ୍ତ୍ରୀ / ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ବିଭାଗୀୟ ମୁଖ୍ୟଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପ୍ରେରଣ କରିପାରିବେ।

୯.୪ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କନିଷ୍ଠ ଯନ୍ତ୍ରୀ ପାନୀୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟକ୍ରମ ନିମନ୍ତେ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୯.୫ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

## ୧୦. ପଞ୍ଚାୟତିରାଜ ବିଭାଗ

୧୦.୧ ବ୍ଲକ୍ ଉନ୍ନୟନ ଅଧିକାରୀ, ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ ଏବଂ ସଂପ୍ରସାରଣ ଅଧିକାରୀମାନେ ସେମାନଙ୍କ ଉପରେ ନ୍ୟସ୍ତ କାର୍ଯ୍ୟ ନିମନ୍ତେ ପଞ୍ଚାୟତ ସମିତି ପାଖରେ ଉତ୍ତରଦାୟୀ ରହିବେ।

୧୦.୨ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବ୍ଲକ ଉନ୍ନୟନ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ। ପଞ୍ଚାୟତ ସମିତିରେ କାର୍ଯ୍ୟରତ ଅନ୍ୟ ଅଧିକାରୀମାନଙ୍କ ସାମୟିକ ଛୁଟି ବ୍ଲକ ଉନ୍ନୟନ ଅଧିକାରୀ ମଞ୍ଜୁର କରିବେ।

୧୦.୩ ଗ୍ରାମ ସେବକଙ୍କ ଉପସ୍ଥାନ ସଂପର୍କରେ ସରପଞ୍ଚ ରିପୋର୍ଟ ପ୍ରଦାନ କରିପାରିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବ୍ଲକ ଉନ୍ନୟନ ଅଧିକାରୀ ଏହି ରିପୋର୍ଟକୁ ଯଥାଯଥ ବିଚାର କରିବେ।

## ୧୧. ଜଳସଂପଦ ବିଭାଗ

୧୧.୧ ୧୦୦ ଏକର ଆୟାକଟ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଚାଳନା ନିମନ୍ତେ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଜିଲ୍ଲା ପରିଷଦ ପାଖରେ ଉତ୍ତରଦାୟୀ ରହିବେ।

୧୧.୨ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ଜିଲ୍ଲା ପରିଷଦର ସଭାପତି ମଞ୍ଜୁର କରିବେ। ନିର୍ବାହୀ ଯନ୍ତ୍ରୀ ତାଙ୍କ ଅଧସ୍ତନ ଅଧିକାରୀମାନଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

୧୧.୩ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ଜିଲ୍ଲା ପରିଷଦର ସଭାପତିଙ୍କ ରିପୋର୍ଟକୁ ବିଭାଗୀୟ ମୁଖ୍ୟ ଯଥାଯଥ ଗୁରୁତ୍ୱ ପ୍ରଦାନ କରିବେ।

୧୧.୪ ୧୦୦ ଏକର ଆୟାକଟ ପର୍ଯ୍ୟନ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପରିଚାଳନା ନିମନ୍ତେ ସମ୍ପୃକ୍ତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଞ୍ଚାୟତ ସମିତିର ଦାୟିତ୍ୱାଧୀନ ରହିବେ।

୧୧.୫ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀଙ୍କ ସାମୟିକ ଛୁଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ମଞ୍ଜୁର କରିବେ। କନିଷ୍ଠ ଯନ୍ତ୍ରୀମାନଙ୍କ ସାମୟିକ ଛୁଟି ସହକାରୀ ଯନ୍ତ୍ରୀ ମଞ୍ଜୁର କରିବେ।


୧୧.୬ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କର କାର୍ଯ୍ୟ ସମ୍ପାଦନ ସମ୍ପର୍କରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରିପୋର୍ଟ ପଠାଇ ପାରିବେ।

## କାର୍ଯ୍ୟ ନିର୍ବାହୀ ଅଧିକାରୀ

- ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ପୂର୍ବବତ୍ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପୂର୍ବବତ୍ ଜିଲ୍ଲା ପରିଷଦର ଯଥାକ୍ରମେ ନିର୍ବାହୀ ଅଧିକାରୀ ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରିବେ।
- ବ୍ଲକ୍ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିବେ।
- ଗ୍ରାମ ସେବକ ଓ ଗ୍ରାମ୍ୟ କୃଷି କର୍ମୀମାନେ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ହେବେ। ଏଥିପାଇଁ ପଞ୍ଚାୟତ ସମିତି ଗ୍ରାମ୍ୟ କୃଷିକର୍ମୀ ଗ୍ରାମ ସେବକଙ୍କୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଅବସ୍ଥାପନ କରିବାପାଇଁ ନିର୍ଦ୍ଦିଷ୍ଟ ଆଦେଶ ଦେବେ। ଗ୍ରାମ୍ୟ କୃଷି କର୍ମୀ କିମ୍ବା ଗ୍ରାମ୍ୟ ସେବକମାନେ ନିର୍ବାହୀ ଅଧିକାରୀ ଭାବରେ ସରକାରଙ୍କ ସ୍ଥିରୀକୃତ ଜବ୍‌ଚାର୍ଟ ଅନୁସାରେ କର୍ତ୍ତବ୍ୟ ସମ୍ପାଦନ କରିବେ।
- ସରପଞ୍ଚ ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସାମୟିକ ଛୁଟି ମଞ୍ଜୁର କରିବେ।

## ଉତ୍ତରଦାୟିତ୍ୱ

- ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ହସ୍ତାନ୍ତର ହୋଇଥିବା କାର୍ଯ୍ୟକ୍ରମଗୁଡିକ ନିମନ୍ତେ ସମ୍ପୃକ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀମାନେ ଯଥାକ୍ରମେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ବୈଠକମାନଙ୍କରେ ଯୋଗଦେବେ।
- ସେମାନେ ଯେଉଁ ବିଭାଗ ଦ୍ୱାରା ନିଯୁକ୍ତି ପାଇଛନ୍ତି, ସେହି ବିଭାଗର କର୍ମଚାରୀ ହିସାବରେ କାର୍ଯ୍ୟ କରିବେ ମାତ୍ର ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନର ଦାୟିତ୍ୱାଧୀନ ରହିବେ।
- ସେମାନେ ସେମାନଙ୍କର ପ୍ଲାନ ଓ ସ୍କିମ୍ ସମ୍ପୃକ୍ତ ପଞ୍ଚାୟତିରାଜ ଅନୁଷ୍ଠାନ ବୈଠକରେ ଆଲୋଚନା ଓ ଅନୁମୋଦନ ପାଇଁ ଉପସ୍ଥାନ କରିବେ।
- ସମୁଚିତ ସ୍ତରରେ କାର୍ଯ୍ୟରତ ଅଧିକାରୀ /କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରିବା କ୍ଷମତା ଜିଲ୍ଲା ପରିଷଦର ସଭାପତି, ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ଗ୍ରାମ ପଞ୍ଚାୟତର ସରପଞ୍ଚ ନିକଟରେ ନ୍ୟସ୍ତ କରାଯାଇଛି। ସେମାନେ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆବଶ୍ୟକ ହେଉଥିବା ତଥ୍ୟ ଓ ରିପୋର୍ଟ ମାଗି ପାରିବେ। ସେମାନେ (ସଭାପତି/ଅଧ୍ୟକ୍ଷ /ସରପଞ୍ଚ) ସମୁଚିତ ପଞ୍ଚାୟତିରାଜ ଅନୁଷ୍ଠାନ ସ୍ତରୀୟ ଅନୁସାରେ ଉପଯୁକ୍ତ ସ୍ତରକୁ ପ୍ରସ୍ତାବ ପଠାଇପାରିବେ।
- ସେମାନେ ତାଙ୍କର ଅନୁଷ୍ଠାନରେ କାର୍ଯ୍ୟକରୁଥିବା ଅଧିକାରୀ/କ୍ଷେତ୍ରକର୍ମଚାରୀମାନଙ୍କ କାର୍ଯ୍ୟ ମାନବୃଦ୍ଧି ପାଇଁ ପ୍ରସ୍ତାବ / ସୁପାରିଶ ପଠାଇବେ।
- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଭାବେ ଜିଲ୍ଲା ପରିଷଦ ତରଫରୁ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କଠାରୁ ରିପୋର୍ଟ ମାଗିପାରିବେ ଏବଂ ତାହା ଜିଲ୍ଲା ପରିଷଦ ସଭାପତିଙ୍କ ନିକଟରେ ଉପସ୍ଥାପନ କରିବେ। ଆବଶ୍ୟକତାନୁଯାୟୀ ଉକ୍ତ ସଭାରେ ନିର୍ବାହୀ ଅଧିକାରୀ ସ୍ପଷ୍ଟୀକରଣ ଦେଇପାରିବେ।
- ବିଭିନ୍ନ ବିଭାଗ କାର୍ଯ୍ୟାବଳୀକୁ ବିଚାରକୁ ନେଇ ଜିଲ୍ଲା ପରିଷଦ ସଭାପତି ବିଭାଗୀୟ ମୁଖ୍ୟ ଓ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବେ। ଜିଲ୍ଲା ପରିଷଦରୁ ଆସିଥିବା ପ୍ରସ୍ତାବ ଗୁଡିକ ଉପରେ ବିଭାଗୀୟ ମୁଖ୍ୟ ଓ ସମ୍ପୃକ୍ତ ବିଭାଗ ଦ୍ୱାରା ଯଥୋଚିତ ବିଚାର କରାଯିବ ଏବଂ ତାହା ଉପରେ ନିଆଯାଇଥିବା ନିଷ୍ପତ୍ତିକୁ ପଞ୍ଚାୟତିରାଜ ଅନୁଷ୍ଠାନକୁ ଜଣାଇ ଦିଆଯିବ।




# ଆସ...
# ସଙ୍ଗଠିତ ହେବା ।

## ଦୁର୍ନୀତି ଓ ଶୋଷଣର ବାଟ ବନ୍ଦ୍ କରିବା ।

## ଆମ ଗାଁର ବିକାଶ ଆମେ କରିବା ।



''ମୁଁ ଏପରି ଏକ ଭାରତବର୍ଷ ଚାହୁଁଛି, ଯେଉଁଥିରେ
ସମାଜର ସବୁଠାରୁ ଗରିବତମ ଲୋକ ମଧ୍ୟ ଅନୁଭବ
କରିପାରିବ ଯେ, ଏ ଦେଶ ତା'ର ଏବଂ ଦେଶ
ଗଠନରେ ତା'ର ଏକ ନିର୍ଦ୍ଦିଷ୍ଟ ଭୂମିକା ଅଛି''

- ମହାତ୍ମା ଗାନ୍ଧୀ

ପ୍ରତି ଖଣ୍ଡ - ଟ.୨୦.୦୦